


ମୁମ୍ବାଇରେ 'ପେଡ୍ଡି'ର ଟ୍ରେଲର୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-316 • FRIDAY • 15 MAY 2026 • PAGE-12 • ₹ 7.00 | SAMBALPUR | • ବର୍ଷ-୪୩ • ସଂଖ୍ୟା-୩୧୬ • ଶୁକ୍ରବାର • ୧୫ ମେ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦


# ସାରା ରାଜ୍ୟରେ ତେଲ ଆତଙ୍କ

## ଅଧା ପେଟ୍ରୋଲ ପମ୍ପରେ 'ନୋ ଷ୍ଟକ୍' ବୋର୍ଡ





- ପମ୍ପ ଆଗରେ ଲାଗିଛି ଗ୍ରାହକଙ୍କ ଲମ୍ବା ଧାଡ଼ି
- ବାଇକକୁ ୧୦୦, କାରକୁ ୫୦୦ ଟଙ୍କାର ତେଲ
- ରାଜ୍ୟରେ ଗଡ଼ିଲା ନାହିଁ ୨୦୦୦ରୁ ଊର୍ଦ୍ଧ୍ୱ ବସ୍
- ସ୍ଥିତି ନ ସୁଧୁରିଲେ ବସ୍ ଚଳାଚଳ ବନ୍ଦ: ସଂଘ

■ ଭୁବନେଶ୍ୱର, ୧୪।୫ (ସମିସ): ରାଜ୍ୟରେ ତୀବ୍ର ହୋଇଛି ତେଲ ସଙ୍କଟ। ଗତ ୪-୫ ଦିନ ହେବ କୋରାପୁଟ, ରାୟଗଡା, କଳାହାଣ୍ଡି, ସୁନ୍ଦରଗଡ, ଗଞ୍ଜାମ ଏବଂ ଝାରସୁଗୁଡା ଆଦି ଜିଲାଗୁଡିକରୁ ଆରମ୍ଭ ହୋଇଥିବା ଏହି ସମସ୍ୟା ଏବେ ସାରା ରାଜ୍ୟକୁ ବ୍ୟାପିଛି। ରାଜଧାନୀଠାରୁ ରାଉରକେଲା, ବାଲେଶ୍ୱରରୁ ମାଲକାନଗିରି ଯାଏ ଅଧିକାଂଶ ସ୍ଥାନରେ ପେଟ୍ରୋଲ ପମ୍ପ ବନ୍ଦ। ପେଟ୍ରୋଲ ଓ ଡିଜେଲ ନ ଥିବାରୁ ଅଧିକାଂଶ ପେଟ୍ରୋଲ ପମ୍ପ 'ନୋ ଷ୍ଟକ୍' ବୋର୍ଡ ଲଗାଇଛନ୍ତି। ଯେଉଁଠି ତେଲ ଷ୍ଟକ ଅଛି, ସେଠାରେ ଲାଗିଛି ଗ୍ରାହକଙ୍କ ଲମ୍ବା ଧାଡ଼ି। ରାଜଧାନୀରେ ଏପରି ଚିତ୍ର ଦେଖିବାକୁ ମିଳିଥିବା ବେଳେ ଉପାନ୍ତ ଅଞ୍ଚଳରେ ସ୍ଥିତି ଅତ୍ୟନ୍ତ ସଙ୍ଗୀନ। ଅଧିକାଂଶ ପେଟ୍ରୋଲ ପମ୍ପ ବନ୍ଦ ରହିଛି। ଡିଜେଲ ଅଭାବରୁ ରାଜ୍ୟରେ ପ୍ରାୟ ୨୦୦୦ ବସ୍ ଚଳାଚଳ ବନ୍ଦ ରହିଛି। ସ୍ଥିତି ନ ସୁଧୁରିଲେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ବସ୍ ମାଲିକ ସଂଘ ଚେତାବନୀ ଦେଇଛି।

ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତିକୁ ନଜରରେ ରଖି ପେଟ୍ରୋଲ ଓ ଡିଜେଲ୍ ନିୟନ୍ତ୍ରଣ କରିବାକୁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅପିଲ ପରେ ତେଲକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଆଗକୁ କାଲେ ତେଲ ମିଳିବନି, ତେଲ ଦର ବଢ଼ିଯିବ, ସେଇ ଆଶଙ୍କାରେ ଅନେକ ସ୍ଥାନରେ ଲୋକେ ଅଧିକ ମାତ୍ରାରେ ପେଟ୍ରୋଲ ନେଉଥିବାରୁ ଟାଙ୍କି ଗୁଡିକରେ ଷ୍ଟକ୍ ଶେଷ ହୋଇଯାଉଛି। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ପୁରୀ, ରାଉରକେଲା, ବାଲେଶ୍ୱର, ଜୟପୁର, ଅନୁଗୋଳ, ଭଦ୍ରକ, ସମ୍ବଲପୁର, କେନ୍ଦ୍ରାପଡ଼ା ଏବଂ କେନ୍ଦୁଝର ଆଦି ସହରଗୁଡିକରେ ସ୍ଥିତି ବହୁତ ଖରାପ। କେତେକ ସ୍ଥାନରେ ମୋଟର ସାଇକେଲ୍ ପିଛା ୧୦୦ ଟଙ୍କାର ଏବଂ କାର ପିଛା ୫୦୦ ଟଙ୍କାର ତେଲ ଦିଆଯାଉଛି। ଭୁବନେଶ୍ୱରର ଖଣ୍ଡଗିରି ସ୍ଥିତ ପେଟ୍ରୋଲ ପମ୍ପରେ ବାଇକ୍, ▶ପୃଷ୍ଠା-୭

# ପାଇକାରୀ ମୁଦ୍ରାସ୍ଫୀତି ୪୨ ମାସରେ ସର୍ବାଧିକ

**ଏପ୍ରିଲରେ ୮.୩%**

## ଆଗକୁ ଅସମ୍ଭାଳ ହେବ ବଜାର ସ୍ଥିତି

## ପୁଣି ବଢ଼ିବ ଖୁଚୁରା ମୁଦ୍ରାସ୍ଫୀତି

■ ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଏପ୍ରିଲ ମାସରେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ଦ୍ରୁତ ବୃଦ୍ଧି ଘଟିଛି। ଦେଶରେ ଏପ୍ରିଲ ମାସରେ ପାଇକାରୀ ମୁଦ୍ରାସ୍ଫୀତି ୮.୩%ରେ ପହଞ୍ଚିଛି, ଯାହା ବର୍ତ୍ତମାନ ସ୍ଥିତିରେ ସର୍ବାଧିକ। ଏହି ବୃଦ୍ଧିର ମୁଖ୍ୟ କାରଣ, ଇନ୍ଧନ ଏବଂ ଅଶୋଧିତ ତୈଳ ମୂଲ୍ୟରେ ହୋଇଥିବା ବୃଦ୍ଧି। ଯାହାର ପ୍ରଭାବ ଅର୍ଥନୀତି ଉପରେ ଦେଖିବାକୁ ମିଳୁଛି। ଏଥିଯୋଗୁଁ ପାଇକାରୀ ମୁଦ୍ରାସ୍ଫୀତି ବର୍ତ୍ତମାନ ୪୨ ମାସରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ପାଇକାରୀ ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୁଦ୍ରାସ୍ଫୀତି ହାର ମାର୍ଚ୍ଚରେ ୩.୮୮%ରୁ ବଢ଼ି ଏପ୍ରିଲରେ ୮.୩% ହୋଇଛି। ଆହୁରି ମଧ୍ୟ ଏହି ତଥ୍ୟ ଖୁଚୁରା ଏବଂ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟରେ ଥିବା ବଡ଼ ପାର୍ଥକ୍ୟକୁ ଦର୍ଶାଉଛି। ବିଶେଷଜ୍ଞ କହିଛନ୍ତି, ବିଶ୍ୱରେ ସାମଗ୍ରୀ ଏବଂ ଶକ୍ତିର ଉଚ୍ଚ ଦାମ୍ ଘରୋଇ ଯୋଗାଣ ଶୃଙ୍ଖଳା ଉପରେ ପ୍ରଭାବ ପକାଉଛି। ଫଳରେ ଏବେ ଉତ୍ପାଦନକାରୀଙ୍କ ଖର୍ଚ୍ଚ ଦ୍ରୁତ ଭାବରେ ବଢୁଛି। ଯାହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିବା ଆରମ୍ଭ ହୋଇଗଲାଣି। ସରକାରୀ ତଥ୍ୟ ଅନୁସାରେ, ଏପ୍ରିଲ ମାସରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ୩.୪୮%କୁ ବୃଦ୍ଧି ପାଇଛି। ଯେତେବେଳେକି ମାର୍ଚ୍ଚରେ ଏହା ୩.୪୦% ରହିଥିଲା। ଏଥିରେ ସବୁଠାରୁ ବଡ଼ କଥା ହେଉଛି, ୨୦୨୫ ଅକ୍ଟୋବରରେ ଦେଶରେ ▶ପୃଷ୍ଠା-୭

**ଦିଲ୍ଲୀରେ ଲଜ୍ଜା**

# ଚଳନ୍ତା ବସ୍‌ରେ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ଦିଲ୍ଲୀର ସରସ୍ୱତୀ ବିହାର ଅଞ୍ଚଳରେ ଏକ ଚଳନ୍ତା ସ୍ଲିପର ବସରେ ଜଣେ ମହିଳାଙ୍କୁ ପ୍ରାୟ ଦୁଇ ଘଣ୍ଟା ଧରି ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ୨୦୧୨ର କୁଖ୍ୟାତ ନିର୍ଭୟା ମାମଲାକୁ ପୁଣି ମନେ ପକାଇ ଦେଇଛି। ପୋଲିସ ଏହି ମାମଲାରେ ବିହାରରୁ ପଞ୍ଜୀକୃତ ହୋଇଥିବା ବସକୁ ଜବତ କରିବା ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମଇ ୧୧ ତାରିଖ ରାତିରେ ଜଣେ ମହିଳା କାମ ସାରି ଫେରୁଥିବା ସମୟରେ ବସର ଜଣେ କର୍ମଚାରୀଙ୍କୁ ସମୟ ପଚାରିଥିଲେ। କିନ୍ତୁ ସେହି ବ୍ୟକ୍ତି ଜଣକ ତାଙ୍କୁ ଜବରଦସ୍ତି ବସ୍ ଭିତରକୁ ଟାଣି ନେଇଥିଲେ। ବସଟି ନାଙ୍ଗଲୋଇ ଆଡ଼କୁ ଯାଉଥିବା ବେଳେ ଚଳନ୍ତା ଗାଡ଼ିରେ ଡ୍ରାଇଭର ଓ ହେଲ୍ପର ମହିଳାଙ୍କୁ ଦୁଇ ଘଣ୍ଟା ଧରି ଯୌନ ନିର୍ଯାତନା ଦେଇଥିଲେ। ବସର କାଚ ସିଲ୍ ଥିବାରୁ ଏବଂ ପରଦା ଲାଗିଥିବାରୁ ବାହାର ଲୋକ କିଛି ଜାଣିପାରି ନଥିଲେ। ସିସିଟିଭି ଫୁଟେଜ୍ ଆଧାରରେ ଦିଲ୍ଲୀ ପୋଲିସ ବସଟିକୁ ଚିହ୍ନଟ କରିଛି। ▶ପୃଷ୍ଠା-୭

# ୩୦ରୁ ଓଡ଼ିଶାରେ ଏସ୍‌ଆଇଆର୍

## ଘର ଘର ବୁଲି ତଥ୍ୟ ଯାଞ୍ଚ କରିବେ ୩୮୧୨୩ ବିଏଲ୍‌ଓ

## ରାଜନୈତିକ ଦଳ ପକ୍ଷରୁ ୨୭୭୨୩ ବୁଥ୍‌ସ୍ତରୀୟ ଏଜେଣ୍ଟ

## ଜୁଲାଇ ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

■ ଭୁବନେଶ୍ୱର, ୧୪।୫ (ସମିସ): ଭାରତୀୟ ନିର୍ବାଚନ ଆୟୋଗ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଭୋଟର ତାଲିକାର ତୃତୀୟ ପର୍ଯ୍ୟାୟ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଓଡ଼ିଶାରେ ଚଳିତ ମାସ ୩୦ ତାରିଖରୁ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ (ଏସ୍‌ଆଇଆର୍) ଆରମ୍ଭ ହେବା ନେଇ ନିର୍ବାଚନ ଆୟୋଗଙ୍କ ଦ୍ୱାରା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏବେ ଜନଗଣନା ପାଇଁ ଚାଲିଥିବା ଘର ଗଣନା ପ୍ରକ୍ରିୟା ସହ ସମନ୍ୱୟ ରକ୍ଷା କରି ଏହି ଏସ୍‌ଆଇଆର୍ ପାଇଁ ନିର୍ବାଚନ ଆୟୋଗଙ୍କ ଦ୍ୱାରା କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି। ରାଜ୍ୟରେ ଏସ୍‌ଆଇଆର୍ ଅଭିଯାନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ରାଜ୍ୟରେ ପ୍ରାୟ ୩୮୧୨୩ ଜଣ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲଓ) ନିୟୋଜିତ ହୋଇଥିବା ବେଳେ ସେମାନେ ସିଧାସଳଖ ଲୋକଙ୍କ ଘରକୁ ଯାଇ ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ।

ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ, ଚଳିତ ମେ ମାସ ୨୦ରୁ ୨୯ ତାରିଖ ମଧ୍ୟରେ କ୍ଷେତ୍ର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଓ ଆନୁଷଙ୍ଗିକ ମୁଦ୍ରଣ କାର୍ଯ୍ୟ ▶ପୃଷ୍ଠା-୭









# କାଳବୈଶାଖୀର ତାଣ୍ଡବ

## ଉତ୍ତରପ୍ରଦେଶରେ ଶତାଧିକ ମୃତ



ଲକ୍ଷ୍ନୌ, ୧୪।୫(ଏଜେନ୍ସି): ଗ୍ରୀଷ୍ମର ପ୍ରଚଣ୍ଡ ଦାହ ମଧ୍ୟରେ ପ୍ରକୃତିର ଆକସ୍ମାତ ରୁଦ୍ର ରୂପ ସମଗ୍ର ଉତ୍ତର ପ୍ରଦେଶକୁ ସ୍ତବ୍ଧ କରିଦେଇଛି। ଏକ ଶକ୍ତିଶାଳୀ ଓ ପ୍ରଳୟଙ୍କରୀ ଘୂର୍ଣ୍ଣିଝଡ଼ ଯୋଗୁଁ ରାଜ୍ୟର ୨୫ଟି ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବା ବେଳେ ପାଞ୍ଚଟି ଜିଲ୍ଲାରେ ମୃତ୍ୟୁର ବିଭୀଷିକା ରଚନା କରିଛି। ମାତ୍ର କିଛି ମିନିଟରେ ଏହି କରାଳ ତାଣ୍ଡବରେ ଅଦ୍ୟାବଧି ୧୧୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଗତ ବୁଧବାର ଅପରାହ୍ନରେ ଭାଦୋହୀ, ଫତେପୁର, ବୁଦାଉନ, ଚନ୍ଦୌଲି ଏବଂ ସୋନଭଦ୍ର ଜିଲ୍ଲା ଉପରେ ପ୍ରକୃତିର କୋପ ବର୍ଷିଥିଲା। ଭାଦୋହୀ ଜିଲ୍ଲାରେ ଏହାର ପ୍ରଭାବ ସବୁଠାରୁ ଭୟଙ୍କର ଥିଲା। ଘଣ୍ଟାପ୍ରତି ୫୦ରୁ ୧୦୦ କିଲୋମିଟର ବେଗରେ ପ୍ରବାହିତ ଧୂଳିଝଡ଼ ଓ ବଜ୍ରପାତର ସମ୍ମିଳିତ ପ୍ରକୋପରେ ଶତାଧିକ ବୃକ୍ଷ ଉପୁଡ଼ି ପଡ଼ିବା ସହ ଅନେକ କଞ୍ଚାଘର ଭୁଶୁଡ଼ି ପଡ଼ିଛି। କେତେକ ସ୍ଥାନରେ ଘର ଛପର ସହିତ ମଣିଷକୁ ବି ଉଡ଼ାଇ ଦେଇଛି। ବରେଲି ଅଞ୍ଚଳରେ ଘୂର୍ଣ୍ଣିଝଡ଼ରେ ଆଜବେଷ୍ଟସ ଛାତ ସହିତ ମଣିଷ ପବନରେ ଉଡ଼ିଯାଉଥିବାର ଦୃଶ୍ୟ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଘୂର୍ଣ୍ଣିଝଡ଼ରେ ବର୍ତ୍ତମାନ ସୁଦ୍ଧା ୧୧୧ ଜଣ ପ୍ରାଣ ହରାଇଥିବାର ଖବର ମିଳିଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଘର କାନ୍ଥ ପଡ଼ି କିମ୍ବା ବଜ୍ରପାତର ଶିକାର ହୋଇଥିବା ଜଣାପଡ଼ିଛି। ରାଜ୍ୟ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଆଗାମୀ ୨୪ ଘଣ୍ଟା ମଧ୍ୟରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ୟୁପି ବିପର୍ଯ୍ୟୟ ପାଇଁ ଟ୍ୱିଟ୍ କରି ଶୋକ ପ୍ରକାଶ କରିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍। ରାଷ୍ଟ୍ରପତି ।।ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିକଟକୁ ବାର୍ତ୍ତା ପଠାଇ ଶୋକ ଜଣାଇବା ସହିତ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ଓ ବନ୍ଧୁଜନଙ୍କ ପ୍ରତି ସେ ସମବେଦନା ବ୍ୟକ୍ତ କରିଛନ୍ତି।

- ଛାରଖାର ହେଲା ୫ଟି ଜିଲ୍ଲା
- ଛପର ସହ ମଣିଷକୁ ବି ଉଡ଼ାଇଲା
- ଶୋକ ପ୍ରକାଶ କଲେ ପୁଟିନ


ପାଣିପାଗ ବିଶେଷଜ୍ଞଙ୍କ ମତରେ, ଭୂପୃଷ୍ଠର ଅତ୍ୟଧିକ ଉତ୍ତାପ ଏବଂ ବାୟୁମଣ୍ଡଳର ଉପରିଭାଗରେ ଥିବା ଶୀତଳ ବାୟୁ ମଧ୍ୟରେ ସୃଷ୍ଟ ତୀବ୍ର ପାର୍ଥକ୍ୟ ଯୋଗୁଁ ଏହି ଭୟଙ୍କର 'କନଭେକ୍ଟିଭ୍' ବା ପରିଚଳନ ପ୍ରକ୍ରିୟା ସୃଷ୍ଟି ହୋଇଥିଲା। ପଶ୍ଚିମା ପ୍ରଭାବ (ୱେଷ୍ଟର୍ଣ୍ଣ ଡିଷ୍ଟରବାନ୍ସ) ଏବଂ ସ୍ଥାନୀୟ ଚକ୍ରବାତର ମିଶ୍ରଣରେ ଆକାଶରେ ବିଶାଳକାୟ କୃଷ୍ଣମେଘ ସୃଷ୍ଟି ହୋଇ ପ୍ରବଳ ବେଗରେ ନିମ୍ନଗାମୀ ବାୟୁ ପ୍ରବାହ ଘଟାଇଥିଲା, ଯାହା ଭୂପୃଷ୍ଠରେ ଏକ ବିସ୍ଫୋରକ ସ୍ଥିତି ସୃଷ୍ଟି କରିଥିଲା। ବାରମ୍ବାର ମେ' ମାସରେ ଏଭଳି ପ୍ରଳୟଙ୍କରୀ ବାତ୍ୟା ହେବା ପଛରେ ଜଳବାୟୁ ପରିବର୍ତ୍ତନକୁ ଏକ ମୁଖ୍ୟ କାରଣ ଭାବେ ଗ୍ରହଣ କରାଯାଉଛି। ବାୟୁମଣ୍ଡଳର ବୃଦ୍ଧି ପାଉଥିବା ତାପମାତ୍ରା ଏହି ଶକ୍ତିଶାଳୀ ଝଡ଼ ପାଇଁ ଇନ୍ଧନ ସଦୃଶ କାର୍ଯ୍ୟ କରୁଛି। ବିଶେଷ କରି ସିନ୍ଧୁ-ଗଙ୍ଗା ସମତଳ ଅଞ୍ଚଳରେ ଶୁଷ୍କ ବାୟୁ ଏବଂ ଆଦ୍ରତା ମଧ୍ୟରେ ସଂଘର୍ଷ ଯୋଗୁଁ ଏଭଳି ମରଣାନ୍ତକ ପରିସ୍ଥିତି ବାରମ୍ବାର ଉପୁଜୁଛି। ପ୍ରକୃତିର ଏହି ଆକସ୍ମିକ ପ୍ରଳୟ ମନୁଷ୍ୟ ସମାଜକୁ ପୁଣିଥରେ ସତର୍କ କରାଇ ଦେଇଛି।



## ୧୦ ଦିନର କଳ୍ପନାଜଳ୍ପନାର ଅନ୍ତ

# କେରଳର ନୂଆ ମୁଖ୍ୟମନ୍ତ୍ରୀ ହେବେ ସାଥୀସନ

ତିରୁଅନନ୍ତପୁରମ, ୧୪।୫(ଏଜେନ୍ସି): କେରଳ ରାଜନୀତିରେ ଦୀର୍ଘ ୧୦ ଦିନ ଧରି ଲାଗି ରହିଥିବା ଅନିଶ୍ଚିତତାର କଳାବାଦଲ ଶେଷରେ ଅପସାରିତ ହୋଇଛି। ଗଣତାନ୍ତ୍ରିକ ସାମ୍ମୁଖ୍ୟର ବିପୁଳ ବିଜୟ ପରେ କେରଳର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ କଂଗ୍ରେସ ନେତା ଭି.ଡି. ସାଥୀସନଙ୍କ ନାମ ଉପରେ ଦଳୀୟ ହାଇକମାଣ୍ଡ ମୋହର ମାରିଛନ୍ତି। ଅନ୍ୟତମ ଦାବିଦାର କେସି ବେଣୁଗୋପାଳ ଏବଂ ରମେଶ ଚେନ୍ନିଥାଲାଙ୍କୁ ପଛରେ ପକାଇ ସାଥୀସନ ଶାସନ ଗାଦିରେ ବସିବାକୁ ଯାଉଛନ୍ତି। ଆଜି ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ସେ ୧୮ ତାରିଖରେ ଶପଥ ଗ୍ରହଣ କରିବେ।




ଗତ କିଛି ଦିନ ଧରି ଦଳ ମଧ୍ୟରେ ଚାଲିଥିବା ଘମାଘୋଟ ଆଲୋଚନା ଓ ପର୍ଯ୍ୟବେକ୍ଷକଙ୍କ ରିପୋର୍ଟ ଆଧାରରେ କଂଗ୍ରେସ ସଭାପତି ଏହି ନିଷ୍ପତ୍ତି ନେଇଛନ୍ତି। ନୂଆଦିଲ୍ଲୀଠାରେ ଦଳ ପକ୍ଷରୁ ବିଧିବଦ୍ଧ ଭାବେ ସାଥୀସନଙ୍କୁ ବିଧାୟକ ଦଳର ନେତା ଘୋଷଣା କରାଯାଇଛି। ସୂଚନାଯୋଗ୍ୟ ଯେ, ସାଥୀସନ ପାରାଭୁର ନିର୍ବାଚନ ମଣ୍ଡଳୀରୁ କ୍ରମାଗତ ଛଅ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ନିଜର ସାଂଗଠନିକ ଦକ୍ଷତା ପ୍ରତିପାଦିତ କରିଛନ୍ତି। ବିଗତ ପାଞ୍ଚ ବର୍ଷ ଧରି ବିରୋଧୀ ଦଳ ନେତା ଭାବେ ଶାସକ ପକ୍ଷକୁ ଘେରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୨୬ ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟର ୧୦୨ଟି ଆସନରେ ଐତିହାସିକ ସଫଳତା ପଛରେ ସାଥୀସନଙ୍କ ଦୂରଦୃଷ୍ଟିସମ୍ପନ୍ନ ରଣନୀତି ରହିଥିଲା। ଦୁର୍ନୀତି ଏବଂ କୁଶାସନ ବିରୋଧରେ ସେ ଜନମତ ଏକତ୍ରିତ କରିବାରେ ସଫଳ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ ହେବା ପରେ ସାଥୀସନ କହିଛନ୍ତି ଯେ, ଏହା କେରଳ ପାଇଁ ଏକ ନୂତନ ଯୁଗର ଆରମ୍ଭ ଏବଂ ଜନସାଧାରଣଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ଅକ୍ଷରେ ଅକ୍ଷରେ ପାଳନ କରାଯିବ। ଯଦିଓ ଦଳ ମଧ୍ୟରେ କିଛି ବିଧାୟକ ବେଣୁଗୋପାଳଙ୍କ ସପକ୍ଷରେ ଥିଲେ, ତଥାପି ସାଥୀସନଙ୍କ ସାଧାରଣ ଗ୍ରହଣୀୟତାକୁ ଦୃଷ୍ଟିରେ ରଖି ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ପରାଜିତ ଦାବିଦାରମାନେ ମଧ୍ୟ ଦଳର ନିଷ୍ପତ୍ତିକୁ ସମ୍ମାନ ଜଣାଇ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ ଦେବେ ବୋଲି ସ୍ପଷ୍ଟ କରିଛନ୍ତି। ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା ସାଥୀସନଙ୍କ ପାଇଁ ଏହି ସଫଳତା ସହଜ ନଥିଲା। ଦୀର୍ଘ ଦଶନ୍ଧିର ବାମପନ୍ଥୀ ଶାସନର ଅନ୍ତ ଘଟାଇ କେରଳରେ ଏକ ସ୍ୱଚ୍ଛ ଓ ପ୍ରଗତିଶୀଳ ପ୍ରଶାସନ ଗଠନ କରିବା ଏବେ ତାଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ।

# ୩୦ ମଇରୁ ତୃତୀୟ ପର୍ଯ୍ୟାୟ ଏସ୍‌ଆଇଆର; ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ତାଲିକା

ନୂଆଦିଲ୍ଲୀ, ୧୪।୫(ଏଜେନ୍ସି): ଚଳିତମାସ ୩୦ ତାରିଖରୁ ତୃତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଜି ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିସନ। ଏହି ପର୍ଯ୍ୟାୟରେ ଓଡ଼ିଶା ସମେତ ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍ ହେବ। ତେବେ କେତେକ କାରଣ ଯୋଗୁଁ ବର୍ତ୍ତମାନ ପାଇଁ ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଏବଂ ଲଦାଖକୁ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି। ଜନଗଣନା ସହିତ ଏସ୍‌ଆଇଆର ପ୍ରକ୍ରିୟା ଏକ ସମୟରେ ଚାଲୁ ରହିବ। ଏହି ପର୍ଯ୍ୟାୟରେ ପ୍ରାୟ ୩ ଲକ୍ଷ ୯୪ ହଜାର ବୁଥ୍ ସ୍ତରୀୟ ଅଧିକାରୀ ଘରକୁ ଘର ବୁଲି ପ୍ରାୟ ୩୬ କୋଟି ୭୩ ଲକ୍ଷ ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ।

ନିର୍ବାଚନ କମିସନଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଚଳିତ ମଇ ମାସ ୨୦ ତାରିଖରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେବ। ବୁଥ ସ୍ତରୀୟ ଅଧିକାରୀ ବା ବିଏଲ୍ଓଙ୍କୁ ତାଲିମ ଦିଆଯିବ। ଏହି ପ୍ରକ୍ରିୟା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା, ମଣିପୁର, ମିଜୋରାମ ଓ ସିକ୍କିମରେ ମଇ ୩୦ ତାରିଖରୁ ବିଏଲ୍ଓ ଘରକୁ ଘର ବୁଲି ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ। ଜୁନ୍ ୨୮ ତାରିଖରେ ଏହି ପ୍ରକ୍ରିୟା ଶେଷ ହେବାପରେ ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା (ଡ୍ରାଫ୍ଟ ରୋଲ୍) ପ୍ରକାଶ ପାଇବ। ଏହା ଉପରେ ଆପତ୍ତି ଅଭିଯୋଗ ପାଇଁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରାଯାଇଛି। ଡ୍ରାଫ୍ଟ ରୋଲ ପ୍ରକାଶ ପାଇବା ସହିତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଆପତ୍ତି ଅଭିଯୋଗର ସମାଧାନ ସେପଟେମ୍ବର ୨ ତାରିଖ ପର୍ଯ୍ୟନ୍ତ କରାଯିବ ବୋଲି କମିସନ କହିଛନ୍ତି। ସେପଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ସେହିଭଳି ଉତ୍ତରାଖଣ୍ଡରେ ୮ ଜୁନ, ଆନ୍ଧ୍ର ଓ ହରିଆଣାରେ ୧୫ ଜୁନ, ତେଲେଙ୍ଗାନା ଓ ପଞ୍ଜାବରେ ୨୫ ଜୁନ ଏବଂ କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀ ଓ ଝାଡ଼ଖଣ୍ଡରେ ୩୦ ଜୁନରୁ ଘରକୁ ଘର ଯାଞ୍ଚ ଆରମ୍ଭ ହେବ। ଜାତୀୟ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଚାଲୁ ରହିଥିବାରୁ ଏବଂ ପାର୍ବତ୍ୟ ଅଞ୍ଚଳରେ ପ୍ରତିକୂଳ ପାଗ ତଥା ବରଫପାତ ଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀର ଏବଂ ଲଦାଖକୁ ବର୍ତ୍ତମାନ ପାଇଁ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି। ଏହି ତିନୋଟି ଅଞ୍ଚଳ ପାଇଁ ପରବର୍ତ୍ତୀ ସମୟରେ ପୃଥକ ଭାବେ କାର୍ଯ୍ୟସୂଚୀ ଜାରି କରାଯିବ। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ସମସ୍ତ ଯୋଗ୍ୟ ଭୋଟରଙ୍କୁ ଏଥିରେ ସହଯୋଗ କରିବାକୁ ନିବେଦନ କରିଛନ୍ତି। ପ୍ରକାଶଥାଉ କି, ପୂର୍ବରୁ ୧୨ଟି ରାଜ୍ୟରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ସଂଶୋଧନ ସମୟରେ ଉତ୍ତର ପ୍ରଦେଶରୁ ସର୍ବାଧିକ ୨.୦୪ କୋଟି ଏବଂ ପଶ୍ଚିମବଙ୍ଗରୁ ୯୧ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଥିଲା। ତାମିଲନାଡୁରେ ମଧ୍ୟ ୯୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ କଟାଯାଇଛି।



# ଅସନ୍ତୋଷ ଝାଡ଼ିଲେ ସୁପ୍ରିମକୋର୍ଟ

## ନିର୍ବାଚନ କମିସନ ଚୟନ ପ୍ରକ୍ରିୟାରୁ ପ୍ରଧାନବିଚାରପତି ବାଦ୍ କାହିଁକି?

ନୂଆଦିଲ୍ଲୀ, ୧୪।୫(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର (ସିଇସି) ଏବଂ ନିର୍ବାଚନ କମିସନର (ଇସି) ମାନଙ୍କ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଚୟନ କମିଟିର ସ୍ୱଚ୍ଛତାକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ବିଚାରପତି ଦୀପଙ୍କର ଦତ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ପ୍ରକ୍ରିୟାରେ କାର୍ଯ୍ୟପାଳିକାର ଅତ୍ୟଧିକ ପ୍ରଭାବକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଜଷ୍ଟିସ୍ ଦତ୍ତ ପ୍ରଶ୍ନ କରିଥିଲେ ଯେ, ଯଦି ସିବିଆଇ ନିର୍ଦ୍ଦେଶକ ଚୟନ କମିଟିରେ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ସଦସ୍ୟ ରହିପାରୁଛନ୍ତି, ତେବେ ସ୍ୱଚ୍ଛ ନିର୍ବାଚନ ପରିଚାଳନା କରୁଥିବା ନିର୍ବାଚନ କମିସନରଙ୍କ ଚୟନ କମିଟିରେ କାହିଁକି ଜଣେ ସ୍ୱାଧୀନ ସଦସ୍ୟ ନାହାନ୍ତି। ଏଥିରୁ ପ୍ରଧାନ ବିଚାରପତିଙ୍କୁ କାହିଁକି ବାଦ୍ ଦିଆଯାଇଛି? ବର୍ତ୍ତମାନର ନିୟମ ଅନୁଯାୟୀ, ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଜଣେ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା ଅଛନ୍ତି। ସୁପ୍ରିମ କୋର୍ଟ କହିଛନ୍ତି ଯେ ଏଭଳି ସ୍ଥିତିରେ ନିଷ୍ପତ୍ତି ସ୍ୱାଭାବିକ ଭାବେ ୨:୧ ବହୁମତରେ ହେବ, କାରଣ କ୍ୟାବିନେଟ୍ ମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ଯିବାର ସମ୍ଭାବନା କମ୍। ଏହାଦ୍ୱାରା ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ନିୟନ୍ତ୍ରଣରେ ରହିଯାଉଛି। କୋର୍ଟ ପଚାରିଥିଲେ ଯେ କମିଟିରେ ଜଣେ ସ୍ୱାଧୀନ ସଦସ୍ୟଙ୍କ ପରିବା।ର୍ତ୍ତେ ସରକାରଙ୍କ ମନ୍ତ୍ରୀଙ୍କୁ କାହିଁକି ରଖାଯାଇଛି? ଜଷ୍ଟିସ୍ ଦତ୍ତ କହିଛନ୍ତି ଯେ ସଂସଦ ପାଖରେ ଆଇନ ପ୍ରଣୟନ କରିବାର କ୍ଷମତା ଅଛି, କିନ୍ତୁ ସୁପ୍ରିମକୋର୍ଟ ହେଉଛନ୍ତି ସର୍ବୋଚ୍ଚ ଅଦାଲତ ଏବଂ ଆଇନର ବ୍ୟାଖ୍ୟା କରିବାର ଅଧିକାର କୋର୍ଟଙ୍କ ପାଖରେ ରହିଛି। ଆଟର୍ଣ୍ଣି ଜେନେରାଲ୍ ଆର ଭେଙ୍କଟରମଣିଙ୍କୁ ଏହି ପ୍ରସଙ୍ଗରେ କଡ଼ା ପ୍ରଶ୍ନ କରି କୋର୍ଟ କହିଛନ୍ତି ଯେ ଏଭଳି ବ୍ୟବସ୍ଥା ଦ୍ୱାରା 'ସବୁକିଛି କାର୍ଯ୍ୟପାଳିକା ନିୟନ୍ତ୍ରଣ କରୁଥିବା' ଭଳି ମନେ ହେଉଛି। ନିର୍ବାଚନ କମିସନରଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି କିପରି ସମ୍ପୂର୍ଣ୍ଣ ନିରପେକ୍ଷ ହେବ, ତାହାକୁ ନେଇ କୋର୍ଟ ଏହି ଶୁଣାଣି କରୁଛନ୍ତି। ସୂଚନାଯୋଗ୍ୟ ଯେ ନିର୍ବାଚନ କମିସନ ବାଛିବା ପ୍ରକ୍ରିୟାରେ ପ୍ରଧାନ ବିଚାରପତିଙ୍କୁ ସାମିଲ କରିବା ଲାଗି କୋର୍ଟ ପୂର୍ବରୁ ପ୍ରସ୍ତାବ ଦେଇଥିଲେ। ମାତ୍ର ସରକାର ଏଥିରେ ସଂଶୋଧନ କରି ପ୍ରଧାନ ବିଚାରପତିଙ୍କ ବଦଳରେ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ସଭ୍ୟ ଭାବେ ଅବସ୍ଥାପିତ କରିଛନ୍ତି।

### ସବୁକିଛି ନିୟନ୍ତ୍ରଣ କରୁଛି କାର୍ଯ୍ୟପାଳିକା

## ଓମାନ୍ ଉପକୂଳରେ ଡ୍ରୋନ୍ ମାଡ଼, ବୁଡ଼ିଗଲା ଭାରତୀୟ ଜାହାଜ

ନୂଆଦିଲ୍ଲୀ/ଅହମ୍ମଦାବାଦ, ୧୪।୫(ଏଜେନ୍ସି): ଓମାନର ଉତ୍ତର ଉପକୂଳରେ ଏକ ଭାରତୀୟ ପଣ୍ୟବାହୀ ଜାହାଜ 'ହାଜି ଅଲି' ଉପରେ ସନ୍ଦିଗ୍ଧ ଡ୍ରୋନ୍ କିମ୍ବା ମିସାଇଲ୍ ମାଡ଼ ହେବା ଫଳରେ ଏହା ସମୁଦ୍ରରେ ବୁଡ଼ି ଯାଇଛି। ଭାରତ ସରକାର ଏହି ଘଟଣାକୁ ଅତ୍ୟନ୍ତ ନିନ୍ଦନୀୟ ଏବଂ ଅଗ୍ରହଣୀୟ ବୋଲି କହିଛନ୍ତି। ବୁଧବାର ଭୋର ପ୍ରାୟ ୩:୩୦ ସମୟରେ ଓମାନର ଲିମା ନିକଟରେ ଏହି ଆକ୍ରମଣ ହୋଇଥିଲା। ଜାହାଜଟି ସୋମାଲିଆରୁ ଶାରଜା ଅଭିମୁଖେ ଗୋରୁଗାଈ ନେଇ ଯାଉଥିଲା। କୌଣସି ଏକ ବିସ୍ଫୋରକ ବସ୍ତୁ (ସମ୍ଭବତଃ ଡ୍ରୋନ୍) ବାଜିବା ପରେ ଜାହାଜରେ ନିଆଁ ଲାଗିଯାଇଥିଲା। ଏହାପରେ ଜାହାଜଟି ନିଜର ସନ୍ତୁଳନ ହରାଇ ସମୁଦ୍ରରେ ବୁଡ଼ି ଯାଇଥିଲା। ଜାହାଜରେ ଥିବା ୧୪ ଜଣ ଭାରତୀୟ ନାବିକ ତୁରନ୍ତ ଲାଇଫ୍ ବୋଟ୍ ସାହାଯ୍ୟରେ ବାହାରକୁ ଆସିଥିଲେ। ଓମାନ କୋଷ୍ଟଗାର୍ଡ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଦୀବା ବନ୍ଦରକୁ ନେଇଛନ୍ତି। ସମସ୍ତ ନାବିକ ସୁରକ୍ଷିତ ଥିବା ଜାହାଜ ମାଲିକ ନିଶ୍ଚିତ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ଏହି ଆକ୍ରମଣକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି। ମନ୍ତ୍ରଣାଳୟ କହିଛି ଯେ, ବାଣିଜ୍ୟିକ ଜାହାଜ ଏବଂ ସାଧାରଣ ନାବିକମାନଙ୍କୁ ଟାର୍ଗେଟ୍ କରାଯିବା ଆଦୌ ଗ୍ରହଣୀୟ ନୁହେଁ। ଏହା ସମୁଦ୍ରରେ ମୁକ୍ତ ପରିବହନ ଏବଂ ବାଣିଜ୍ୟ ପାଇଁ ଏକ ବଡ଼ ବିପଦ। ଇରାନ୍ ଏବଂ ଆମେରିକା ମଧ୍ୟରେ ହର୍ମୁଜ୍ ପ୍ରଣାଳୀରେ ଲାଗି ରହିଥିବା ଉତ୍ତେଜନା କାରଣରୁ ଏହି ଅଞ୍ଚଳରେ ଜାହାଜଗୁଡ଼ିକ ବିପଦ ମଧ୍ୟରେ ରହିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ଗୁଜରାଟର ଏହା ଦ୍ୱିତୀୟ ଜାହାଜ ଯାହା ଏହି ଅଞ୍ଚଳରେ ଦୁର୍ଘଟଣାର ଶିକାର ହୋଇଛି।

# ଦିଲ୍ଲୀରେ 'ୱାର୍କ ଫ୍ରମ୍ ହୋମ୍', 'ନୋ କାର୍ ଡେ'

ନୂଆଦିଲ୍ଲୀ, ୧୪।୫(ଏଜେନ୍ସି): ବିଶ୍ୱସ୍ତରୀୟ ଅନିଶ୍ଚିତତା ଏବଂ ଇନ୍ଧନ ସଂରକ୍ଷଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ଦୃଷ୍ଟିରେ ରଖି ଦିଲ୍ଲୀର ବିଜେପି ନେତୃତ୍ୱାଧୀନ ସରକାର ଏକ ବଡ଼ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଗୁରୁବାର ସରକାରୀ କାର୍ଯ୍ୟାଳୟଗୁଡ଼ିକ ପାଇଁ ନୂତନ ନିୟମାବଳୀ ଜାରି କରିଛନ୍ତି, ଯାହା ଆସନ୍ତାକାଲିଠାରୁ କାର୍ଯ୍ୟକାରୀ ହେବ। ସରକାରୀ କର୍ମଚାରୀମାନେ ସପ୍ତାହକୁ ଦୁଇ ଦିନ ଘରୁ କାମ (ଡବ୍ଲ୍ୟୁଏଫ୍ଏଚ୍) କରିବେ। ମୁଖ୍ୟମନ୍ତ୍ରୀ ନିଜର ସରକାରୀ କାରକେଡ୍‌କୁ ୬୦ ପ୍ରତିଶତ ହ୍ରାସ କରିଛନ୍ତି। ବର୍ତ୍ତମାନ ତାଙ୍କ ସହିତ ମାତ୍ର ୪ଟି ଗାଡ଼ି ରହିବ, ଯେଉଁଥିରୁ ୨ଟି ଇଲେକ୍ଟ୍ରିକ୍ ଗାଡ଼ି (ଇଭି)। ପ୍ରତି ସୋମବାରକୁ 'ମଣ୍ଡେ ମେଟ୍ରୋ' ଭାବେ ପାଳନ କରାଯିବ। ସମସ୍ତ ମନ୍ତ୍ରୀ ଏବଂ ସରକାରୀ କର୍ମଚାରୀ ମେଟ୍ରୋରେ ଯାତାୟାତ କରିବେ। ସରକାରୀ କର୍ମଚାରୀଙ୍କ ପାଇଁ ପରିବହନ ଭତ୍ତା ୧୦ ପ୍ରତିଶତ ବୃଦ୍ଧି କରାଯାଇଛି। ଆସନ୍ତା ଏକ ବର୍ଷ ପାଇଁ ସରକାରୀ ବିଦେଶ ଗସ୍ତ ଉପରେ ପ୍ରତିବନ୍ଧକ ଲଗାଯାଇଛି। ସେହିଭଳି ଆସନ୍ତା ୬ ମାସ ପର୍ଯ୍ୟନ୍ତ କୌଣସି ନୂତନ ଗାଡ଼ି କିଣାଯିବ ନାହିଁ। ସରକାରୀ ଅଫିସରେ ଇଉ ର ତାପମାତ୍ରା ୨୪ ରୁ ୨୬ ଡିଗ୍ରୀ ମଧ୍ୟରେ ରଖାଯିବ ଏବଂ ଅନାବଶ୍ୟକ ବିଦ୍ୟୁତ ଖର୍ଚ୍ଚ ରୋକିବା ପାଇଁ 'ମାଷ୍ଟର ସୁଇଚ୍' ଲଗାଯିବ। ସରକାର ଜନସାଧାରଣଙ୍କୁ ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ଗାଡ଼ି ବ୍ୟବହାର ନକରିବାକୁ (ନୋ ଭେଇକିଲ ଡେ) ନିବେଦନ କରିଛନ୍ତି। ଏହି ଅବସରରେ ଦେଶ ଗଠନ ଏବଂ ସଂରକ୍ଷଣ ପାଇଁ ନାଗରିକମାନଙ୍କୁ ଶପଥ ପାଠ କରାଯିବା ସହ ୯୦ ଦିନର ଏକ ସଚେତନତା ଅଭିଯାନ ଚଲାଯିବ। ପ୍ରଧାନମନ୍ତ୍ରୀ ମୋଦୀ ନିକଟରେ ପଶ୍ଚିମ ଏସିଆର ସଂଘର୍ଷ ଯୋଗୁଁ ଭାରତୀୟ ଅର୍ଥନୀତି ଉପରେ ପଡୁଥିବା ପ୍ରଭାବକୁ ରୋକିବା ପାଇଁ ସାଧାରଣ ନାଗରିକଙ୍କୁ ଇନ୍ଧନ ବଞ୍ଚାଇବା ଏବଂ ସାର୍ବଜନୀନ ପରିବହନ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ଦିଲ୍ଲୀ ସରକାରଙ୍କ ଏହି ପଦକ୍ଷେପ ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ।। ଆଜି ଠାରୁ ଆନ୍ଧ୍ରପ୍ରଦେଶରେ ମଧ୍ୟ ଏଭଳି କଟକଣା ଆରମ୍ଭ ହୋଇଯାଇଛି।

# ଭୋଟର ତାଲିକାରୁ ବାଦ୍ ପଡ଼ିଲେ ମିଳିବନି ସରକାରୀ ସୁବିଧା

ନୂଆଦିଲ୍ଲୀ, ୧୪।୫(ଏଜେନ୍ସି): ନିର୍ବାଚନ କମିଶନଙ୍କ ଦ୍ୱାରା ପରିଚାଳିତ ବିଶେଷ ଗହନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟା ଏବେ କେବଳ ଭୋଟର ତାଲିକାରେ ସୀମିତ ନ ରହି ସରକାରୀ ଯୋଜନାର ସ୍ୱଚ୍ଛତା ପାଇଁ ବ୍ୟବହୃତ ହେବାକୁ ଯାଉଛି। ପଶ୍ଚିମବଙ୍ଗ ଓ ବିହାର ସରକାର ଏହି ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତିମାନଙ୍କୁ ସମସ୍ତ ସରକାରୀ ସୁବିଧା ଓ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିକଟରେ ଅନୁଷ୍ଠିତ ଏହି ସଂଶୋଧନ ପ୍ରକ୍ରିୟାରେ ଲକ୍ଷ ଲକ୍ଷ ମୃତ, ନକଲି ଏବଂ ଅଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ହଟାଇ ଦିଆଯାଇଛି। ବିହାରରେ ପ୍ରାୟ ୬୫ ଲକ୍ଷ ଏବଂ ପଶ୍ଚିମବଙ୍ଗରେ ପ୍ରାୟ ୯୧ ଲକ୍ଷ ନାମ କଟାଯାଇଛି। ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ସ୍ପଷ୍ଟ କରିଛନ୍ତି ଯେ ଯେଉଁମାନଙ୍କ ନାମ ଭୋଟର ତାଲିକାରୁ କଟିଛି, ସେମାନଙ୍କୁ ଆଉ ସରକାରୀ ରାସନ କିମ୍ବା ଅନ୍ୟାନ୍ୟ ଆର୍ଥିକ ସହାୟତା ମିଳିବ ନାହିଁ। ଏପରିକି ସେମାନଙ୍କ ବ୍ୟାଙ୍କ ଖାତା ମଧ୍ୟ ରଦ୍ଦ କରାଯାଇପାରେ। ସେହିପରି ପଶ୍ଚିମବଙ୍ଗର ନବନିର୍ବାଚିତ ବିଜେପି ସରକାର ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ କୌଣସି ଅନୁପ୍ରବେଶକାରୀ କିମ୍ବା ଅଣ-ଭାରତୀୟଙ୍କୁ ଜନସାଧାରଣଙ୍କ ଟିକସ ଅର୍ଥରେ ଚାଲୁଥିବା ଯୋଜନାର ଲାଭ ଉଠାଇବାକୁ ଦିଆଯିବ ନାହିଁ। ରାଜ୍ୟର ନୂତନ 'ଅନ୍ନପୂର୍ଣ୍ଣା ଭଣ୍ଡାର' ଯୋଜନାରେ କେବଳ ଯୋଗ୍ୟ ମହିଳାମାନଙ୍କୁ ସାମିଲ କରାଯିବ। ଏହି ପଦକ୍ଷେପ ଦ୍ୱାରା ସରକାରୀ ପାଣ୍ଠିର ଅପବ୍ୟବହାର ରୋକାଯାଇପାରିବ ବୋଲି ପ୍ରଶାସନ ଆଶା ରଖିଛି। ତେବେ ଏହାକୁ ନେଇ ରାଜନୈତିକ ସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିରୋଧୀ ଦଳଗୁଡ଼ିକ ଏହାକୁ ସାଧାରଣ ଜନତାଙ୍କ ଅଧିକାର ଉପରେ କୁଠାରଘାତ ବୋଲି ଦର୍ଶାଇଛନ୍ତି। ସରକାରୀ ଯୋଜନାରେ ସ୍ୱଚ୍ଛତା ଆଣିବା ଏବଂ ପ୍ରକୃତ ହିତାଧିକାରୀଙ୍କ ପାଖରେ ସେବା ପହଞ୍ଚାଇବା ପାଇଁ ଏହି ନୂତନ ବ୍ୟବସ୍ଥା ଏକ ବଡ଼ ପରିବର୍ତ୍ତନ। ଯଦିଓ ଏହାକୁ ନେଇ ବିବାଦ ଦେଖାଦେଇଛି, ତଥାପି ଏହା ଜାଲିଆତି ରୋକିବାରେ ସହାୟକ ହେବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

### ନିର୍ବାଚନ ପରେ ଏସ୍‌ଆଇଆର ଚଡ଼କ

## ପୋଷ୍ଟର ଓ ବ୍ୟାନର ମନା

ଚେନ୍ନାଇ, ୧୪।୫(ଏଜେନ୍ସି): ତାମିଲନାଡୁରେ ଏଣିକି ସର୍ବସାଧାରଣସ୍ଥାନରେପୋଷ୍ଟରଓବ୍ୟାନରଲଗାଇବାଉପରେ କଟକଣା ଜାରି କରିଛନ୍ତି ମୁଖ୍ୟମନ୍ତ୍ରୀ ତଥା ସୁପରଷ୍ଟାର୍ ବିଜୟ। ସର୍ବସାଧାରଣ ସ୍ଥାନରେ ବ୍ୟାନର/ପୋଷ୍ଟର ଲଗାଇ।ଲେ ଜନସାଧାରଣଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଥିବାରୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ' ଜରିଆରେ କୁହାଯାଇଛି ଯେ, ଜନ୍ମଦିନ କିମ୍ବା ପାରିବାରିକ ଉତ୍ସବ ସମୟରେ ରାସ୍ତାଘାଟରେ ବ୍ୟାନର ଲଗାଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲୋକମାନଙ୍କ କଲ୍ୟାଣ ପାଇଁ ଏହି ସରକାର ଗଠିତ ହୋଇଥିବାରୁ ଜନସାଧାରଣଙ୍କୁ ଅସୁବିଧାରେ ପକାଇବା ଭଳି କାର୍ଯ୍ୟ ଗ୍ରହଣୀୟ ହେବ ନାହିଁ।

## ସ୍କୁଲରେ 'ବନ୍ଦେ ମାତରମ୍' ବାଧ୍ୟତାମୂଳକ

କୋଲକାତା, ୧୪।୫(ଏଜେନ୍ସି): ପଶ୍ଚିମବଙ୍ଗର ବିଜେପି ସରକାର ରାଜ୍ୟର ସମସ୍ତ ସରକାରୀ ସ୍କୁଲରେ ଜାତୀୟ ଗାନ 'ବନ୍ଦେ ମାତରମ୍' ଗାନ କରିବାକୁ ବାଧ୍ୟତାମୂଳକ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରତିଦିନ ସକାଳେ ଶ୍ରେଣୀ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସ୍କୁଲ ପ୍ରାର୍ଥନା ସଭାରେ ଏହି ସଙ୍ଗୀତର ସମସ୍ତ ୬ଟି ଯାକ ସ୍ତବକ ବୋଲାଯିବ।

## କର୍ଣ୍ଣାଟକରେ ହିଜାବ୍ ବ୍ୟାନ୍ ପ୍ରତ୍ୟାହାର

ବେଙ୍ଗାଲୁରୁ, ୧୪।୫(ଏଜେନ୍ସି): କର୍ଣ୍ଣାଟକ ସରକାର ଶିକ୍ଷାନୁଷ୍ଠାନରେ 'ହିଜାବ୍ ବ୍ୟାନ୍' ଆଦେଶକୁ ପ୍ରତ୍ୟାହାର କରିଛନ୍ତି। ଏଣିକି ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ୟୁନିଫର୍ମ ସହିତ କିଛି ସୀମିତ ପାରମ୍ପରିକ ଏବଂ ଧାର୍ମିକ ସଙ୍କେତ ପରିଧାନ କରିପାରିବେ। ଶିକ୍ଷାନୁଷ୍ଠାନଗୁଡ଼ିକରେ ହିଜାବ୍ (ମୁଣ୍ଡ କପଡ଼ା), ପଗଡ଼ି, ଜୈନେଉ (ପଇତା), ଶିବଧାରା ଏବଂ ରୁଦ୍ରାକ୍ଷ ପରିଧାନ କରିବାକୁ ଅନୁମତି ଦିଆଯାଇଛି। ପୂର୍ବତନ ବିଜେପି ସରକାର ଏହି କଟକଣା ଲଗାଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଆଇନଶୃଙ୍ଖଳା ସମୀକ୍ଷା ବୈଠକ

# ଲୋକଙ୍କର ବିଶ୍ୱାସଭାଜନ ହେବାକୁ ପୁଲିସକୁ ପରାମର୍ଶ



- କ୍ରାଇମ୍ ମ୍ୟାପିଙ୍ଗ୍, ଗୁଇନ୍ଦା ତଥ୍ୟ, କଡା ପାଟ୍ରୋଲିଙ୍ଗ୍ ଉପରେ ଗୁରୁତ୍ୱ
- ଅପରାଧୀ ଓ ବାଲି ମାଫିଆଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୫(ସମିସ): ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଅପରାଧୀଙ୍କ ମଧ୍ୟରେ ପୁଲିସ କିଭଳି ଭୟ ସୃଷ୍ଟି କରା ଯାଇପାରିବ। ଏଥିପାଇଁ ବିଗତ ଦିନ ଗୁଡ଼ିକରେ କଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି। ପୁଲିସ ଏବଂ ସାଧାରଣ ପ୍ରଶାସନ ପରସ୍ପର ସହଯୋଗରେ କିଭଳି ଭାବେ ଆଇନ୍ ଶୃଙ୍ଖଳା ବଜାୟ ରଖି ପରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପୁଲିସକୁ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲା ସ୍ତରରେ ପ୍ରଶାସନିକ ଅଧିକାରୀ ଓ ପୁଲିସ ଅଧିକାରୀମାନେ ମିଳିତ ଭାବେ ଗୋଟିଏ ଟିମ୍ ଭାବେ କାମ କରିବା ଆବଶ୍ୟକ। ପୁଲିସ ସହିତ ଜିଲ୍ଲାର ଅନ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅପରାଧ ନିୟନ୍ତ୍ରଣରେ ଅଧିକ ସଫଳତା ଆସିପାରିବ। ବିଭିନ୍ନ ଯୋଜନା ଓ ପ୍ରକଳ୍ପର ସଫଳତା ପାଇଁ ଯେପରି ଟିମ୍ ସ୍ପିରିଟ୍‌ରେ କାମ କରାଯାଉଛି, ସେହିଭଳି ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଟିମ୍ ସ୍ପିରିଟ୍ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପୁଲିସ ସମ୍ପୂର୍ଣ୍ଣ ଭାବେ ଆଗୁଆ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ। ବିଭିନ୍ନ ଅଞ୍ଚଳର ଅପରାଧ ସମ୍ପର୍କରେ ତଥ୍ୟ ସଂଗ୍ରହ କରି କ୍ରାଇମ୍ ମ୍ୟାପିଙ୍ଗ୍ କରିବା ଆବଶ୍ୟକ। ଏହା ସହିତ ଗୁଇନ୍ଦା ତଥ୍ୟ ସଂଗ୍ରହ ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣ ଲୋକଙ୍କ ସହିତ ବନ୍ଧୁ ଭଳି ସୁସମ୍ପର୍କ ରକ୍ଷା କରିପାରିଲେ ପୁଲିସକୁ ସୂଚନା ମିଳିବାରେ ସହାୟତା ମିଳିପାରିବ। ପୁଲିସ ପାଟ୍ରୋଲିଙ୍ଗ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବା ସହ ସର୍ବସାଧାରଣରେ ପୁଲିସର ଉପସ୍ଥିତି ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ସଂଗଠିତ ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିର୍ମୂଳ କରିବା ପାଇଁ ପୁଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଯେପରି ନକ୍ସଲ ଅପରାଧକୁ ଦମନ କରାଯାଇଛି, ସେହିପରି ବାଲି ମାଫିଆ ମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଦମନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଜିଲ୍ଲାପାଳ ଓ ଏସ୍‌ପି ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେମାନେ ଜିଲ୍ଲାସ୍ତରରେ ନିୟମିତ ଭାବେ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରି ପୁଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ପଠାନ୍ତୁ। ବିଭିନ୍ନ ଜିଲ୍ଲାର ପରିସ୍ଥିତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ନିୟମିତ ଭାବେ ଅବଗତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ତେବେ ଆଧୁନିକ ଯୁଗର ପରିସ୍ଥିତିକୁ ଦେଖି ପୁଲିସ ନବସୃଜନ ବା ଇନୋଭେଟିଭ୍ ଢଙ୍ଗରେ ଅପରାଧ ନିୟନ୍ତ୍ରଣ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ଡିଜି ୱାଇବି ଖୁରାନିଆ ପୁଲିସ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଶାସନ, ପୁଲିସ ଉଚ୍ଚ ପଦାଧିକାରୀ ଏବଂ ଜିଲ୍ଲାପାଳ ଓ ଏସ୍‌ପି ମାନେ ସାମିଲ ହୋଇଥିଲେ।



ବାଲେଶ୍ୱର ଜିଲ୍ଲାର ନବଗଠିତ ବିଜେଡି ଟିମ୍ ଆଜି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ସଂଗଠନକୁ ସୁଦୃଢ଼ କରିବା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି



ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ବିଧାୟକ ରୋହିତ ଯୋଶେଫ ତିର୍କିଙ୍କ ନେତୃତ୍ୱରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ବିଜେଡି ନେତା

## ତାତି ସାଙ୍ଗକୁ ଜାରି ରହିବ କାଳବୈଶାଖୀ

ଭୁବନେଶ୍ୱର,୧୪।୫(ସମିସ): ରାଜ୍ୟରେ ଏବେ ଦୁଇ ପ୍ରକାର ପାଗ ଅନୁଭୂତ ହେଉଛି। ଦିନରେ ଅଧିକାଂଶ ସ୍ଥାନରେ ଖରାର ପ୍ରଭାବ ରହୁଥିବା ବେଳେ ଅପରାହ୍ଣ ପରେ ଅନେକ ସ୍ଥାନରେ କାଳବୈଶାଖୀ ବର୍ଷା ଅନୁଭୂତ ହେଉଛି। ମୁଖ୍ୟତଃ ଉପକୂଳବର୍ତ୍ତୀ ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ଅଧିକ ରହୁଥିବା ବେଳେ ଏଭଳି ସ୍ଥିତି ଆହୁରି ୩-୪ ଦିନ ପର୍ଯ୍ୟନ୍ତ ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ବୁଧବାର ଦିନରେ ଅସହ୍ୟ ଖରା ଗରମ ଓ ଗୁଳୁଗୁଳୁରେ ସାରା ଓଡିଶା ଶିଝିଥିବା ବେଳେ ବିଳମ୍ବିତ ରାତିରେ ଅନେକ ସ୍ଥାନରେ ପ୍ରବଳ କାଳବୈଶାଖୀ ହୋଇଥିଲା। ଗୁରୁବାର ମଧ୍ୟ କିଛି ସ୍ଥାନରେ ସମାନ ସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ପାଇଁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ ଢେଙ୍କାନାଳରେ ପ୍ରବଳ କାଳବୈଶାଖୀ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୪୦-୫୦ କିମି ପର୍ଯ୍ୟନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ ଜାରି କରିବା ସହ ଏଥିପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ଗୁରୁବାର ରାଜ୍ୟର କିଛି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ବଲାଙ୍ଗିରରେ ତାପମାତ୍ରା ୪୦.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୪୦.୨ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରାରେ ଆହୁରି ୨-୩ ଡିଗ୍ରୀ ବଢ଼ିବାକୁ ଥିବାରୁ ଗରମ ଗୁଳୁଗୁଳି ପ୍ରଭାବ ବଢ଼ିବା ନେଇ ପାଣିପାଗ କେନ୍ଦ୍ର କହିଛି।

## ଗୁମର ଖୋଲିଲା ତଥ୍ୟ ଅନୁସନ୍ଧାନ ରିପୋର୍ଟ

# ଜିତୁ ମୁଣ୍ଡାଙ୍କୁ ମିଳୁ ନ ଥିଲା ରାସନ କି ଭତ୍ତା

ଭୁବନେଶ୍ୱର,୧୪।୫(ସମିସ): ଭଉଣୀର କଙ୍କାଳ ବୋହି ଚର୍ଚ୍ଚାକୁ ଆସିଥିବା କେନ୍ଦୁଝରର ଜିତୁ ମୁଣ୍ଡାଙ୍କ ପ୍ରତି ପ୍ରଶାସନିକ ଅବହେଳାର ତାଲିକା ଫର୍ଦ୍ଦ ପରେ ଫର୍ଦ୍ଦ ଲମ୍ବି ଚାଲିଛି। କିପରି ଜିତୁ ମୁଣ୍ଡା ମାସ ମାସ ଧରି ବ୍ୟବସ୍ଥାଗତ ଅବହେଳାର ସମ୍ମୁଖୀନ ହୋଇଥିଲେ, ତାହା ପୁଣି ଥରେ ରାଜ୍ୟବାସୀଙ୍କୁ ଚକିତ କରିଛି। ଜଣେ ଗରିବ ଆଦିବାସୀ ସବୁ ଦିଗରୁ ଯୋଗ୍ୟ ହୋଇଥିଲେ ମଧ୍ୟ ତାଙ୍କୁ କିପରି ବାୟୋମେଟ୍ରିକ୍ ବାହାନାରେ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ୍ ଓ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ଦିଆଯାଉ ନ ଥିଲା, ତାହା ଏବେ ସାମନାକୁ ଆସିଛି।

ରାଜ୍ୟର ଦୁଇ ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନ 'ଖାଦ୍ୟ ଅଧିକାର ଅଭିଯାନ' ଓ 'ରି-ଥିଙ୍କ ଆଧାର' ପକ୍ଷରୁ ଗଠିତ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଦ୍ୱାରା ସଂଗୃହିତ ତଥ୍ୟ ଅନୁଯାୟୀ, କେନ୍ଦୁଝର ଜିଲ୍ଲାର ଡିଆନାଳି ଗ୍ରାମର ଆଦିବାସୀ ଜିତୁ ମୁଣ୍ଡାଙ୍କୁ ୨୭ ଏପ୍ରିଲ୍ ୨୦୨୬ରେ ତାଙ୍କ ସ୍ୱର୍ଗତ ଭଉଣୀ କାଲ୍‌ରା ମୁଣ୍ଡାଙ୍କ କଙ୍କାଳ ଧରି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ତାଙ୍କ ଖାତାରେ ଜମା ଥିବା ଅର୍ଥ ଉଠାଇବା ପାଇଁ ଯାଇଥିଲେ। ପୂର୍ବରୁ ସରକାର ମୁଣ୍ଡା ପରିବାରକୁ ସମ୍ପୂର୍ଣ୍ଣ ଅବହେଳା କରିଥିବା ବେଳେ ଭୂମିହୀନ ବିଧବା କାଲ୍‌ରା ମୁଣ୍ଡା ଓ ତାଙ୍କ ଭାଇ ଜିତୁ, ଦୁହେଁ ବୟସ୍କ ଓ ଅସୁସ୍ଥ ଥିବା ସତ୍ତ୍ୱେ ତାଙ୍କୁ କୌଣସି ସହାୟତା କରାଯାଇ ନ ଥିଲା। ସେମାନେ ଦୁଇଟି ବଳଦ ବିକ୍ରି କରି ବହୁ ପରିଶ୍ରମରେ ଜମା କରିଥିବା ୧୯,୬୦୦ ଟଙ୍କା ପାଇବାକୁ ଶେଷରେ ଜିତୁଙ୍କୁ ଏଭଳି ଚରମ ପଦକ୍ଷେପ ନେବାକୁ ପଡ଼ିଥିଲା। ଏହା ପଛର କାରଣ ଭାବେ କାଲରା ମୁଣ୍ଡାଙ୍କ ମୃତ୍ୟୁ ୨୬ ଜାନୁଆରୀ ୨୦୨୬ ରେ ହେବା ପରେ ସ୍ଥାନୀୟ ଅଧିକାରୀମାନଙ୍କୁ ମୃତ୍ୟୁ ବିଷୟରେ ଜଣାଇବା ସତ୍ତ୍ୱେ ତାଙ୍କ ମୃତ୍ୟୁ ପ୍ରମାଣପତ୍ରକୁ ତିନି ମାସରୁ ଅଧିକ ସମୟ ପାଇଁ ରୋକ ରଖାଯାଇଥିଲା ବୋଲି ଦର୍ଶାଯାଇଛି। ଏହାସହିତ ଜିତୁ ମୁଣ୍ଡାଙ୍କ ପରିଚୟ, ବାସସ୍ଥାନ, ବୟସ ଏବଂ ଅଭାବଗ୍ରସ୍ତତା ଗାଁରେ ଜଣାଶୁଣା ଥିଲେ ମଧ୍ୟ ସେ ତାଙ୍କର ବାୟୋମେଟ୍ରିକ୍ସ-ସଂଲଗ୍ନ ଆଧାର ପରିଚୟପତ୍ର ଦେଖାଇ ପାରି ନଥିବାରୁ ତାଙ୍କୁ ରାସନ କାର୍ଡ ଏବଂ ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ପ୍ରଦାନ କରାଯାଇ ନ ଥିଲା।

'ଖାଦ୍ୟ ଅଧିକାର ଅଭିଯାନ' ଓ 'ରି-ଥିଙ୍କ ଆଧାର' ଏହି ଘଟଣାରେ କ୍ଷେତ୍ରସ୍ତରକୁ ଯାଇ ବିସ୍ତୃତ ତଥ୍ୟ ସଂଗ୍ରହ କରିବା ପରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏହି ଘଟଣାରେ ନିରପେକ୍ଷ ନ୍ୟାୟିକ ଏବଂ ପ୍ରଶାସନିକ ତଦନ୍ତ ଆବଶ୍ୟକତା ରହିଛି। କାଲରା ମୁଣ୍ଡାଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ସହ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅଧିକାରୀଙ୍କ ଆଚରଣ ଓ ଜିତୁ ମୁଣ୍ଡାଙ୍କ ଖାଦ୍ୟ ସୁରକ୍ଷା ଏବଂ ପେନସନ ଅଧିକାରରୁ ବଞ୍ଚିତ କରିବା ଘଟଣାରେ ଦାୟି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ପେନସନଭୋଗୀ, ରାସନ କାର୍ଡଧାରୀ, ବୃଦ୍ଧ, ବିଧବା ଏବଂ ଦୁର୍ବଳ ବର୍ଗଙ୍କ ସହ ଜଡ଼ିତ ସମସ୍ତ ମାମଲାର ସାତ ଦିନ ମଧ୍ୟରେ ମୃତ୍ୟୁ ପଞ୍ଜୀକରଣ ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ ବାଧ୍ୟତାମୂଳକ କରାଯିବାକୁ ମଧ୍ୟ ଦାବି ହୋଇଛି। ଜିତୁ ମୁଣ୍ଡାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଗମ୍ଭୀର ଭାବେ ଅପପୁଷ୍ଟରେ ରହିଛନ୍ତି। ତେଣୁ ତାଙ୍କ ପରିବାରର ସଦସ୍ୟମାନଙ୍କ ପାଇଁ ଖାଦ୍ୟ ସୁରକ୍ଷା, ପେନ୍‌ସନ, ସ୍ୱାସ୍ଥ୍ୟ ସେବା ଓ ଆବାସ ସହାୟତା ତ୍ୱରିତ ଭାବେ ଜାରି କରିବାକୁ ଦାବି ହୋଇଛି।

■ ତୈଳ ସଙ୍କଟ ନେଇ ମୁଖ୍ୟ ସଚିବଙ୍କ ସଙ୍କେତ

## ବାଧ୍ୟତାମୂଳକ ହୋଇପାରେ ପବ୍ଲିକ୍ ଟ୍ରାନ୍ସପୋର୍ଟ

ଭୁବନେଶ୍ୱର,୧୪।୫(ସମିସ): ଦେଶରେ ତୈଳ ସଙ୍କଟ ଦେଖାଦେଇଥିବା ବେଳେ ଯଥାସମ୍ଭବ କମ୍ ପେଟ୍ରୋଲ, ଡିଜେଲ ବ୍ୟବହାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନ ସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ପ୍ରରିପେକ୍ଷୀରେ ପେଟ୍ରୋଲ-ଡିଜେଲ ବ୍ୟବହାର ନେଇ ରାଜ୍ୟରେ କୌଣସି ବଡ଼ ନିଷ୍ପତ୍ତି ଆସିପାରେ। ଏନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସଙ୍କେତ ଦେଇଛନ୍ତି। ସଚିବ ସ୍ତରୀୟ ବୈଠକ ପରେ ଗଣମାଧ୍ୟମକୁ ଏନେଇ ସୂଚନା ଦେଇ ଶ୍ରୀମତୀ ଗର୍ଗ କହିଛନ୍ତି ଯେ ପରିସ୍ଥିତିର ମୁକାବିଲା ପାଇଁ ସରକାରୀ ସ୍ତରରେ ଅନେକ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ ନିଜ କାରକେଡର ଗାଡ଼ିକୁ ଅଧା କରିଛନ୍ତି। ଆଗକୁ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ କିଛି ନିର୍ଦ୍ଦେଶ ଜାରି ହୋଇପାରେ। ସରକାରୀ ଗାଡ଼ି ପାଇଁ ବି କିଛି କଟକଣା ଆସିପାରେ। ପବ୍ଲିକ ଟ୍ରାନ୍ସପୋର୍ଟ ବାଧ୍ୟତାମୂଳକ ହୋଇପାରେ ବୋଲି ଶ୍ରୀମତୀ ଗର୍ଗ ସୂଚନା ଦେଇଛନ୍ତି।

## ବାଲିଅନ୍ତା ଭିଡ଼ ହତ୍ୟା ମାମଲା

# ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୪।୫ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣଙ୍କ ହେଲେ, ରଣଜିତ ପାତ୍ର ଓରଫ୍ ଚିନୁ (୨୪)। ସେ କଟକ ସଦର ଥାନା ଗଙ୍ଗେଶ୍ୱରଗଡ଼ା ଅଞ୍ଚଳରେ ରହୁନ୍ତି। ଚିନୁକୁ କ୍ରାଇମ୍‌ବ୍ରାଞ୍ଚ ଭିଡ଼ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇଛି। କ୍ରାଇମବ୍ରାଞ୍ଚ ସୂଚନାନୁସାରେ, ଚିନୁ ଜିଆର୍‌ପି କନ୍‌ଷ୍ଟେବଲ ସୌମ୍ୟରଞ୍ଜନଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ନିର୍ଦ୍ଦୟ ଭାବେ ଲଗାତାର ପିଟି ଚାଲିଥିଲା। ସୌମ୍ୟ ବନ୍ଧା ହୋଇଥିଲା ବେଳେ ସେ ଏଭଳି ଆକ୍ରମଣ କରିଥିଲା। ଚିନୁ ଗିରଫ ହେବା ପରେ ଏହି ମାମଲାରେ ଗିରଫଦାରୀ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ପୂର୍ବରୁ ୧୧ଜଣଙ୍କୁ କମିଶନରେଟ୍ ପୁଲିସ ଗିରଫ କରିଥିଲା ବେଳେ କ୍ରାଇମ୍‌ବ୍ରାଞ୍ଚ ୨ଜଣଙ୍କୁ ଗିରଫ କରିଛି। ଗିରଫଦାରୀ ସଂଖ୍ୟା ଆଗକୁ ବଢ଼ିବ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସୂଚନା ଦେଇଛି। ଏହି ମାମଲାରେ ଆହୁରି ୧୨ରୁ ୧୩ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ମଧ୍ୟ ଗିରଫ କରାଯିବ। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ମିଛ କର୍ମଚାରୀ; ସତ ଦରମା: ୫୧.୫୩ ଲକ୍ଷ ସରକାରୀ ଟଙ୍କା ଆତ୍ମସାତ୍

## କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀ ଗିରଫ



କଟକ,୧୪।୫(ସମିସ): କଟକ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟରେ ଘଟିଥିବା ଏକ ବଡ଼ଧରଣର ସରକାରୀ ଅର୍ଥ ତୋଷରପାତର ପର୍ଦ୍ଦାଫାସ କରିଛି ଭିଜିଲାନ୍ସ। ପ୍ରାୟ ୫୧.୫୩ ଲକ୍ଷ ଟଙ୍କା ସରକାରୀ ପାଣ୍ଠି ଆତ୍ମସାତ୍ କରିଥିବା ଅଭିଯୋଗରେ ଭିଜିଲାନ୍ସ ଆଜି କାର୍ଯ୍ୟାଳୟର କର୍ମଚାରୀ ସୁଭାଷ ଚନ୍ଦ୍ର ସାହୁଙ୍କୁ ଗିରଫ କରିଛି। ଅଭିଯୁକ୍ତ ସୁଭାଷ କଟକ ଡିଇଓ କାର୍ଯ୍ୟାଳୟର ଆକାଉଣ୍ଟସ୍ ସେକ୍ସନ୍‌ରେ ଥିବା ବେଳେ ଏଚ୍‌ଆରଏମ୍‌ଏସ୍ ଏବଂ ଆଇଏଫ୍‌ଏମ୍‌ଏସ୍ ପୋର୍ଟାଲ୍ ପରିଚାଳନା ଦାୟିତ୍ୱରେ ଥିଲେ। ଏହି ସମୟରେ ସେ କାର୍ଯ୍ୟାଳୟର ଡିଡିଓ (ଡ୍ରଇଂ ଆଣ୍ଡ ଡିସ୍‌ବର୍ସିଂ ଅଫିସର୍)ଙ୍କ ଲଗ-ଇନ୍ ଆଇଡି ବ୍ୟବହାର କରିଥିଲେ। ସରକାରୀ ଏଆରଏମଏସ ପୋର୍ଟାଲ୍‌ରେ ସେ ୪ଜଣ ବାହାର ବ୍ୟକ୍ତିଙ୍କ ନାମକୁ ସରକାରୀ କର୍ମଚାରୀ ଭାବେ ଦର୍ଶାଇ ଦରମା ପାଇବାକୁ ଯୋଗ୍ୟ କର୍ମଚାରୀ ଭାବେ ଅନ୍ତର୍ଭୁକ୍ତ କରିଥିଲେ। ସେହି ବ୍ୟକ୍ତିମାନଙ୍କ ନାମରେ ଦରମା ବାବଦକୁ ଟଙ୍କା ଆସିବା ପରେ, ସେହିଦିନ ହିଁ ସମସ୍ତ ଅର୍ଥ ସୁଭାଷ ନିଜ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିନେଇଥିଲେ। ଗତ ୨୦୧୮ ଡିସେମ୍ବର ୩୧ରୁ ୨୦୨୧ ଅକ୍ଟୋବର ୧୬ ମଧ୍ୟରେ ମୋଟ ୫୧ଲକ୍ଷ ୫୩ ହଜାର ୬୪୦ ଟଙ୍କାର ବେଆଇନ କାରବାର ହୋଇଥିଲା। ଭିଜିଲାନ୍ସର ତଦନ୍ତ ଅନୁସାରେ, ଏହି ଦୁର୍ନୀତି ଏକ ଅତ୍ୟାଧୁନିକ ଡିଜିଟାଲ୍ ପଦ୍ଧତିରେ କରାଯାଇଥିଲା। ଦରମା ବଣ୍ଟନ ରେକର୍ଡରେ ଅନିୟମିତତା ଦେଖାଦେବା ପରେ ଭିଜିଲାନ୍ସରେ ଅଭିଯୋଗ କରାଯାଇଥିଲା। ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ଭିଜିଲାନ୍ସ ଜାଲରେ କାଡା ଯନ୍ତ୍ରୀ

ଭଦ୍ରକ/ହାଟଡିହୀ, ୧୪।୫ (ସମିସ): ଭଦ୍ରକ କାଡା (କମାଣ୍ଡ ଏରିଆ ଡେଭଲପ୍‌ମେଣ୍ଟ ଡିଭିଜନ ବା ସିଏଡିଏ) ଡିଭିଜନର ଇଞ୍ଜିନିୟର ବିଜୟ କୁମାର ମହାନ୍ତିଙ୍କ ଘରେ ଗୁରୁବାର ସକାଳେ ଭିଜିଲାନ୍ସ ଚଢ଼ଉ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଚଢ଼ଉ ହୋଇଥିବା ବେଳେ ତାଙ୍କର ବିପୁଳ ସମ୍ପତ୍ତି ଠାବ କରାଯାଇଛି।



ସୂଚନାଯୋଗ୍ୟ, ଭଦ୍ରକ ସହର ଉପକଣ୍ଠ ଆରଡି ଛକ ସାମରାଇପୁରଠାରେ ୩୫୦୦ ବର୍ଗଫୁଟ୍‌ର ୩ମହଲା କୋଠା, ଭଦ୍ରକ ନରୀପୁରସ୍ଥିତ କାଡା ଅଫିସ୍ (କମାଣ୍ଡ ଏରିଆ ଡେଭଲପ୍‌ମେଣ୍ଟ ଡିଭିଜନ) କାର୍ଯ୍ୟାଳୟ ସହ ତାଙ୍କ ପୈତୃକ ଘର ବାଲେଶ୍ୱର ବସ୍ତା ନରସିଂଡିଆସ୍ଥିତ ୨୬୦୦ ବର୍ଗଫୁଟ୍‌ର ଦୁଇମହଲା କୋଠା ଘରେ ଏକସଙ୍ଗେ ଭିଜିଲାନ୍ସ ଚଢ଼ଉ କରିଥିଲା। ଭଦ୍ରକ ଭିଜିଲାନ୍ସ ୟୁନିଟ୍ ଡିଏସ୍‌ପି ଦୁଷ୍ମନ୍ତ ନାୟକଙ୍କ ନେତୃତ୍ୱରେ ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍ ଦ୍ୱାରା ଚଢ଼ଉ ଜାରି ରହିଥିଲା। ସେହିଭଳି କନିଷ୍ଠ ଯନ୍ତ୍ରୀ ବିଜୟ ମହାନ୍ତିଙ୍କ ଭୁବନେଶ୍ୱର ମଳିପଡ଼ାରେ ଥିବା ସମ୍ପର୍କୀୟଙ୍କ ଘରେ ଓ କେନ୍ଦୁଝରସ୍ଥିତ କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ ହୋଇଥିଲା। ଭିଜିଲାନ୍ସ ବିଭାଗ ସୂଚନାନୁଯାୟୀ, ଯନ୍ତ୍ରୀ ଶ୍ରୀ ମହାନ୍ତିଙ୍କ ନାମରେ ୭ଟି ମୂଲ୍ୟବାନ ପ୍ଲଟ୍(ଜମି) ରହିଛି। ସେଗୁଡ଼ିକ ମଧ୍ୟରେ ଭଦ୍ରକ, ଭୁବନେଶ୍ୱର ଉପକଣ୍ଠ, ବସ୍ତା ଓ ରାସଗୋବିନ୍ଦପୁରରେ ମୋଟ ୭ଟି ପ୍ଲଟ୍ ଠାବ ହୋଇଛି। ଭିଜିଲାନ୍ସ ସୂଚନା ଅନୁସାରେ, ଭଦ୍ରକ ସମରାଇପୁରରେ ପ୍ରାୟ ୩୫୦୦ ବର୍ଗଫୁଟ୍ ଅଞ୍ଚଳରେ ଥିବା ଏକ ୩ ମହଲା ବିଲ୍ଡିଂ ଓ ବାଲେଶ୍ୱର ଜିଲ୍ଲା ବସ୍ତା ନରସିଂହଡିହାରେ ଗାଁରେ ପ୍ରାୟ ୨୬୦୦ ବର୍ଗଫୁଟ୍ ବିଶିଷ୍ଟ ଏକ ୨ ମହଲା ଘର ଚିହ୍ନଟ କରାଯାଇଛି। ଏହାଛଡ଼ା ଚଢ଼ଉ ସମୟରେ ନଗଦ ୧ ଲକ୍ଷ ୭୩ ହଜାର ୧୮୦ ଟଙ୍କା, ୩୫୦ ଗ୍ରାମ୍ ସୁନା ଅଳଙ୍କାର, ୧୯ ଲକ୍ଷ ୪୬ ହଜାର ୩୭୧ ଟଙ୍କାର ବ୍ୟାଙ୍କ ଜମା, ୩ଟି ଦୁଇଚକିଆ ଯାନ ଓ ପ୍ରାୟ ୮ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଜବତ ହୋଇଛି।

# ମିଳୁନି ତେଲ; ଗଡ଼ିଲାନି ୨ ହଜାର ବସ୍

 କଟକ, ୧୪।୫ (ସମିସ): ଆଉ ଦିନକ ପରେ ସାବିତ୍ରୀ ବ୍ରତ ପଡୁଥିବା ବେଳେ ଆଜି ଗାଡ଼ିରେ ପେଟ୍ରୋଲ –ଡିଜେଲ ପକାଇବା ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସାବିତ୍ରୀ କିଣାକିଣି ଅବା ସାବିତ୍ରୀଭାର ନେଇ ଲୋକେ ଘରୁ ବାହାରି ଆସି ବାଟରେ ଥିବା ଟାଙ୍କିରେ ତେଲ ପକାଇବା ପାଇଁ ଚିନ୍ତା କରିଥିଲେ। ହେଲେ ଆଜି କଟକ ସହର ସମେତ ବିଭନ୍ନ ସ୍ଥାନରେ ଥିବା ତେଲ ଟାଙ୍କିରେ ତୈଳ ସଙ୍କଟ ଜନିତ ସମସ୍ୟା ପାଇଁ ସେମାନେ ହନ୍ତସନ୍ତ ହୋଇଥିବା ପରିଲକ୍ଷିତ ହୋଇଛି। ଏପରିକି, ବାଟରେ ତେଲ ସରିଯିବାରୁ ଶତାଧିକ ଲୋକ ଗାଡ଼ି ଗଡ଼ାଇ ଗଡ଼ାଇ ଯାଉଥିବା ଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସେହିଭଳି ତୈଳ ସଙ୍କଟକୁ ନେଇ ଚିନ୍ତାରେ ପଡିଛନ୍ତି ରାଜ୍ୟର ଘରୋଇ ବସ୍ ମାଲିକ। ଏବେ ରାଜ୍ୟରେ ମୋଟ ୧୪ହଜାର ଘରୋଇ ବସ୍ ଚାଲିଥିବା ବେଳେ ତେଲ ନ ମିଳିବାରୁ ପ୍ରାୟ ୨୦୦୦ ବସ୍ ଆଜି ଚଳାଚଳ କରିପାରିନଥିବା ଜଣାପଡ଼ିଛି।

- ଦିନ ତମାମ ବନ୍ଦ ରହିଲା ଅଧିକାଂଶ ପେଟ୍ରୋଲ ପମ୍ପ
- ସାବିତ୍ରୀ ପୂର୍ବରୁ ଲୋକେ ହୀନସ୍ତା



ଗ୍ରାମାଞ୍ଚଳରେ ତେଲ ନ ମିଳିବାରୁ ବସ୍‌ଗୁଡ଼ିକ ଆସିପାରୁନାହିଁ ବୋଲି କହିଛନ୍ତି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ଏଭଳି ସ୍ଥିତି ଲାଗି ରହିଲେ, ଆଉ ୫-୬ ଦିନରେ ବସ୍ ଚଳାଚଳ ବନ୍ଦ ହୋଇଯିବାର ଆଶଙ୍କା ଉପୁଜିଛି। ସରକାର ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାକୁ ସେ ନିବେଦନ କରିଛନ୍ତି। ପବ୍ଲିକ୍ ଟ୍ରାନ୍ସପୋର୍ଟ ପାଇଁ କାର୍ଡ ବ୍ୟବସ୍ଥା କରି ଡିଜେଲ ଦେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

ଗତ ତିନି-ଚାରି ଦିନ ହେବ, ଓଡ଼ିଶାର ଉପାନ୍ତ କେତେକ ସ୍ଥାନରେ ପେଟ୍ରୋଲ ଏବଂ ଡିଜେଲ ସଂକଟ ଦେଖାଦେଇଥିଲା। ଆଜି କଟକ ସହରରେ ଦିନ ୧୧ଟା ପରଠାରୁ ତେଲ ମିଳିନଥିଲା। ସହରରେ ୩୦ରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ଏଥିମଧ୍ୟରୁ ୭୦ପ୍ରତିଶତ ପେଟ୍ରୋଲ ପମ୍ପ ଦିନ ୨ଟା ପରଠାରୁ ବନ୍ଦ ହୋଇଯାଇଥିଲା। ଯେଉଁ ହାତଗଣତି କେତୋଟି ଖୋଲାଥିଲା, ସେଗୁଡ଼ିକରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଥିଲା। ଜରୁରୀ କାମ ପାଇଁ ଘରୁ ବାହାରିଥିବା ଲୋକମାନେ ତେଲ ପାଇଁ ପେଟ୍ରୋଲ ପମ୍ପଗୁଡ଼ିକରେ ଭିଡ଼ ଜମାଇଥିଲେ। ପରେ ଅନେକ ସ୍ଥାନରେ ଷ୍ଟକ୍ ଶେଷ ହୋଇଯାଇଥିବା ଖବର ମିଳିଛି। ତେବେ ସରକାର ଏହାକୁ ଖଣ୍ଡନ କରିବା ସହ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ତେଲ ମହଜୁଦ ଥିବା ନେଇ ସଫେଇ ଦେଉଥିବା ବେଳେ ବାସ୍ତବରେ ଯୋଗାଣ ବିଭାଗ ନିରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଥିଲା।

କଟକର କିଛି ପେଟ୍ରୋଲ ପମ୍ପରେ ତେଲ ସରିଯିବା ପରେ ବାରିକେଡ୍ ଲଗାଯାଇଥିବା ଦେଖିବାକୁ ମିଳିଛି। ଭିଡ଼ ନିୟନ୍ତ୍ରଣ କରିବା ପାଇଁ କିଛି ଡିଲର୍ ତେଲ ଦୁଇଚକିଆ ଯାନ ପାଇଁ ସର୍ବାଧିକ ୨୦୦ଟଙ୍କା ଓ ଚାରି ଚକିଆ ଯାନ ପାଇଁ ସର୍ବାଧିକ ୧,୦୦୦ ଟଙ୍କାର ତେଲ ଦେଇଥିଲେ।

ପେଟ୍ରୋଲ ପମ୍ପ କର୍ମଚାରୀଙ୍କ କହିବା ଅନୁସାରେ, ପୂର୍ବରୁ ତେଲ ପକାଇବାକୁ ୫ ମିନିଟ୍ ଲାଗୁଥିବା ବେଳେ ଏବେ ଏକ ଘଣ୍ଟାରୁ ଅଧିକ ସମୟ ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ଏହାକୁ ନେଇ ଗ୍ରାହକ ଏବଂ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ମଧ୍ୟ ହେଉଛି। ଅବଶ୍ୟ ବିଗତ ତିନି ଦିନରେ ତେଲ ବିକ୍ରିରେ ୫୦% ବୃଦ୍ଧି ଘଟିଛି ବୋଲି ଡିଲର୍‌ମାନେ କହୁଛନ୍ତି। ତୈଳ କମ୍ପାନୀଗୁଡ଼ିକ ପୂର୍ବରୁ ୩-୪ ଦିନର ଷ୍ଟକ୍ ରଖିବାକୁ କହୁଥିବା ବେଳେ ଏବେ ମାତ୍ର ୨ଦିନର ଷ୍ଟକ୍ ରଖିବାକୁ କହୁଛନ୍ତି, ଯାହାକି ସମସ୍ୟାକୁ ବଢ଼ାଇଦେଇଛି।

## ମାଲ ପରିବହନ ବାଧାପ୍ରାପ୍ତ

ତୈଳ କମ୍ପାନୀଗୁଡ଼ିକର ମନମାନି ପାଇଁ ଡିଜେଲ ଅଭାବ ସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ମାଲ ପରିବହନ କେତେକାଂଶରେ ବାଧାପ୍ରାପ୍ତ ହୋଇଛି ବୋଲି କହିଛନ୍ତି ଅଲ୍ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସର ଅଧ୍ୟକ୍ଷ ରବିନାରାୟଣ ଶତପଥୀ। ଶ୍ରୀ ଶତପଥୀ କହିଛନ୍ତି ଯେ ତେଲ ମହଜୁଦ ଥିଲେ ବି ଟାଙ୍କିଗୁଡ଼ିକୁ କମ୍ପାନୀ ପକ୍ଷରୁ ଯୋଗାଣ ମନମାନି ଢଙ୍ଗରେ କରାଯାଉଛି। ଟ୍ରକ୍ ଓ ଅନ୍ୟ ମାଲବାହୀ ଭାରୀଯାନରେ ଅତିକମରେ ୫-୬ ହଜାର ଟଙ୍କାର ଡିଜେଲ ପଡ଼ିଥାଏ। ଏବେ ବିଭିନ୍ନ ଟାଙ୍କିରେ ଏହାକୁ ନିୟନ୍ତ୍ରିତ କରାଯାଇ ୧ ହଜାର ଟଙ୍କାର ଦିଆଯାଉଛି। ଫଳରେ ମାଲବାହୀ ଗାଡ଼ିଗୁଡ଼ିକ ଗଡ଼ିବା ଧୀରେଧୀରେ ବନ୍ଦ ହେଲାଣି। ଆଉ ତିନି ଚାରି ଦିନ ଏଭଳି ସ୍ଥିତି ଲାଗି ରହିଲେ, ଓଡ଼ିଶାକୁ ବାହାରୁ ଆସୁଥିବା ଅଣ୍ଡା, ଖାଇବା ତେଲ, ଡାଲି, ଔଷଧ ଓ ପନିପରିବା ଭଳି ଅତି ଆବଶ୍ୟକ ସାମଗ୍ରୀ ଆମଦାନୀ ବନ୍ଦ ହୋଇଯିବ ବୋଲି ସେ କହିଛନ୍ତି।

### ଅପରାଧ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଅଭିଯାନ

# ପୁଲିସ ଟାର୍ଗେଟରେ ଅଭ୍ୟାସଗତ ଅପରାଧୀ ଓ ସହଯୋଗୀ

ବଲାଙ୍ଗିର,୧୪।୫(ସମିସ): ବଲାଙ୍ଗିର ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କଡା ଦଫା ଲଗାଇ ଗିରଫ କରାଯାଇଛି। ଏହି ଅପରାଧୀଙ୍କ ମଧ୍ୟରେ ଚୋର, ଡକାୟତ, ନିଶା ବେପାରୀ ଭଳି ଅପରାଧ ଘଟାଇଥିବା ଯୁବକମାନେ ରହିଥିବା ବେଳେ ସେମାନଙ୍କ ବିରୋଧରେ ଏକାଧିକ ମାମଲା ହୋଇଛି। ଏନେଇ ଗୁରୁବାର ବଲାଙ୍ଗିର ଏସ୍‌ପି ଅଭିଲାଷ ଜି. ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାଜ୍ୟରେ ଅପରାଧ ଉପରମୁହାଁ ହେବା ପରେ ଅପରାଧୀଙ୍କ ବିରୋଧରେ ପୁଲିସ କଡା ଆଭିମୁଖ୍ୟ ପ୍ରଦର୍ଶନ କରିଥିଲା। ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଅପରାଧ ଦମନ ଲାଗି ଅଭ୍ୟାଗତ ଅପରାଧୀଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା।

ଏହିକ୍ରମରେ ଗତ ୧୧ ତାରିଖରୁ ବଲାଙ୍ଗିରରେ ଏହି ଅଭିଯାନ ଆରମ୍ଭ ହୋଇଛି। ଗୁରୁବାର ୩ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ପୁଲିସ ଗିରଫ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ସଂପୃକ୍ତ ଅଭିଯୁକ୍ତମାନେ ହେଲେ ଲରମ୍ଭା ଥାନା ଲଛିମାଲ ଗାଁର ନିବେଶ ଦୀପ, ବେଲପଡା ଥାନା ବଜରଙ୍ଗବଲିପଡାର କାର୍ତ୍ତିକ ହଂସ ଓ ଟାଉନ ଥାନା ଅଞ୍ଚଳର ସୌମ୍ୟ ପର୍ଡିଆ। ଏମାନଙ୍କ ନାମରେ ଏକାଧିକ ଅପରାଧିକ ମାମଲା ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି। ସେହିପରି ୨୦୨୫ରେ ୭୧ ଜଣଙ୍କୁ ଯୋଜନାବଦ୍ଧ ଅପରାଧିକ ମାମଲାରେ ଗିରଫ କରାଯାଇଥିବା ବେଳେ ୨୦୨୬ରେ ୩୮ ଜଣଙ୍କୁ ଗିରଫ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ତେବେ ଏହି ଅଭ୍ୟାସଗତ ଅପରାଧୀଙ୍କ ଭିତରେ ବାଲିମାଫିଆ, ଚୋର, ଡକାୟତ, ଲୁଟେରା, ନିଶା ବେପାରୀ ରହିଥିବା ପୁଲିସ ସୂଚନା ଦେଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହିଭଳି ଅପରାଧୀଙ୍କୁ ଆଶ୍ରୟ ଦେଉଥିବା କିମ୍ବା ସହାୟତା କରୁଥିବା ସହଯୋଗୀଙ୍କୁ ମଧ୍ୟ ଦଫା ଲଗାଇ ଗିରଫ କରାଯିବ ବୋଲି ଏସ୍‌ପି ଚେତବାନୀ ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ପାଟଣାଗଡ଼ ପୁଲିସର ଅନୁକମ୍ପା

- ଦୁର୍ବୃତ୍ତଙ୍କ ମାଡ଼ରେ ଯୁବକ ଗୁରୁତର
- ଖୋଲାମେଲା ବୁଲୁଛନ୍ତି ଅଭିଯୁକ୍ତ
- ଜୀବନ ଭୟରେ ପରିବାର ଲୋକ
- ମାମଲା ରୁଜୁ କରି ପୁଲିସ ଚୁପ୍

ପାଟଣାଗଡ଼,୧୪।୫(ସମିସ): ପାଟଣାଗଡ଼ ଥାନା ଜଣେ ମହିଳାଙ୍କୁ ନ୍ୟାୟ ଦେଉନି। ଗତ ୫ ତାରିଖ ଦିନ ଉଲବା ଗ୍ରାମର କାନ୍ତା ଭରାସାଗରଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ପାଟଣାଗଡ଼ ଥାନାରେ କାନ୍ତା ଲିଖିତ ଅଭିଯୋଗ କରିଛନ୍ତି। ସୋମନାଥ ନିକଟସ୍ଥ କିରାନା ଦୋକାନକୁ ସାମଗ୍ରୀ କିଣିବାକୁ ଯାଇଥିଲେ। ଏହି ସମୟରେ ଗ୍ରାମର ଭଜ ମେହେର, ପରମେ ମେହେର, ବେଣୁ ମେହେର, ଶଙ୍କର ମେହେର ଓ ଚତ୍ରୁ ମେହେର ସୋମନାଥଙ୍କୁ ଲୁହା ରଡ୍‌ରେ ଅତର୍କିତ ଆକ୍ରମଣ କରି ତାଙ୍କ ଅଣ୍ଟା ଓ ଗୋଡ଼ ଭାଙ୍ଗି ଦେଇଛନ୍ତି। ଏଥିସହ ତାଙ୍କୁ ମଧ୍ୟ ଅଶ୍ଳୀଳ ଗାଳିଗୁଲଜ ସହ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି; କିନ୍ତୁ ସଙ୍ଗେ ସଙ୍ଗେ ଥାନାରେ ମାମଲା ରୁଜୁ ହେଲାନି। ଘଟଣାର ୭ ଦିନ ପରେ କାନ୍ତା ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ। ଏହାପରେ ମାମଲା ରୁଜୁ ହେଲା। ତଥାପି ତାଙ୍କୁ ନ୍ୟାୟ ମିଳିପାରିନି। ତାଙ୍କ ସ୍ୱାମୀଙ୍କୁ ଲହୁଲୁହାଣ କରି ମାଡ଼ ମାରିଥିବା ୫ଜଣ ଅଭିଯୁକ୍ତ ଖୋଲାମେଲା ବୁଲୁଛନ୍ତି। ଏଣୁ ପରିବାର ଲୋକଙ୍କ ଜୀବନ ପ୍ରତି ବିପଦ ରହିଥିବା କାନ୍ତା ଅଭିଯୋଗ ଆଣିଛନ୍ତି। ମାମଲା ଚାପି ଦେବାକୁ ପ୍ରୟାସ କରାଯାଇଛି ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ସେ ବାରମ୍ବାର ଥାନାକୁ ଦୌଡୁଛନ୍ତି। 'କ'ଣ କରିପାରିଲୁ' ବୋଲି ଅଭିଯୁକ୍ତ ଧମକ ଦେଉଛନ୍ତି। ବରଗଡ଼ର ଏକ ନର୍ସିଂହୋମରେ ତାଙ୍କ ସ୍ୱାମୀ ଚିକିତ୍ସିତ ହେଉଛନ୍ତି। କାହା ଚାପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରୁନି ବୋଲି କାନ୍ତା ଅଭିଯୋଗ ଆଣିଛନ୍ତି।

## ମାଧୋ ସିଂଙ୍କ ଉପରେ ଭୁଲ୍ ତଥ୍ୟ ନେଇ କୋସଲ ମିଳିତ କ୍ରିୟାନୁଷ୍ଠାନ କମିଟିର ପ୍ରତିବାଦ



ବଲାଙ୍ଗିର,୧୪।୫(ସମିସ): ଛାତ୍ରଛାତ୍ରୀଙ୍କ ପାଠ୍ୟ ପୁସ୍ତକରେ କୋସଲାଞ୍ଚଳର ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ବିଭ୍ରାନ୍ତିକର ଉପସ୍ଥାପନାକୁ ନେଇ କୋସଲ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଘେରିଛି। ଏହାର ସଂଶୋଧନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଚଳିତ ବର୍ଷ ଗଣଶିକ୍ଷା ବିଭାଗ ଦ୍ୱାରା ଦିଆଯାଇଥିବା ସପ୍ତମ ଶ୍ରେଣୀର ସାହିତ୍ୟ ସୁମନ ବହିରେ କବି ବୀରେନ୍ଦ୍ର ମହାନ୍ତିଙ୍କ ଦ୍ୱାରା ରଚିତ ଏକ ପ୍ରବନ୍ଧ ପ୍ରକାଶ ପାଇଛି। ଏଥିରେ କୋସାଲାଞ୍ଚଳର ଗର୍ବ ଓ ଗୌରବ ସ୍ୱାଧୀନତା ସଂଗ୍ରାମୀ ସହିଦ ମାଧୋ ସିଂଙ୍କ ଜୀବନୀ ବିଷୟରେ ପ୍ରକାଶ ପାଇଛି। ତେବେ କୋସାଲାଞ୍ଚଳର ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ପାଠ୍ୟ ପୁସ୍ତକରେ ପ୍ରକାଶ ପାଇବା ଗର୍ବର ବିଷୟ ବୋଲି କମିଟି କହିଛି; କିନ୍ତୁ ଏହି ପ୍ରବନ୍ଧରେ ତାଙ୍କ ଜୀବନୀ ବିଷୟରେ ବିକୃତ କରି ଭୁଲ୍ ସୂଚନା ପ୍ରଦାନ କରାଯାଇଥିବା କୋସଲ ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି; ଯାହାକି ଛାତ୍ରଛାତ୍ରୀଙ୍କ ମନରେ ବିଭ୍ରାନ୍ତ ସୃଷ୍ଟି କରିବାର ସମ୍ଭାବନା ରହିଛି। ତେଣୁ ଏହିଭଳି ଏକ ପ୍ରବନ୍ଧ କିଭଳି ପ୍ରକାଶ ପାଇଲା ତାହାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଟି ଦାବି କରିଛି। ଗୁରୁବାର ଅଚ୍ୟୁତ ଖମାରୀଙ୍କ ନେତୃତ୍ୱରେ ଚନ୍ଦ୍ରକାନ୍ତୀ ଘେଟ, ଆରତୀ ନାଏକ, ରାଶେଶ୍ୱରୀ ଧରୁଆ, ଜିତୁ ନାଏକ, ଲୋକେଶ ଭୋଇ, ବିକାଶ ସା, ତରଣୀ ବିନ୍ଧାଣି, ସୁରେନ୍ଦ୍ର ନାଗ, ବୀରେନ୍ଦ୍ର ସିଂ, ଲଳିତ ମୋହନ ରାଉତ, ଅଜିତ ସାହୁ ପ୍ରମୁଖ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା କମିଟି ସଦସ୍ୟଙ୍କ ସହ ଆଲୋଚନା କରିବା ସହ ଦାବିପତ୍ର ଗ୍ରହଣ କରିଥିଲେ।

## କାଳବୈଶାଖୀ ଉଡାଇ ନେଲା ଆଜବେଷ୍ଟସ୍

ଲୋଇସିଂହା,୧୪।୫(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ବୁଢ଼ୀପଦର ପଞ୍ଚାୟତ ନେଗିପାଲି ଗ୍ରାମର ବିଧବା ବୃଦ୍ଧା ଦୈମତି ମେସୁଆଙ୍କ ଦୁର୍ଦ୍ଦଶା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସରକାରଙ୍କ ବିଭିନ୍ନ ଆବାସ ଯୋଜନା ଥିବା ସତ୍ତ୍ୱେ ସେ ଏପର୍ଯ୍ୟନ୍ତ ପକ୍କା ଘର ପାଇବାରୁ ବଞ୍ଚିତ ରହିଛନ୍ତି। ବୁଧବାର ସନ୍ଧ୍ୟାରେ ଅଞ୍ଚଳରେ ହୋଇଥିବା କାଳବୈଶାଖୀ ଝଡ଼ ତାଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି। ପ୍ରବଳ ପବନ ଓ ବର୍ଷାରେ ସେ ରହୁଥିବା କଚ୍ଚା ଘରର ଆଜବେଷ୍ଟସ ଉଡ଼ିଯାଇଥିବା ବେଳେ ଘରର ପ୍ରମୁଖ ଅଂଶ କ୍ଷତିଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ ଅଳ୍ପକେ ଦୈମତିଙ୍କ ଜୀବନ ରକ୍ଷା ପାଇଯାଇଛି। ଘର ଛାତ ଉଡ଼ିଯିବା ପରେ ବର୍ଷା ପାଣି ଘର ଭିତରକୁ ପଶି ଖାଦ୍ୟ ସାମଗ୍ରୀ ସହ ଘରୋଇ ଜିନିଷପତ୍ର ନଷ୍ଟ ହୋଇଛି। ଏବେ ସେ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ଦିନ କାଟୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ଦୈମତି ଦୀର୍ଘଦିନ ଧରି ସରକାରୀ ଆବାସ ପାଇଁ ଆଶା କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସହାୟତା ପାଇନାହାନ୍ତି। ଏଭଳି ଦୁର୍ଦ୍ଦଶା ସତ୍ତ୍ୱେ ସେ ଆବାସ ଯୋଜନାରୁ ବଞ୍ଚିତ ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।



## ଯୋଗାଣ ସହାୟକଙ୍କ ବିରୋଧରେ ଘୁନସର ପଞ୍ଚାୟତବାସୀ ବିଡିଓଙ୍କ ଦ୍ୱାରସ୍ଥ

ସଇଁତଲା,୧୪।୫(ସମିସ): ସଇଁତଲା ବ୍ଲକ୍ ଅନ୍ତଗତ ଘୁନସର ପଞ୍ଚାୟତର ଜନସାଧାରଣ ରାସନ କାଡର୍‌ରେ ପରିବାରର ସଦସ୍ୟଙ୍କ ନାମ ଯୋଡ଼ିବା ପାଇଁ ଗୁରୁବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏହାସହ ପଞ୍ଚାୟତ ଯୋଗାଣ ସହାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ଜଣାଇଛନ୍ତି। ପଞ୍ଚାୟତବାସୀଙ୍କ ଦାବି ଅନୁସାରେ ଗତ ଏକ ବର୍ଷରୁ ଅଧିକ ହେଲା ସେମାନେ ନିଜ ରାସନ କାଡର୍‌ରେ ପରିବାରର ସଦସ୍ୟଙ୍କ ନାମ ଯୋଡ଼ିବାକୁ ଯୋଗାଣ ସହାୟକଙ୍କୁ କହିଆସୁଛନ୍ତି; କିନ୍ତୁ ଯୋଗାଣ ସହାୟକ ସେମାନଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି। ସେମାନଙ୍କ ପରିବାରର ସଦସ୍ୟଙ୍କ ନାମ ରାସନ କାଡର୍‌ରେ ସଂଯୋଗ କରୁନାହାନ୍ତି। ଏହା ଫଳରେ ରାସନକାଡର୍‌ଧାରୀ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅନ୍ୟପକ୍ଷରେ ଯୋଗାଣ ସହାୟକ ରାସନ କାର୍ଡରେ ନାମ ସଂଯୋଗ କରିବାକୁ ଟଙ୍କା ଦାବି କରୁଥିବା ଏମାନେ ଅଭିଯୋଗ କରିଛନ୍ତି। ଯୋଗାଣ ସହାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଇଁତଲା ବିଡିଓ ପୁରୁଷୋତ୍ତମ ମିର୍ଦ୍ଧାଙ୍କ ନିକଟରେ ଏମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ତେବେ ଏ ବିଷୟରେ ଶ୍ରୀ ମିର୍ଦ୍ଧାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରିବା ସହ ରାସନ କାଡର୍‌ରେ ପରିବାର ସଦସ୍ୟଙ୍କ ନାମ ଯୋଡ଼ିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ରବି ଚନ୍ଦ୍ର ନାଏକ, ଗାୟତ୍ରୀ ରଣା, ରାଜଶ୍ରୀ ରଣା, କୁମୁଦିନୀ ରଣା, ସନ୍ତୋଷିନୀ ରଣା, ଆହ୍ଲାଦିନୀ ରଣା, ଗୀତାଙ୍ଗଳୀ ନାଏକ, ସୁକାନ୍ତୀ ରଣା ପ୍ରମୁଖ ଉପସ୍ଥିତ ଥିଲେ।



## ୭ ଦିନ ହେଲା ନିଖୋଜ ଯୁବକଙ୍କ ପତ୍ତା ମିଳୁନି

କଣ୍ଟାବାଞ୍ଜି,୧୪।୫(ସମିସେ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ରାମୁଡ଼ର ପୃଥ୍ୱୀରାଜ ବରିହା (୧୯) ୭ ଦିନ ହେଲା ନିଖୋଜ ଅଛନ୍ତି। ପରିବାର ଲୋକେ ବଲାଙ୍ଗିର ଏସ୍‌ପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ରାମୁଡ଼ର ପ୍ରହଲ୍ଲାଦ ବରିହା ଓ ବିଳାସ ବରିହା ନିଜର ଦୁଇ ପୁଅଙ୍କ ସହ ରାଜ୍ୟ ବାହାରେ ଦାଦନ ଶ୍ରମିକ ଭାବେ କାମ କରନ୍ତି। ରାସନ କାର୍ଡରେ ଚାଉଳ ଉଠାଇବା ପାଇଁ ସେମାନେ ପୃଥ୍ୱୀରାଜକୁ ଗାଁକୁ ପଠାଇଥିଲେ। ଗତ ୬ ତାରିଖରେ ପୃଥ୍ୱୀରାଜ ବେଲପଡ଼ା ଥାନା ସଲଣ୍ଡିସ୍ଥିତ ନିଜ ପିଉସୀଙ୍କ ଘରକୁ ବୁଲିବାକୁ ଯାଇଥିଲେ। ସେଠାରୁ ସେ ହଠାତ୍ ନିଖୋଜ ହୋଇଯାଇଛନ୍ତି। ପୃଥ୍ୱୀରାଜ ନିଖୋଜ ହେବାର ୨ ଦିନ ପରେ ରାମୁଡ଼ ଗାଁ ନିକଟସ୍ଥ ଏକ ବିଲରୁ ତାଙ୍କ ବ୍ୟାଗ୍ ମିଳିଥିଲା। ଏହା ପରେ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରୁଛନ୍ତି। ପୂର୍ବରୁ ଏନେଇ ବେଲପଡ଼ା ଓ ତୁରେକେଲା ଥାନାରେ ମାମଲା ରୁଜୁ ହୋଇଛି। ପୁଲିସ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ବରଯାତ୍ରୀ ଆସି ଜୀବନ ଗଲା

କଣ୍ଟାବାଞ୍ଜି,୧୪।୫(ସମିସ): କାଣ୍ଟାବାଞ୍ଜି ଥାନା ଡୁମେରଚୁଆଁ ଗାଁରେ ଘଟଣ ଘଟିଛି। ବରଯାତ୍ରୀ ଆସିଥିବା ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। କୂଅରୁ ତାଙ୍କ ମୃତଦେହ ମିଳିଛି। ମୃତକ ହେଲେ ବେଲପଡା ଥାନା ବାଲିଖମାର ଗାଁର ସୁଶୀଲ ଶବର। ଗାଁର ଜଣେ ସଂପର୍କୀୟ ଭାଇଙ୍କ ବିବାହ ଥିବାରୁ ସେ ବୁଧବାର ଡୁମେରଚୁଆଁକୁ ବରଯାତ୍ରୀ ଆସିଥିଲେ; କିନ୍ତୁ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଗୁରୁବାର ଖୋଜାଖୋଜି କରିବାକୁ ଡୁମେରଚୁଆ ଗାଁକୁ ଆସିଥିଲେ। ଗାଁର ଏକ କୂଅରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦୃଖି କଣ୍ଟାବାଞ୍ଜି ପୁଲିସକୁ ଖବର ଦେଇଥିଲେ। କଣ୍ଟାବାଞ୍ଜି ଥାନା ଅଧିକାରୀ ଗୋପାଳ କର୍ଣ୍ଣ କର୍ମଚାରୀଙ୍କ ସହ ପହଞ୍ଚି ଅଗ୍ନିଶମ ବାହିନୀ ସହଯୋଗରେ କୂଅରୁ ମୃତଦେହ ଉଦ୍ଧାର କରିଥିଲେ। ତାହା ନିଖୋଜ ସୁଶୀଲଙ୍କ ଶବ ଥିଲା। ପରିବାର ଲୋକେ ଚିହ୍ନଟ କରିବା ପରେ ମୃତଦେହ ଜବତ କରି ପୁଲିସ ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଇଥିଲା। ବୁଧବାର ରାତିରେ ଘଡ଼ଘଡ଼ି ସହ ବର୍ଷା ହେଉଥିଲା। ବରଯାତ୍ରୀ ଆସିବା ସମୟରେ ଗାଁ ରେ ବିଦ୍ୟୁତ୍ ନ ଥିଲା। ହୁଏତ ଅନ୍ଧାରରେ ସେ ଜାଣିନ ପାରି ସେ କୂଅରେ ପଡିଯାଇଥିବା ଗାଁ ଲୋକେ ଅନୁମାନ କରୁଛନ୍ତି।

## ଗୁରୁ ଭଗବାନ ସାହୁଙ୍କୁ ବାଦ୍ ଦେଇ ପଶ୍ଚିମ ଓଡ଼ିଶାର ଭାଷା, କଳା, ସଂସ୍କୃତି ଉପରେ ଆଲୋଚନା ଅସମ୍ପୂର୍ଣ୍ଣ



ବଲାଙ୍ଗିର, ୧୪।୫(ସମିସ): ଗୁରୁ ଭଗବାନ ସାହୁଙ୍କୁ ବାଦ୍ ଦେଇ ପଶ୍ଚିମ ଓଡ଼ିଶାର ଭାଷା, କଳା, ସଂସ୍କୃତି ଉପରେ ଆଲୋଚନା ଅସମ୍ପୂର୍ଣ୍ଣ। ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍ କୁଟାସିଂହାରେ ପଶ୍ଚିମ ଓଡ଼ିଶା ଭାଷା, କଳା, ସଂସ୍କୃତିର ପ୍ରଚାରକ ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର ଏବଂ କବିତା ଆସରରେ ଏହି ମତ ପ୍ରକାଶ ପାଇଛି। ଶବ୍ଦ ନୃତ୍ୟର ଆଦି ଗୁରୁ ଭଜମନ ଦାସ କଳା ପରିଷଦ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବି ବିପ୍ର ଚରଣ ସାହୁ, ସାହିତ୍ୟିକ ଉମାକାନ୍ତ ହୋତା, ସୁବାସ ଚନ୍ଦ୍ର ପାତ୍ର, ସାଲେଭଟାର ସାମ୍ବାଦିକ ସନ୍ତୋଷ ବିଶି, ଆଗଲପୁର ବ୍ଲକ୍ ବିଜେପି ମଣ୍ଡଳ ସଭାପତି ନିରଞ୍ଜନ ଦେହେରି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନା କରିଥିଲେ। ଏହାସହ ଅତିଥିଗଣ ଶବ୍ଦ ନୃତ୍ୟର ପ୍ରଚାର ଏବଂ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଖୁବ୍ ଶୀଘ୍ର କୁଟାସିଂହାରେ ଶବ୍ଦ ନୃତ୍ୟର ଆଦି ଗୁରୁ ଭଜମନ ଦାସଙ୍କ ସ୍ମୃତି ସ୍ତମ୍ଭ ସ୍ଥାପନ ପାଇଁ ପଦକ୍ଷେପ ନେବାକୁ ସମସ୍ତେ ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାପତି ତଥା ସରପଞ୍ଚ ଡିଗ୍ରୀ ମେହେର ଏଥିରେ ସଭାପତିତ୍ୱ କରିଥିଲେ। ସୁରେଶ ଚନ୍ଦ୍ର ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧିକାରୀ ପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ।

## ଗୁଜରାଟରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ବଲାଙ୍ଗିର, ୧୪।୫(ସମିସ): ବଲାଙ୍ଗିର ଜିଲ୍ଲାର ଜଣେ ବ୍ୟକ୍ତିଙ୍କ ଗୁଜରାଟରେ ମୃତ୍ୟୁ ଘଟିଛି। ମୃତକ ହେଲେ ତୁଷୁରା ଥାନା ଡୁଙ୍ଗୁରିପାଲିର ବୀରେନ୍ଦ୍ର ଛତ୍ରିଆ। ଗୁଜରାଟ ଲିଜୁରାସ୍ଥିତ ଏକ ମାର୍ବଲ କାରଖାନାରେ ସେ କାମ କରୁଥିଲେ। ହଠାତ୍ ମେସିନର ବିଦ୍ୟୁତ୍ ସ୍ପର୍ଶରେ ଆସି ଜଳିଯାଇଥିବା ଅଭିଯୋଗ ହୋଇଥିଲା। କାରଖାନା କର୍ତ୍ତୃପକ୍ଷ ତାଙ୍କୁ ସ୍ଥାନୀୟ ଏକ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସେଠାକାର ପୁଲିସ ଏକ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ଆମ୍ବୁଲାନ୍ସ ଯୋଗେ ଗାଁକୁ ଶବ ପଠାଯାଇଛି।

## ସେଞ୍ଚୁରିଆନ ବିଦ୍ୟାଳୟରେ ଗ୍ରୀଷ୍ମ ଶିବିର ଉଦ୍‌ଯାପିତ




ବଲାଙ୍ଗିର,୧୪।୫(ସମିସ): ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ଓ ପାଠ୍ୟପୁସ୍ତକ ବାହାରେ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ସେଞ୍ଚୁରିଆନ ବିଦ୍ୟାଳୟ (ଜେଆଇଟିଏମ ପରିସର) ପକ୍ଷରୁ ଆୟୋଜିତ ୯ ଦିନିଆ ଗ୍ରୀଷ୍ମ ଶିବିର ୨୦୨୬-୨୭ ଉଦ୍‌ଯାପିତ ହୋଇଛି। ଗତ ମେ ୬ ତାରିଖରେ ଆରମ୍ଭ ହୋଇଥିବା ଏହି ଶିବିର ସେଞ୍ଚୁରିଅନ ବିଦ୍ୟାଳୟ, କୁସୁମ କନସେପ୍ଟ ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ ଓ ହେଲୋ କିଡ୍ସର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପ୍ରଦୀପ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଶିବିରରେ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ସୃଜନଶୀଳ ଓ କୌଶଳମୂଳକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶିବିରରେ ପିଲାମାନଙ୍କୁ ଶାରୀରିକ ବ୍ୟାୟାମ, ନୃତ୍ୟ, ହସ୍ତକଳା ଓ ବିଭିନ୍ନ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିଶେଷକରି ଅତ୍ୟାଧୁନିକ ରୋବଟିକ୍ସ, ବିଜ୍ଞାନ କୁହୁକ, ତୀରନ୍ଦାଜି ଓ ସୁଟିଂ, ବାଲୁକା କଳା, ସନ୍ଧାନମୂଳକ ଖେଳ, ଅଗ୍ନି ବିନା ରନ୍ଧା, କାନ୍ଥରେ ଲଗାଇବା ସୌନ୍ଦର୍ଯ୍ୟ କରଣ ଉପକରଣ ତିଆରି, ରଙ୍ଗୀନ କାଗଜରେ ମୁଖା ତିଆରି ପରି ଅଭିନବ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଆକର୍ଷଣ କରିଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏଥିସହିତ ପୁନେ ଏନଏସଡି ତାଲିମପ୍ରାପ୍ତ ଯାମିନୀ ସାହୁଙ୍କ ନିର୍ଦ୍ଦେଶନାରେ ଥିଏଟର ୱାର୍କସପ ଆୟୋଜିତ ହୋଇଥିଲା। ଉତ୍ସବରେ ଡ. ଅନଙ୍ଗ ଉଦୟ ନାୟକ, ଉପାଧ୍ୟକ୍ଷା ଡ. ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା, ସେଞ୍ଚୁରିଅନ ବିଦ୍ୟାଳୟର ଅଧ୍ୟକ୍ଷ ତମାଳ ଚକ୍ରବର୍ତ୍ତୀ, ଉପାଧ୍ୟକ୍ଷା ଡ. ପୁଣ୍ୟତୋୟା ବିଶ୍ୱାଳ, କୁସମ କନସେପ୍ଟ ସ୍କୁଲର ଅଧ୍ୟକ୍ଷା ସୁନନ୍ଦିନୀ ଗୁରୁ, ଦିଲ୍ଲୀ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ସଞ୍ଜନା ବାଲି ଓ ହେଲୋ କିଡ୍ସର ଅଧ୍ୟକ୍ଷା ସୋନିକା ତ୍ରିପାଠୀ ସହଯୋଗ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଶତାଧିକ ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

### ପଥର ବିସ୍ଫୋରଣ ଯୋଗୁଁ ଗ୍ରାମବାସୀ ଭୟଭୀତ

# ଡାଡିଲେଣି ଉଚ୍ଛବପାଲି, ଉପରବାହାଲ ଗ୍ରାମବାସୀ

ବଲାଙ୍ଗିର,୧୪।୫(ସମିସ)



- ଚାଷଜମିକୁ ଯିବାକୁ ଡରୁଛନ୍ତି ଚାଷୀ
- ଅଭିଯୋଗ ସତ୍ତ୍ୱେ ଚୁପ୍ ପ୍ରଶାସନ

ଲୋଇସିଂହା ବ୍ଲକ ଉପରବାହାଲ ପଞ୍ଚାୟତର ଉଚ୍ଛବପାଲିରେ ପଥର ବିସ୍ଫୋରଣ ଯୋଗୁଁ ଲୋକେ ଅସୁବିଧା ଭୋଗୁଛନ୍ତି। ଏହାକୁ ନେଇ କିଛି ବର୍ଷ ପୂର୍ବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ। ତତ୍‌କାଳୀନ ଉପଜିଲ୍ଲାପାଳଙ୍କୁ ମଧ୍ୟ ଏ ସମ୍ବନ୍ଧରେ ଅଭିଯୋଗ କରାଯାଇଥିଲା। କିଛି ମାସ କାମ ବନ୍ଦ ହୋଇଥିଲା; କିନ୍ତୁ ପୁଣି ୩/୪ ବର୍ଷ ହେବ ଏ ଅଞ୍ଚଳରେ ପଥର ବିସ୍ଫୋରଣ କରାଯାଉଛି। ଏଥିଯୋଗୁଁ ସ୍ଥାନୀୟ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମିରେ ମଧ୍ୟ ପଥର ପଡୁଥିବାରୁ .ଷ ନଷ୍ଟ ହେଉଛି। ଏଣୁ ଜମିକୁ ଯିବାକୁ .ଷୀ ଡରୁଛନ୍ତି। ଏହାକୁ ନେଇ ଉପରବାହାଲ ପଞ୍ଚାୟତର ଉଚ୍ଛବପାଲି ଓ ଉପରବାହାଲରୁ .ଷୀ ଓ ଗ୍ରାମବାସୀ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ପାଖରେ ପୁଣି ଅଭିଯୋଗ କରିଛନ୍ତି। ସେମାନେ ଜଣାଇଛନ୍ତି ଯେ .ଷ ଜମି ନଷ୍ଟ ହେବା ସହ ସେଠାକାର ରାସ୍ତା, ଘର ଭୟଙ୍କର ବିସ୍ଫୋରଣ ପ୍ରଭାବରେ ଫାଟି ଯାଉଛି। ଛୋଟ ଛୁଆ ସ୍କୁଲ ଯିବା ପାଇଁ ଡରୁଛନ୍ତି। ତେଣୁ ଏହା ଶିଘ୍ର ସମାଧାନ ପାଇଁ ସେମାନେ ଗୁହାରି କରିଛନ୍ତି। ଏହାର ପ୍ରତିକ୍ରିୟାରେ ପୂର୍ବତନ ମନ୍ତ୍ରୀ ଶ୍ରୀ ମିଶ୍ର କହିଛନ୍ତି ଯେ ଏଭଳି ଅସୁବିଧା ସମାଧାନ ଦିଗରେ ପ୍ରଶାସନ ସମ୍ବେଦନଶଳ ହେବା କଥା।

ଅଭିଯୋଗ ପାଇଲା ପରେ ମଧ୍ୟ ପ୍ରଶାସନ ସମାଧାନ ଦିଗରେ ତତ୍ପରତା ନ ଦେଖାଇବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମିଶ୍ର ଏହ ଅବସରରେ କହିଛନ୍ତି। ରାଜସ୍ୱ ଆଦାୟ ପାଇଁ କୌଣସି ମତେ ମଧ୍ୟ ଚାଷୀ ଓ ଲୋକଙ୍କ ଜୀବନକୁ ନେଇ ପ୍ରଶାସନ ଖେଳିବା ଉଚିତ ନୁହେଁ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଉଚ୍ଛବପାଲିର ସୁରେଶ ବେହେରା, କିରନ ବେହେରା, ସରୋଜ ପାତ୍ର, ଆନନ୍ଦ ପାତ୍ର, ଅରୁଣ ପାତ୍ର, ଉପରବାହାଲ ର ବାସୁଦେବ ପ୍ରଧାନ, ରାମଦାଶ ଭୋଇ, ରବୀନ୍ଦ୍ର ବିଶ୍ୱାଳ, ବିରଞ୍ଚି ପ୍ରଧାନ, ଚକାମନ ବିଶ୍ୱାଳ, ଫକୀର ବିଶ୍ୱାଳ ଏବଂ ମାଗୁରବେଡା ସରପଞ୍ଚ ସଂଜୟ ଗଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# ସାବିତ୍ରୀ ପାଇଁ ଫଳ ବଜାରରେ ମହଙ୍ଗା ମାଡ଼

**ବଣାଇଁ, ୧୪।୫(ସମିସ):** ଦିନକ ପରେ ସାବିତ୍ରୀବ୍ରତ। ବଣାଇଁ ସହର ସମେତ ଆଖପାଖ ବଜାର ଅଞ୍ଚଳରେ ଫଳ କିଣିବାକୁ ସତ୍ୟବାନମାନଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ଯାହା ଫଳ ବ୍ୟବସାୟୀମାନଙ୍କ ପାଇଁ ପୁଷ ମାସ ପାଲଟିଛି। ବଣାଇଁ ସହର ସମେତ ଗାଁ ଗୁଡ଼ିକରେ ମଧ୍ୟ ସାବିତ୍ରୀ ପାଇଁ ବଜାର ଚଳଚଞ୍ଚଳ ହୋଇପଡ଼ିଛି। ଲୁଗାପଟା, ଶାଢ଼ି, ମ୍ୟାଚିଙ୍ଗ ସେଣ୍ଟରଠାରୁ ଆରମ୍ଭକରି ଫଳ, ପୂଜା ସାମଗ୍ରୀ ଓ ଷ୍ଟେସନାରୀ ଆଦି ଦୋକାନଗୁଡ଼ିକରେ ପ୍ରବଳ ଭିଡ଼ ଜମିବାରେ ଲାଗିଛି।



ହେଲେ ଗତବର୍ଷଠାରୁ ଚଳିତବର୍ଷ ଫଳ ଦର ସବୁ ଏବେ ଆକାଶଛୁଆଁ ହୋଇପଡ଼ିଛି। ଦେଶୀ କଦଳୀ ଡଜନ ପିଛା ୮୦ରୁ ୧୦୦, ଲିଚୁକୋଳି କିଲୋ ପିଛା ଦେଢ଼ଶହରୁ ୨୦୦, ସେଓ କିଲୋ ୧୫୦ରୁ ୩ଶହ, ଅଙ୍ଗୁରକୋଳି ୧୫୦ରୁ ୨୦୦, ସପୁରି ଗୋଟାକୁ ୫୦ରୁ ୬୦, କମଳା ୧୫୦ରୁ ୧୮୦ ଓ ଅନୁରୂପ ଭାବେ ପଣସ ଓ ତରଭୁଜ ଗୋଟାକୁ ୫୦ରୁ ୧୦୦ ଟଙ୍କା ମଧ୍ୟରେ ଥିବା ଜଣାଯାଇଛି। ତେବେ ଚଳିତବର୍ଷ ଫଳମୂଳ ଦର ବୃଦ୍ଧି ନେଇ ସ୍ଥାନୀୟ ବେପାରୀ କହିଛନ୍ତି, ଏହି ସମୟରେ ଯେତିକି ଫଳ ବାହାରୁ ଆସିବା କଥା ପ୍ରଚଣ୍ଡ ଗରମ ଯୋଗୁଁ ଆବଶ୍ୟକ ଅନୁସାରେ ଆସିପାରୁନି। ତେଣୁ ଚଳିତ ବର୍ଷ ଏଭଳି ଦର ହୋଇଥିବା କହିଛନ୍ତି। ପାରମ୍ପରିକ ଏହି ଓଷା ପାଇଁ ସାଧାରଣତଃ ଦର ଅଧିକ ରହିଥିବା କିଛି ଫଳ ବ୍ୟବସାୟୀ କହିଛନ୍ତି। ସେହିପରି ଚଳିତବର୍ଷ ଲୋକାଲ ଆମ୍ବ ଫସଲ ଭଲ ହୋଇଥିଲେ ମଧ୍ୟ ପିଠା ଚୋର, ଦଲକି, ବନ୍ଧା ଭୂଇଁ, ସିନ୍ଦୂରକଳା ଇତ୍ୟାଦି ବିଭିନ୍ନ ଗାଁରୁ ଆମ୍ବ ଆସି ପାରୁନାହିଁ। ଯାହା ଫଳରେ ସାବିତ୍ରୀ ପାଇଁ ଆମ୍ବ ଓ ପଣସ ଦର ବୃଦ୍ଧି ହୋଇଛି ଆଉ କିଛି ବ୍ୟବସାୟୀ କହିଛନ୍ତି।

**ଦୋକାନରେ ସତ୍ୟବାନଙ୍କ ଭିଡ଼**

## ରାଉରକେଲା ସହରରେ ପେଟ୍ରୋଲ ସଙ୍କଟ

# ୨୦ ଦିନ ହେବ ୨ ପେଟ୍ରୋଲ ପମ୍ପ ସମ୍ପୂର୍ଣ୍ଣ ବନ୍ଦ

**ରାଉରକେଲା, ୧୪।୫(ସମିସ)**

ରାଉରକେଲା ସହରରେ ଏବେ ଦେଖାଦେଇଛି ଗୁରୁତର ପେଟ୍ରୋଲ ସଙ୍କଟ। ସେପଟେ ଆବଶ୍ୟକ ମୁତାବକ ପେଟ୍ରୋଲ ଆସୁନଥିବାରୁ ୨୦ ଦିନ ହେବ ୨ଟି ପେଟ୍ରୋଲ ପମ୍ପ ସମ୍ପୂର୍ଣ୍ଣ ବନ୍ଦ ପଡ଼ିଥିବା ବେଳେ ଅନ୍ୟ କେତେକ ପେଟ୍ରୋଲ ପମ୍ପରେ ଦିନରେ ମିଳିଲେ ରାତିରେ ମିଳୁନାହିଁ ପେଟ୍ରୋଲ। ଯାହା ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟରେ ପେଟ୍ରୋଲ ସଙ୍କଟ ଯୋଗୁଁ ଦୀର୍ଘ ୨୦ ଦିନ ହେବ ସହରରେ ଥିବା ୨ଟି ପେଟ୍ରୋଲ ପମ୍ପ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସୂଚନାଯୋଗ୍ୟ, ରାଉରକେଲା ସହରରେ ୪୦ଟିରୁ ଊର୍ଦ୍ଧ୍ୱ ପେଟ୍ରେଲ ପମ୍ପ ରହିଛି। ତନ୍ମଧ୍ୟରୁ ୨୫ଟିରୁ ଊର୍ଦ୍ଧ୍ୱ ପେଟ୍ରୋଲ ପମ୍ପରେ ବିଶେଷ କରି ପେଟ୍ରୋଲ ଓ ଡିଜେଲ ସଙ୍କଟ ଦେଖାଦେଇଛି। ଦିନ ବେଳେ ପେଟ୍ରୋଲ ଏବଂ ଡିଜେଲ ଆସିଲେ ଅପରାହ୍ନ ୨ଟା ସୁଦ୍ଧା ସରିଯାଉଛି। ସେହି ଦୁଇଟି ପମ୍ପ ହେଲା ପାନପୋଷ ରୋଡରେ ଥିବା ହିନ୍ଦୁସ୍ଥାନ ପେଟ୍ରୋଲିୟମ ଏବଂ ସେକ୍ଟର - ୨୦ରେ ଥିବା ଭାରତ ପେଟ୍ରୋଲିୟମ (ଶ୍ରୀଶ୍ରୀ ଫିଲିଙ୍ଗ ଷ୍ଟେସନ)। ଏହାଛଡା ସହରରେ ଥିବା ୪୦ଟି ପେଟ୍ରୋଲ ପମ୍ପ ମଧ୍ୟରୁ ଅନ୍ୟୁନ ୨୫ଟି ପେଟ୍ରୋଲ ପମ୍ପରେ ପ୍ରାୟତଃ ପେଟ୍ରୋଲ ନଥିବା ଯୋଗୁଁ ସଂଧ୍ୟା ବେଳା ବନ୍ଦ ରହୁଥିବା ଦେଖିବାକୁ ମିଳୁଛି। ସକାଳେ ପେଟ୍ରୋଲ ଏବଂ ଡିଜେଲ ଆସିଲେ ଅପରାହ୍ନ ୨ଟା ସୁଦ୍ଧା ତାହା ସରିଯାଉଥିବାରୁ ପେଟ୍ରୋଲ ପମ୍ପ ବନ୍ଦ ପଡ଼ିଥିବା ଦେଖିବାକୁ ମିଳିଛି। ସେଥିପାଇଁ ସମସ୍ତେ କିପରି ପେଟ୍ରୋଲ ଓ ଡିଜେଲ ପାଇପାରିବେ ପ୍ରାୟ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ନେବାରେ କଟକଣା କରାଯାଇଛି। ଯେମିତିକି ବାଇକ ପାଇଁ ସର୍ବାଧିକ ୨୦୦ରୁ ୩୦୦ ଟଙ୍କାର ପେଟ୍ରୋଲ ଦିଆଯାଉଥିବାବେଳେ ଅଟୋ ରିକ୍ସା ପାଇଁ ୩୦୦ରୁ ୪୦୦ ଟଙ୍କା, କାର ପାଇଁ ୧୦୦୦ ଟଙ୍କାର ପେଟ୍ରୋଲ ଦିଆଯାଉଛି। ସେହିପରି ଡିଜେଲ କ୍ଷେତ୍ରରେ କାର ପାଇଁ ୨୦୦୦ ଟଙ୍କାର ଡିଜେଲ ଦିଆଯାଉଥିବା ବେଳେ ବସ୍ ଓ ଟ୍ରକ୍ ପାଇଁ ୩୦୦୦ରୁ ୪୦୦୦ ଟଙ୍କାର ଡିଜେଲ ଦିଆଯିବାର ବ୍ୟବସ୍ଥା କରାଯାଇଛି। ତେବେ ପ୍ରଶାସନ କିମ୍ବା ତୈଳ ଡିପୋ ପକ୍ଷରୁ ଏ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ। ସୂଚନାଯୋଗ୍ୟ, ରାଉରକେଲା ପାଇଁ ଦୈନିକ ଦେଢ଼ ଲକ୍ଷରୁ ୨ ଲକ୍ଷ ଲିଟରର ପେଟ୍ରୋଲ ଆବଶ୍ୟକତା ରହିଥିବା ବେଳେ ଡିଜେଲ ପ୍ରାୟ ୪ରୁ ୫ ଲକ୍ଷ ଲିଟର ଆବଶ୍ୟକତା ରହିଛି ବୋଲି ସୂଚନା ମିଳିଛି।



**୨୫ ପମ୍ପରେ ଦିନରେ ଥିଲେ ରାତିରେ ନାହିଁ**

## ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ବିଜେଡିର ବିକ୍ଷୋଭ

# ବିଜେପି ସରକାରରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର

**ରାଉରକେଲା, ୧୪।୫(ସମିସ):** ପ୍ରଶ୍ନପତ୍ର ଲିକ୍ ନେଇ ସୂଚନା ପରେ ସର୍ବଭାରତୀୟ ଡାକ୍ତରୀ ପାଠର ନାମଲେଖା ନିମନ୍ତେ ହେବାକୁ ଥିବା ନିଟ୍ ୨୦୨୬ ପରୀକ୍ଷାକୁ ବାତିଲ୍ କରାଯାଇଛି। ଯାହାକୁ ଦେଶର ଲକ୍ଷାଧିକ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନିର୍ଦ୍ଦେଶରେ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ବିପିୟୁଟି ମୁଖ୍ୟ ଫାଟକ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଚ୍ଛେ ଦିନ ଓ ଅମୃତ କାଳ ସ୍ଲୋଗାନ ଦେଇଥିବା ବିଜେପି ସରକାର ଦେଶର ସର୍ବବୃହତ୍ତ ପ୍ରବେଶିକ ପରୀକ୍ଷା ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଫଳରେ ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ମନୋବଳ ଉପରେ ଘୋର ଆଘାତ ହୋଇଛି। ଯଥାଶୀଘ୍ର କେନ୍ଦ୍ର ସରକାର ଅତି ସ୍ୱଚ୍ଛତାର ସହିତ ଉକ୍ତ ପରୀକ୍ଷାକୁ ପୁନର୍ବାର କରି ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ। ନଚେତ ସମଗ୍ର ଓଡ଼ିଶାର ଯୁବ ଛାତ୍ର ସମାଜ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ ରାସ୍ତା ଉପରେ ଲଢେଇ କରିବେ ବିକ୍ଷୋଭ ସମାବେଶରେ କୁହାଯାଇଛି। ଏହି ଅବସରରେ ରାଜ୍ୟ ଛାତ୍ର କାର୍ଯ୍ୟକାରୀ ସଭାପତି ବାବୁ ଖାନ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ସୁବାଶ ସ୍ୱାଇଁ, ଦୁଷ୍ମନ୍ତ ରାଉତରାୟ, ହିମାଂଶୁ ପଣ୍ଡା, ଜିଲ୍ଲା ମହିଳା ସଭାନେତ୍ରୀ ସନ୍ଧ୍ୟା ଲାକ୍ରା, ଜିଲ୍ଲା ଯୁବ ସଭାପତି ପିଙ୍କୁ ଜୟସ୍ୱାଲ, ଜିଲ୍ଲା ଛାତ୍ର ସଭାପତି ସଞ୍ଜିତ ଛୋଟରାୟ, ବିଭୁତି ପୁହାଣ, ସୁଶାନ୍ତ ରାଉତ, କାବୁଲି ପ୍ରତିହାରୀ, ପ୍ରଶାନ୍ତ ନାୟକ, ସୌମ୍ୟ ଦାଶ, ଶିତୁ ସାମଲ, ଶେଖର ଦାସ, ରାଜା ଜେନା, ଦୀପକ ବାରିକ, ବରିଷ୍ଠ ନେତା ବିରେନ ସେନାପତି, ଗଗନ ପଣ୍ଡା, ଜୟନ୍ତ କୁମାର ମିଶ୍ର, ପ୍ରଶାନ୍ତ ସେଠୀ, ଛବି ମହାନ୍ତି, ବୀଣାପାଣି ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।



# କାଳବୈଶାଖୀରେ ଭାଙ୍ଗିଲା ସୂଚନା ବୋର୍ଡ



**ରାଉରକେଲା, ୧୪।୫ (ସମିସ):** କାଳବୈଶାଖୀରେ ପାନପୋଷ ରୋଡ ସ୍ଥିତ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟରେ ଲାଗିଥିବା ସୂଚନା ବୋର୍ଡ ଭାଙ୍ଗି ତଳେ ପଡ଼ିଯାଇଥିଲା। ତେବେ ଏଥିରେ କାହାରି କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି। ବୁଧବାର ରାତିରେ ହଠାତ୍ କାଳବୈଶାଖୀ ଝଡ଼ ଏବଂ ପ୍ରବଳ ପବନ ସହିତ ବର୍ଷା ହୋଇଥିଲା। ଫଳରେ ମହାବିଦ୍ୟାଳୟ ନିକଟ ମୁଖ୍ୟ ରାସ୍ତାରେ ଥିବା ଏକ ବଡ଼ ସୂଚନା ବୋର୍ଡ ଭାଙ୍ଗି ପଡ଼ିଥିଲା। ସେ ସମୟରେ ସୌଭାଗ୍ୟବଶତଃ କୌଣସି ଯାନବାହନ ତଥା ଲୋକେ ଯାତାୟାତ କରୁ ନ ଥିବାରୁ ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିଲା। ସୂଚନାଯୋଗ୍ୟ ଭାଙ୍ଗିପଡ଼ିଥିବା ସବୁଜ ରାଉରକେଲା, ସ୍ୱଚ୍ଛ ରାଉରକେଲା ବାର୍ତ୍ତା ବହନ କରୁଥିବା ବୋର୍ଡଟି ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିଲା। ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ବୋର୍ଡ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅପରପକ୍ଷେ ବୋର୍ଡର କାର୍ଯ୍ୟକୁ ନେଇ ଲୋକେ ବିଭାଗ ଉପରକୁ ପ୍ରଶ୍ନ କରିଛନ୍ତି। ଏହାଛଡା ସହରର ଅନ୍ୟ ସ୍ଥାନରେ ଲଗାଯାଇଥିବା ବୋର୍ଡ କେତେ ସୁରକ୍ଷିତ ସେନେଇ ଚର୍ଚ୍ଚା ଚାଲିଛି।

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ରେଡ୍‌କ୍ରସ୍ ଦିବସ




**ରାଉରକେଲା, ୧୪।୫ (ସମିସ):** ବିଶ୍ୱ ରେଡକ୍ରସ୍ ଦିବସ ଅବସରରେ ମହାବିଦ୍ୟାଳୟର ରେଡ୍‌କ୍ରସ୍ ବିଭାଗର ସଂଯୋଜିକା ଡ.ସ୍ମୃତିସ୍ନିଗ୍ଧା ମିଶ୍ର ଓ ସହ ସଂଯୋଜକ ଡ. ପ୍ରିୟ ରଞ୍ଜନ ବେହେରାଙ୍କ ନେତୃତ୍ୱ ଏବଂ ଅଧକ୍ଷା ଡ. ସସ୍ମିତା ସାମଲଙ୍କ ପୌରୋହିତ୍ୟରେ ଏକ ପ୍ରତିନିଧି ଦଳ ରାଉରକେଲା ସହରର ଏସ୍‌ଓଏସ୍ ଶିଶୁ ଗ୍ରାମ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଶିଶୁ ଗ୍ରାମର ଅନ୍ତେବାସୀମାନଙ୍କୁ ଭେଟି ଚଳିତ ବର୍ଷ ରେଡ୍‌କ୍ରସ୍ ଦିବସର ପ୍ରସଙ୍ଗ- 'ମାନବିକତାରେ ଏକତା, ସଙ୍କଟ ସମୟରେ ଏକାଠି ଠିଆହେବା' ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ମହାବିଦ୍ୟାଳୟର ରେଡ୍‌କ୍ରସ୍ ଶାଖା ପକ୍ଷରୁ ଅନ୍ତେବାସୀମାନଙ୍କୁ ପଠନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରତିନିଧି ଦଳର ସଦସ୍ୟ ଓ ସଦସ୍ୟାମାନଙ୍କୁ ଶିଶୁଗ୍ରାମର ବିଭିନ୍ନ କାର୍ଯ୍ୟ ଏବଂ ଅନ୍ତେବାସୀମାନଙ୍କ ଜୀବନଶୈଳୀ ସମ୍ପର୍କରେ ଶିଶୁଗ୍ରାମର ସ୍ଥାନୀୟ ମୁଖ୍ୟ ତଥା ସହକାରୀ ନିର୍ଦ୍ଦେଶିକା ଅଙ୍ଗୁର ମିଶ୍ର ଏବଂ ଅନ୍ୟତମ ଅଧିକାରୀ ଦିବ୍ୟଶଙ୍କର ନିୟୋଗୀ ସୂଚନା ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପକ ପ୍ରଶାନ୍ତ କୁମାର ସେଠୀ, ମାୟାଧର ବାରିକ, ଡ. ଶୁଭଜ୍ୟୋତି ମହାପାତ୍ର, ଡ. ବିଶ୍ୱନାଥ ପରିଜା, ଡ. ନିରଞ୍ଜନ ସାହୁ, ଡ. ଦୀପକ କୁମାର ସିଂହ, ବ୍ୟାସଦେବ ପ୍ରଧାନ, ଅଜୟ କୁମାର ବେହେରାଙ୍କ ସମେତ ଅଧାପିକା ବାସନ୍ତୀ କୁଜୁର ଓ ମନିଶା ନାୟକ ପ୍ରମୁଖ ସାମିଲ ହୋଇ ସହଯୋଗ କରିଥିଲେ। ଶେଷରେ ପ୍ରତିନିଧି ଦଳର ସଦସ୍ୟମାନେ ଶିଶୁଗ୍ରାମର ଅନ୍ତେବାସୀ ଓ ସେମାନଙ୍କର ଗୃହକର୍ତ୍ତୀମାନଙ୍କୁ ଭେଟି ମତ ବିନିମୟ କରିଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପତ୍ନୀ

**ରାଉରକେଲା, ୧୪।୫(ସମିସ):** ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ପଦା ଜାମପଲ୍ଲୀରୁ ଗତ ଦୁଇ ଦିନ ତଳେ ନିଖୋଜ ହୋଇଥିବା ବାବୁଲା ଡୁଙ୍ଗଡୁଙ୍ଗଙ୍କ ମୃତଶରୀର ସନ୍ଦିଗ୍ଧ ଅବସ୍ଥାରେ ମିଳିବା ପରେ ତାଙ୍କ ପତ୍ନୀ ଏହାକୁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିହିତ କରି ଏନେଇ ରାଜଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ବାବୁଲା ଡୁଙ୍ଗଡୁଙ୍ଗ ଗତ ଦୁଇଦିନ ତଳୁ ନିଖୋଜ ଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ରାଜଗାଙ୍ଗପୁର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଶବ ମିଳିବା ପରେ ଏହା ଭିନ୍ନ ମୋଡ ନେଇଛି। ସୂଚନାମୁତାବକ, ଗତ ୧୦ ତାରିଖରେ ବାବୁଲା ଡୁଙ୍ଗୁଡୁଙ୍ଗୁ ତାର ପତ୍ନୀ ସାରା ଡୁଙ୍ଗୁ ଡୁଙ୍ଗୁ ପିଲାଛୁଆ ଧରି ରାଜଗାଙ୍ଗପୁର ରାଣୀବନ୍ଧ ଧୋବୀ ପଡ଼ାକୁ ଏକ ଭୋଜି ଖାଇବା ପାଇଁ ଯାଇଥିଲେ। ଭୋଜିରେ ମଦ୍ୟପାନ ପରେ ବାବୁଲା ନିଶାଗ୍ରସ୍ତ ହୋଇ ବିଳମ୍ବିତ ରାତ୍ରରେ ଫେରୁଥିବା ବେଳେ ଗ୍ରାମର କାହା ଘରେ ପଶି ଯିବାରୁ ଏହାକୁ ନେଇ ଗୃହ ମାଲିକଙ୍କ ସହ ତାର ପାଟିତୁଣ୍ଡ ହୋଇଥିଲା। ପରେ ମାଡପିଟ ହେବା ପରେ ବାବୁଲା ଘଟଣା ସ୍ଥଳରୁ ଦୌଡ଼ ପଳେଇଥିଲା। ହେଲେ ସେ ଘରେ ପହଞ୍ଚି ନ ଥିଲା। ପରିବାର ଲୋକ ତାକୁ ଖୋଜାଖୋଜି କରି ତାର ସନ୍ଧାନ ପାଇ ନଥିଲେ। ପରଦିନ ଥାନାରେ ବାବୁଲା ନିଖୋଜ ଥିବା ନେଇ ତାଙ୍କ ପତ୍ନୀ ସାରା ଡୁଙ୍ଗଡୁଙ୍ଗ ଅଭିଯୋଗ କରିଥିଲେ। ପୁଲିସ ସନ୍ଧାନୀ କୁକୁର ଆଣି ତଦନ୍ତ କରିବା ପରେ ପୁଲିସ ଅଗ୍ନିଶମ ବାହିନୀଙ୍କ ସହାୟତାରେ ନାଳରୁ ବାବୁଲାର ମୃତ ଶରୀରକୁ ଉଦ୍ଧାର କରାଯାଇଥିଲା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିଥିଲେ। ତେବେ ବାବୁଲାଙ୍କର କିପରି ମୃତ୍ୟୁ ହେଲା ଏହା ଏକ ଦୁର୍ଘଟଣା ନା ଯୋଜନାବଦ୍ଧ ହତ୍ୟାକାଣ୍ଡ ସେନେଇ ସନ୍ଦେହ କରି ଏହାର ତଦନ୍ତ ପାଇଁ ପତ୍ନୀ ସାରା ଡୁଙ୍ଗଡୁଙ୍ଗ ପୁଲିସକୁ ଅନୁରୋଧ କରିଛନ୍ତି।

# ଆର୍‌ଏସ୍‌ପିର କୋକ୍ ଓଭେନ୍ ବିଭାଗର ସଫଳତା

**ରାଉରକେଲା, ୧୪।୫(ସମିସ)**


ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର କୋକ୍ ଓଭେନ୍ ବିଭାଗ ସମ୍ପ୍ରତି ବିଗତ ଆର୍ଥିକ ବର୍ଷ ୨୦୨୫ -୨୬ ମଧ୍ୟରେ ସଫଳତାର ବହୁବିଧ ମାଇଲଖୁଣ୍ଟ ଅତିକ୍ରମ କରିଛି। ଭିତ୍ତିଭୂମି ବିକାଶ, ଗୁରୁତ୍ୱପୂର୍ଣ୍ଣ ମରାମତି, ସୁରକ୍ଷା ବୃଦ୍ଧି ଏବଂ ପ୍ରଯୁକ୍ତିବିଦ୍ୟା ଆଧୁନିକୀକରଣ ଉପରେ ବିଭାଗର ଧ୍ୟାନ ଉତ୍ପାଦନ ନିରନ୍ତରତା ଏବଂ କର୍ମକ୍ଷେତ୍ର ସୁରକ୍ଷାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି। ବିଭାଗର ଏକ ପ୍ରମୁଖ ସଫଳତା ଥିଲା ବେଲ୍ଟ କନଭେୟର ୫୦୧ ସମ୍ପ୍ରସାରଣର ସଫଳ ନିର୍ମାଣ ଏବଂ କମିଶନିଂ, ଯାହା ନୂତନ କୋକ୍ ସ୍କ୍ରିନିଂ ପ୍ଲାଣ୍ଟ ରୁଟ୍ ମାଧ୍ୟମରେ ମିଲିୟନ୍ ଟନ୍ ପାର୍ଶ୍ୱରୁ ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ-୫) କୁ କୋକ୍ ପରିବହନ ପାଇଁ ଡିଜାଇନ୍ କରାଯାଇଛି। ଏହି ସ୍ଥାପନ ବିଏଫ -୫ କୋକ୍ ଯୋଗାଣକୁ ଅଧିକ ଉନ୍ନତ କରିଛି ଏବଂ କୋକ୍ ପରିଚାଳନା ଦକ୍ଷତାକୁ ମଧ୍ୟ ଉନ୍ନତ କରିଛି। ସମଗ୍ର ବର୍ଷରେ କାର୍ଯ୍ୟ ନିର୍ଭରଯୋଗ୍ୟତା ବଜାୟ ରଖିବା ପାଇଁ ବିଭାଗରେ ଅନେକ ଜରୁରୀ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ କାର୍ଯ୍ୟକାରୀ କରାଯାଇଥିଲା। ଏଥିରେ କୋକ୍ ଓଭେନ୍ ବ୍ୟାଟେରୀ ୧ ରେ ସୀମିତ ସେଲର୍ ଅଞ୍ଚଳ ମଧ୍ୟରେ ଏକ ୪୦ ମିଟର ବ୍ଲାଷ୍ଟ ଫର୍ଣ୍ଣେସ୍ ଗ୍ୟାସ୍ ପାଇପ ଲାଇନର ସୁରକ୍ଷିତ ପ୍ରତି ବଦଳ କରାଯାଇଥିଲା। ଅସୁରକ୍ଷିତ କାର୍ଯ୍ୟ ପ୍ରଣାଳୀକୁ ଅପସାରିତ କରି ବ୍ୟାଟେରୀ-୪ରେ ଅବିରତ କୋଇଲା ଉଠାଣ ବ୍ୟବସ୍ଥାର ଉନ୍ନତି ଏବଂ ବ୍ୟାଟେରୀକୁ କୋଇଲା ଉଠାଣ ନିରବଚ୍ଛିନ୍ନ କରିବା ପାଇଁ ରିକ୍ଲେମର୍ସ ୧ ଏବଂ ୨ ରେ ବଗି ବଦଳ କାର୍ଯ୍ୟ ମଧ୍ୟ ଗତ ବର୍ଷ ବିଭାଗର ଅନ୍ୟତମ ଉପଲବ୍ଧି ଥିଲା। ଏହା ସହିତ ବ୍ୟାଟେରୀ-୫ ବିରେ ୨୦ ଟି ଓଭେନ୍‌ର ପୂର୍ଣ୍ଣ କାନ୍ଥ ମରାମତି ସହିତ ଏକ ପ୍ରମୁଖ ମରାମତି ଅଭିଯାନ ମଧ୍ୟ ସଫଳତାର ସହ ସମାପ୍ତ ହୋଇଥିଲା। କାର୍ଯ୍ୟକ୍ଷମତା ବୃଦ୍ଧି କରିବା ଏବଂ ଶ୍ରମିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବ୍ୟାଟେରୀ ୧, ୩, ୪, ଏବଂ ୫ର ରାମ୍ କାର ଏବଂ ଗାଇଡ୍ କାର ପାଇଁ ଏକ ରାଡ଼ାର ଆଧାରିତ ପ୍ରୋକ୍ସିମିଟି ଡିଟେକ୍ସନ୍ ସିଷ୍ଟମ୍ ସହିତ ସିସିଟିଭି ଆଧାରିତ ନିରୀକ୍ଷଣ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକ୍ଷମ କରାଯାଇଥିଲା। ଏହି ଅପଗ୍ରେଡେସନ୍ ଅପରେଟରମାନଙ୍କ ପାଇଁ ଦୃଶ୍ୟମାନତାକୁ ଯଥେଷ୍ଟ ଉନ୍ନତ କରିଛି ଏବଂ କୋକ୍ ପୁସିଂ ଏବଂ ଗାଇଡ୍ କାର୍ଯ୍ୟ ସମୟରେ ସୁରକ୍ଷା କୁ ସୁଦୃଢ କରିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା ସିଡିସିପିରେ ୧୦ ଟନ୍ ବଏଲର୍ କ୍ରେନର ପୁନରୁଦ୍ଧାର। ଏହା ବ୍ୟତୀତ ହଏଷ୍ଟ ଗୁଡ଼ିକରେ, ଭିଭିଭିଏଫ ଡ୍ରାଇଭ୍ ଗୁଡିକୁ ବଦଳ କରାଯାଇ ଉପଯୁକ୍ତ ଭାବରେ ପ୍ରୋଗ୍ରାମ କରାଯାଇଥିଲା, ଯାହା ଫଳରେ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଥିଲା। ସେହିପରି ଲିଫ୍ଟର-୧ ଏବଂ ଲିଫ୍ଟର-୪ ରେ ଟ୍ରେଲିଂ କେବୁଲ ସପୋର୍ଟିଂ ଷ୍ଟ୍ରକଚରରେ ପରିବର୍ତ୍ତନ କରାଯିବା ସହ ଲିଫ୍ଟର-୩ ଏବଂ ଲିଫ୍ଟର-୪ ରେ ଅତିରିକ୍ତ ହୋଷ୍ଟ ବ୍ରେକ୍ ପ୍ୟାନେଲ ସ୍ଥାପନ କରାଯାଇଥିଲା। ଏହି ପରିବର୍ତ୍ତନ ଦ୍ୱାରା ହୋଷ୍ଟ ବ୍ରେକ୍ ହଠାତ ବିଫଳ ହେଲେ କିମ୍ବା ଉତ୍ତପ୍ତ ବକେଟ ବାଧାପ୍ରାପ୍ତ ହେଲେ ତୁରନ୍ତ ଏକ ଅତିରିକ୍ତ ବ୍ରେକ୍ ପ୍ୟାନେଲକୁ ସ୍ୱିଚ୍‌ଓଭର କରାଯାଇପାରିବ, ଯାହା ଫଳରେ ବ୍ରେକ ଡାଉନ ସମୟ ଯଥେଷ୍ଟ ହ୍ରାସ ପାଇବ। ଏଥି ସହିତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସିଡିସିପି ଚାମ୍ବର ୪ରେ ବୃହତ୍ତ ମରାମତି ସମାପ୍ତ ହେବା ବିଗତ ବର୍ଷ ଏକ ଐତିହାସିକ ସଫଳତା ଥିଲା। ଏହି ମରାମତି ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଏହି ପ୍ରକାରର ପ୍ରଥମ ବୃହତ୍ତ ମରାମତି, ଯାହା କାରଖାନା ଇତିହାସରେ ରକ୍ଷଣାବେକ୍ଷଣ ଉତ୍କର୍ଷତା ପାଇଁ ଏକ ନୂତନ ଉଦାହରଣ ସ୍ଥାପନ କରିଥିଲା। ସାମୂହିକ ଭାବରେ ଏହି ପଦକ୍ଷେପଗୁଡ଼ିକ କୋକ୍ ଓଭେନ୍ ବିଭାଗର କାର୍ଯ୍ୟ ସ୍ଥିରତା, ସୁରକ୍ଷା ସଂସ୍କୃତି ଏବଂ ଉତ୍ପାଦନ ଅଭିବୃଦ୍ଧି ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଆଗାମୀ ଆର୍ଥିକ ବର୍ଷରେ ଏହି ପ୍ରୟାସ ଗୁଡ଼ିକୁ ବଜାୟ ରଖିବା ଏବଂ ଉତ୍ପାଦନରେ ନିରନ୍ତର ଅଭିବୃଦ୍ଧି ଆଣିବା ପାଇଁ ବିଭାଗ ଏକ ଉତ୍ତମ ସ୍ଥିତିରେ ଅଛି।





# ଜାତୀୟ ସିନିୟର ପାୱାରଲିଫ୍ଟିଂ ଚାମ୍ପିଅନସିପ୍; ଆକାଂକ୍ଷାଙ୍କୁ ସ୍ୱର୍ଣ୍ଣ

**ରାଉରକେଲା, ୧୪।୫(ସମିସ):** ରାଉରକେଲା ଇସ୍ପାତ କାରଖାନାର ଟାଉନ୍ ସର୍ଭିସେସ୍ ବିଭାଗର ପ୍ରଶିକ୍ଷାର୍ଥୀ ସୁଶ୍ରୀ ଆକାଂକ୍ଷା ପରିଡ଼ା ମାର୍ଚ୍ଚ ୨୪ ରୁ ୨୮ ପର୍ଯ୍ୟନ୍ତ ମାଙ୍ଗାଲୋର ଠାରେ ଅନୁଷ୍ଠିତ ଜାତୀୟ ସିନିୟର ପାୱାରଲିଫ୍ଟିଂ ଚାମ୍ପିଅନସିପ୍‌ରେ ଉଲ୍ଲେଖନୀୟ ସଫଳତା ହାସଲ କରି ଇସ୍ପାତ ସହର ଏବଂ କାରଖାନା ପାଇଁ ଗୌରବ ଆଣିଛନ୍ତି। ୮୪ ରୁ ଊର୍ଦ୍ଧ୍ୱ କିଲୋଗ୍ରାମ ବର୍ଗରେ ଭାଗ ନେଇ ଆକାଂକ୍ଷା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ସ୍କ୍ୱାଟ୍‌ରେ ପ୍ରଭାବଶାଳୀ ୨୧୧ କିଲୋଗ୍ରାମ ଓଜନ ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ଜିତିବା ସହ ଉକ୍ତ ଇଭେଣ୍ଟରେ ଏକ ନୂତନ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କର ଶକ୍ତି ଏବଂ ଦୃଢ଼ ନିଷ୍ଠା ପ୍ରଦର୍ଶନରେ ସେ ୯୫ କିଲୋଗ୍ରାମ ଉଠାଇ ବେଞ୍ଚ ପ୍ରେସ୍‌ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଜାତୀୟସ୍ତରରେ ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ତାଙ୍କର ସମର୍ପଣ, ଦୃଢ଼ତା ଏବଂ କ୍ରୀଡ଼ା ଉତ୍କର୍ଷତାକୁ ପ୍ରତିଫଳିତ କରେ। ସୁଶ୍ରୀ ଆକାଂକ୍ଷାଙ୍କ ଏହି ସଫଳତା କେବଳ ଟାଉନ୍ ସର୍ଭିସେସ୍ ବିଭାଗ ପାଇଁ ନୁହେଁ ବରଂ ସମଗ୍ର ରାଉରକେଲା ଇସ୍ପାତ କାରଖାନା ସମୁଦାୟିକଙ୍କ ପାଇଁ ଗର୍ବ ଓ ଗୌରବ ଆଣିଛି।



ସକାଳ
THE SAKALA

# ସମ୍ପାଦକୀୟ



ଗୋଟିଏ ଅଙ୍ଗଦାନ ନିଷ୍ପତ୍ତି ସର୍ବାଧିକ ଆଠଟି ଜୀବନ ବଞ୍ଚାଇ ପାରେ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ଅନେକ ଜୀବନର ସାହାରା ହୋଇପାରେ।
-ବାରାକ୍ ଓବାମା

## ଆଗକୁ ଅସମ୍ଭାଳ

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରତ୍ୟକ୍ଷ ପ୍ରଭାବ ଏବେ ଭାରତର ପ୍ରାୟ ସବୁଦେଶରେ ଅନୁଭୂତ ହେଲାଣି। ଲାଗୁଛି ସତେଯେମିତି ଭାରତରେ ଯୁଦ୍ଧଜନିତ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ଇନ୍ଧନ ବଜାରରେ ହାହାକାର ଅବସ୍ଥା। ଅନେକ ପେଟ୍ରୋଲ୍ ପମ୍ପ ବନ୍ଦ ହୋଇସାରିଥିବା ବେଳେ ଆଉ କେତେକରେ କଳାବଜାରୀ ହେଉଥିବା ଅଭିଯୋଗ ହେଉଛି। ସାମ୍ପ୍ରତିକ ପରିସ୍ଥିତିରେ ମୋଟରଯାନ ଜନଜୀବନର ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇସାରିଥିବାରୁ ପେଟ୍ରୋଲ୍ ଡିଜେଲ୍ ବିନା ଜୀବନଯାତ୍ରା ଅଚଳ ହେବାକୁ ଯାଉଛି। ଏହାପୂର୍ବରୁ ଏଲ୍‌ପିଜି ଗ୍ୟାସ୍ ଯୋଗାଣ ହ୍ରାସ ଯୋଗୁଁ ଯେଭଳି ଖାଦ୍ୟ ସାମଗ୍ରୀ ମୂଲ୍ୟ ଅହେତୁକ ଭାବେ ବଢ଼ିଯାଇଥିଲା ସମାନ ସ୍ଥିତି ଏବେ ପେଟ୍ରୋଲ୍ ଡିଜେଲ୍ ସଙ୍କଟରୁ ଜନ୍ମ ନେଇଛି। କେତେକ ପେଟ୍ରୋଲ୍ ପମ୍ପ ମାଲିକଙ୍କ କହିବା ଅନୁଯାୟୀ ଖୁବ୍‌ଶୀଘ୍ର ପେଟ୍ରୋଲ୍ ଡିଜେଲ୍ ଦର ଲିଟର ପିଛା ଅନ୍ୟୂନ ୧୫ ରୁ ୨୦ ଟଙ୍କା ବଢ଼ିବା ଏକପ୍ରକାର ନିଶ୍ଚିତ। ତେଣୁ ଏହାର ପ୍ରଭାବ ପରିବହନ ଖର୍ଚ୍ଚକୁ ମହଙ୍ଗା କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମକୁ ଆହୁରି ଉପରମୁହାଁ କରିବ। ପେଟ୍ରୋଲ/ଡିଜେଲ୍ ଅଭାବ ଆଳରେ ଇତିମଧ୍ୟରେ ଆମ ରାଜ୍ୟ ରାଜଧାନୀରେ ଅନ୍‌ଲାଇନ୍ କ୍ୟାବ୍ ବା ଟାକ୍ସି ଚାଳକମାନେ ଧାର୍ଯ୍ୟ ବଢ଼ା ବାଦ୍ ମାତ୍ରାଧିକ ଦେୟ ଦାବି କଲେଣି। ଯାହା ମନକୁ ଯେତେ ଆସିଲା ସେତେ ଅଧିକ ଚଢ଼ା ଦର କହୁଛନ୍ତି। ପେଟ୍ରୋଲ/ଡିଜେଲ୍ ବିନା ହନ୍ତସନ୍ତ ହେଉଥିବା ଗ୍ରାହକମାନେ ଏଭଳି ଚଢ଼ା ଦର ଦେବାକୁ ଏକପ୍ରକାର ବିବଶ ହେଉଥିବା ଦେଖାଯାଉଛି। ଅଭିଯୋଗ କରିବାର ମଧ୍ୟ କୌଣସି ସାଧନ ନାହିଁ।

ମୂଳ କଥା ହେଉଛି ବେଳ ହୁଁ ଯଦି କେନ୍ଦ୍ର ସରକାର ଏ ଦିଗରେ ଚେତି ଥା'ନ୍ତେ ତେବେ ଆଜି ଏପ୍ରକାର ଯୁଦ୍ଧ ଭଳି ସ୍ଥିତି ଓ ହାହାକାର ସୃଷ୍ଟି ହୋଇ ନଥା'ନ୍ତା। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ବେଳେ ସଂସଦର ଅଧିବେଶନ ଚାଲିଥିବାରୁ ସବୁକିଛି ଠିକ୍‌ଠାକ୍ ଅଛି ଏବଂ ଯେକୌଣସି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଭାରତ ପ୍ରସ୍ତୁତ ବୋଲି କେନ୍ଦ୍ର ସରକାର ସଫେଇ ଦେଇଥିଲେ। କିନ୍ତୁ ସେତେବେଳୁ ହିଁ ସ୍ଥିତି ବିଗିଡ଼ିବା ଆରମ୍ଭ କରିଥିଲା, ଯାହା ଆଜିର ସଙ୍କଟକୁ ଜନ୍ମ ଦେଇଛି ଏବଂ ଆଗାମୀ ଦିନରେ ଆହୁରି ଉତ୍କଟ ହେବାକୁ ଯାଉଛି। କେନ୍ଦ୍ର ସରକାର ଭାବିଥିଲେ ତାଙ୍କ ହିସାବରେ ବିଶ୍ୱ ଚିତ୍ରପଟ୍ଟ ଅଙ୍କାଯିବ। ଦେଶର ଓ ଦେଶବାସୀଙ୍କର ଅର୍ଥନୀତି ତୁଳନାରେ କ୍ଷମତା ଦଖଲ ସରକାରଙ୍କ ପାଇଁ ପ୍ରଧାନ ହୋଇଗଲା। ତେଣୁ ପାଞ୍ଚରାଜ୍ୟର ବିଧାନ ସଭା ନିର୍ବାଚନରେ କିଭଳି ଜିତାପଟ୍ଟ ହାସଲ କରାଯାଇପାରିବ ତାହାକୁ ଅଗ୍ରାଧିକାର ଦେଇ ଦେଶର ସାମଗ୍ରିକ ସମ୍ଭାବ୍ୟ ସଙ୍କଟ ସମାଧାନକୁ କେନ୍ଦ୍ର ସରକାର ଗୌଣ କରିଦେଲେ। ଏକ ଅଦୂରଦର୍ଶୀ ସରକାରୀ ନିଷ୍ପତ୍ତିର ପରିଣାମ ଏବେ ଦେଶର ଜନତା ଭୋଗୁଛନ୍ତି।

ପୂର୍ବରୁ ମଧ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧ ବେଳେ ବିଶ୍ୱବ୍ୟାପୀ ତୈଳ ସଙ୍କଟ ସୃଷ୍ଟି ହୋଇଥିଲା। କିନ୍ତୁ ତତ୍କାଳୀନ କେନ୍ଦ୍ର ସରକାରମାନଙ୍କ ଦୂରଦର୍ଶିତା ଓ ସଫଳ କୂଟନୀତି ଯୋଗୁଁ ଭାରତବାସୀଙ୍କ ଉପରେ ତୈଳସଙ୍କଟର ପ୍ରଭାବ ପଡ଼ି ନଥିଲା। ଅଧୁନା ଯଦି ଭାରତ ଆମେରିକା ପାଖରେ ବଶମ୍ବଦ ନ ହୋଇ ରୁଷ୍‌ରୁ ତୈଳ ଆମଦାନୀ ଜାରି ରଖିଥା'ନ୍ତା ତେବେ ମଧ୍ୟ ଭାରତରେ ଏଭଳି ଇନ୍ଧନ ସଙ୍କଟକୁ ବହୁ ପରିମାଣରେ ଟାଳି ଦିଆଯାଇପାରି ଥା'ନ୍ତା। କିନ୍ତୁ ଭାରତ ରୁଷ୍‌ରୁ ତୈଳ କିଣିବ କି ନାହିଁ ତାହା ଏବେ ଆମେରିକାର ଦୟା ଓ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଏବଂ ସର୍ବାଧିକ ଜନସଂଖ୍ୟା ଆଧାରିତ ବୃହତ୍ ବଜାର ବିଶିଷ୍ଟ ଉପମହାଦେଶ ଭାରତ ପାଇଁ ଏହାଠାରୁ ବଡ଼ ବିବଶତା ଓ ବିଡ଼ମ୍ବନା ଆଉ କ'ଣ ହୋଇପାରେ? ଏବେ ପ୍ରଶ୍ନ ଉଠୁଛି ଏହି ବିବଶତା କ'ଣ ପାଇଁ? ଏହାପଛରେ ଏପିଷ୍ଟିନ୍ ଫାଇଲ୍‌ର ବ୍ଲାକ୍‌ମେଲିଂ ଧମକ ନାହିଁ ତ? କତିପୟ ପ୍ରତିପତ୍ତି ଓ ଧନାଢ଼୍ୟଙ୍କ ସ୍ୱାର୍ଥରକ୍ଷା ପାଇଁ ଭାରତର କୋଟି କୋଟି ଗରିବ କାହିଁକି ମୂଲ୍ୟ ଦେବେ?

ତୈଳ ସଙ୍କଟ ଉତ୍କଟ ହେବା ପରେ ପ୍ରଧାନମନ୍ତ୍ରୀ ଓ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ସେମାନଙ୍କ କାରକେଡ୍‌ରେ ଗାଡ଼ି ସଂଖ୍ୟା ହ୍ରାସ କରିଥିବା ଗଣମାଧ୍ୟମରେ ପ୍ରଚାର ପ୍ରସାର ହେଉଛି। ଏବେ ସାଧାରଣରେ ପ୍ରଶ୍ନ ଉଠୁଛି ଯଦି ଏବେ ଏହା ସମ୍ଭବ ଆଗରୁ କାହିଁକି ଗରିବ ଜନତାଙ୍କ ଟିକସ ପଇସାରେ ସମୃଦ୍ଧ ରାଜକୋଷର ଅପଚୟରେ ଏତେ ଥାଟ୍ଟର ଆବଶ୍ୟକ ପଡୁଥିଲା? ପୁଣି ଯଦି ଏବେ କମ୍‌ସଂଖ୍ୟକ ଗାଡ଼ିରେ କାରକେଡ୍ ସମ୍ଭବ ତେବେ ଆଗକୁ ତାହା ବଳବତ୍ତର ରହିବ ତ? ପୁଣି ବିଦେଶଗସ୍ତକୁ ବାତିଲ୍ କରିବା ପାଇଁ ସରକାର ଆହ୍ୱାନ ଦେଇଥିବା ବେଳେ ସରକାରୀ ମୁଖ୍ୟମାନଙ୍କର ବ୍ୟୟବହୁଳ ଗସ୍ତକୁ କାଣ୍ଟଛାଣ୍ଟ କରାଯିବ ନାହିଁ କାହିଁକି? ଏହି ନୈତିକତା ବିଜଡ଼ିତ ପ୍ରସଙ୍ଗ ହୁଏତ ମଧ୍ୟପ୍ରାଚ୍ୟ ସଙ୍କଟ ଟଳିବା ସହିତ ମିଳେଇଯିବ।

ସମସ୍ୟା କେବଳଏତିକିରେ ସରୁନି। ଯଦି ହର୍ମୁଜ୍ ପ୍ରଣାଳୀରେ ସମୁଦ୍ର ତଳେ ବିଛାଯାଇଥିବା କେବୁଲ୍‌କୁ କାଟିଦେବ ବୋଲି ଦେଇଥିବା ଧମକକୁ ଇରାନ୍ କାର୍ଯ୍ୟକାରୀ କରେ ତେବେ ଭାରତରେ ସାମଗ୍ରିକ ଆର୍ଥିକ ଓ ସାମାଜିକ ବ୍ୟବସ୍ଥା ସ୍ଥାଣୁ ହୋଇପଡ଼ିବ। ଡିଜିଟାଲ୍ ଇଣ୍ଡିଆର ନାରାରେ ସମୃଦ୍ଧ ଭାରତ ଆଜି ପର୍ଯ୍ୟନ୍ତ ନିଜସ୍ୱ ଅପରେଟିଂ ସିଷ୍ଟମ୍ ଟିଏ ବିକଶିତ କରିବା ଦିଗରେ ଉଦ୍ୟମ କରିନାହିଁ। ଅପରପକ୍ଷରେ ଇରାନ୍ ଭଳି ଦେଶ ନିଜର ଅପରେଟିଂ ସିଷ୍ଟମ୍‌ରେ ଆତ୍ମନିର୍ଭରଶୀଳ। ତେଣୁ ଆଗକୁ ସ୍ଥିତି କିଭଳି ଭୟଙ୍କର ହେବାକୁ ଯାଉଛି ତାହା ଅନ୍ବେବହୁତ ଅନୁମେୟ। ଇତିମଧ୍ୟରେ କାଗଜ, କାଳି ଓ ପ୍ଲେଟ୍‌ର ଆମଦାନୀ ଓ ପରିବହନ ଖର୍ଚ୍ଚ ବଢ଼ିବା ସହିତ ଖବରକାଗଜ ମୁଦ୍ରଣ ଖର୍ଚ୍ଚ ମଧ୍ୟ ଅନିୟନ୍ତ୍ରିତ ଭାବେ ବଢ଼ିଚାଲିଛି। ଖବରକାଗଜ ଦାମ ବୃଦ୍ଧି ହେଲେ ଗ୍ରାହକଙ୍କ ଦ୍ୱାରା ଅଗ୍ରାହ୍ୟ ହେବ। ଏଣୁ ଆଗାମୀ ଦିନରେ ମୁଦ୍ରଣ ଶିଳ୍ପ ଗୁରୁତର ପରିଚାଳନା ଓ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ଆଶଙ୍କା କରାଯାଉଛି।

ଆମ ଓଡ଼ିଆରେ ଦୁଇଟି ପ୍ରବାଦ ଅଛି। ପ୍ରଥମଟି ହେଉଛି 'ବୁଝି ବିଚାରି କାମ କଲେ ପ୍ରମାଦ ନ ପଡ଼ଇ ଭଲେ'। ଦ୍ୱିତୀୟଟି ହେଉଛି 'ଆପେ ବଞ୍ଚିଲେ ବାପାର ନାଁ।' ଏହି ଦୁଇଟି ଯାକ ପ୍ରବାଦ ଭାରତର ଶାସନ ଓ କ୍ଷମତା କେନ୍ଦ୍ର ପ୍ରତି ପ୍ରଯୁଜ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ମୂଳ ପ୍ରଶ୍ନ ଅସମାହିତ ହୋଇରହିଛି - ଆଗକୁ ଯେଉଁ ଅସମ୍ଭାଳ ସ୍ଥିତି ସୃଷ୍ଟି ହେବାକୁ ଯାଉଛି ତାହାର ମୁକାବିଲା କରିବ କିଏ ଓ କେମିତି? ବୋଧହୁଏ ଭାରତବାସୀଙ୍କ ପାଇଁ ଭାଗ୍ୟ ଓ ଭଗବାନ ହିଁ ଭରସା।

### ମୋ ସ୍ୱପ୍ନର ଓଡ଼ିଶା

## ଆମ ସ୍ୱପ୍ନର ସୁବର୍ଣ୍ଣ ଦିଗନ୍ତ, ସଂସ୍କୃତି ଓ ସମୃଦ୍ଧିର ନବ ଅଭିଯାନ

ପ୍ରଶାନ୍ତ ନନ୍ଦ

*ପୂର୍ବପ୍ରକାଶିତ ଉତ୍ତାରୁ...*


**ଓଡ଼ିଆ ଚଳଚ୍ଚିତ୍ରର ବିକାଶ:**

ଭାରତୀୟ ଚଳଚ୍ଚିତ୍ର ଜଗତରେ ବର୍ତ୍ତମାନ ଏକ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଦଶନ୍ଧି ଦଶନ୍ଧି ଧରି ବଲିଉଡ୍ ବା ହିନ୍ଦୀ ସିନେମାର ଯେଉଁ ଏକଚାଟିଆ ପ୍ରଭାବ ଥିଲା, ତାହାକୁ ଏବେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର (ତେଲୁଗୁ, ତାମିଲ୍, କନ୍ନଡ଼ ଓ ମାଲାୟାଲମ୍) ନିଜର ଭବ୍ୟତା ଓ ମୌଳିକ କାହାଣୀ ବଳରେ କଡ଼ା ଟକ୍କର ଦେଉଛନ୍ତି। ଏଭଳି ଏକ ସମୟରେ, ୧୯୩୬ ମସିହାରେ 'ସୀତା ବିବାହ' ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିବା ଆମ ଗୌରବମୟ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ବା 'ଓଲିଉଡ୍' ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଆସି ପହଞ୍ଚିଛି। ନିଜର ସୀମିତ ବଜେଟ୍ ଏବଂ ଭିତ୍ତିଭୂମିର ସୀମାକୁ ଅତିକ୍ରମ କରି ଓଡ଼ିଆ ସିନେମା କିପରି ପ୍ରଯୋଜନା ଓ ପ୍ରଦର୍ଶନ(ପ୍ରଡକ୍‌ସନ୍ ଆଣ୍ଡ ଏକ୍‌ଜିବିସନ୍) କ୍ଷେତ୍ରରେ ବଲିଉଡ୍ ଓ ଦକ୍ଷିଣ ଭାରତୀୟ ସିନେମା ସହ ସମକକ୍ଷ ହେବାକୁ ଚେଷ୍ଟା କରୁଛି, ତାହା ବାସ୍ତବରେ ଚର୍ଚ୍ଚାର ବିଷୟ।

**ପ୍ରଯୋଜନାରେ ନବଯୁଗ: ବୃହତ କ୍ୟାନଭାସର ପରିକଳ୍ପନା:**

ଦକ୍ଷିଣ ଭାରତର 'ବାହୁବଳୀ', 'କେଜିଏଫ୍' କିମ୍ବା ଆରଆରଆର ଭଳି ଚଳଚ୍ଚିତ୍ର ପ୍ରମାଣ କରିଦେଇଛନ୍ତି ଯେ ସ୍ଥାନୀୟ ମାଟିର କାହାଣୀକୁ ଯଦି ବିଶ୍ୱସ୍ତରୀୟ ବୈଷୟିକ ଜ୍ଞାନକୌଶଳ ସହ ପ୍ରସ୍ତୁତ କରାଯାଏ, ତେବେ ତାହା ବିଶ୍ୱଦରବାରରେ ଆଦୃତ ହୋଇପାରିବ। ଓଡ଼ିଆ ସିନେମା ମଧ୍ୟ ଏବେ ସେହି ରାସ୍ତାରେ ଚାଲିବା ଆରମ୍ଭ କରିଛି।

- **କପି କାହାଣୀରୁ ମୌଳିକତା ଆଡ଼କୁ:** ବିଗତ ବର୍ଷଗୁଡ଼ିକରେ ଓଲିଉଡ୍ ଅନ୍ୟ ଆଞ୍ଚଳିକ ଫିଲ୍ମର କପି ବା ରିମେକ୍ କରି ନିଜର ସ୍ୱତନ୍ତ୍ରତା ହରାଇ ବସିଥିଲା। କିନ୍ତୁ ବର୍ତ୍ତମାନର ନିର୍ଦ୍ଦେଶକ ଓ




ପ୍ରଯୋଜକମାନେ ଓଡ଼ିଶାର ମାଟି, ସଂସ୍କୃତି ଓ ବାସ୍ତବ ଘଟଣାକୁ ନେଇ ସିନେମା ତିଆରି କରୁଛନ୍ତି। 'ଦମନ' ଓ 'ପ୍ରତୀକ୍ଷା' ଭଳି ଚଳଚ୍ଚିତ୍ର ଏହାର ଜ୍ୱଳନ୍ତ ଉଦାହରଣ, ଯାହା ସୀମିତ ବଜେଟ୍ ସତ୍ତ୍ୱେ ଜାତୀୟସ୍ତରରେ ପ୍ରଶଂସା ସାଉଁଟିଛି।

- **ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ:** ବର୍ତ୍ତମାନ ଓଡ଼ିଆ ସିନେମାରେ ହାଇଡେଫିନିସନ୍ କ୍ୟାମେରା, ସିଙ୍କ୍-ସାଉଣ୍ଡ ଓ ଉନ୍ନତ ଭିଜୁଆଲ୍ ଇଫେକ୍ଟସ୍ (ଭିଏଫ୍‌ଏକ୍ସ) ର ବ୍ୟବହାର ବଢ଼ିବାରେ ଲାଗିଛି। ଫଳରେ ଓଡ଼ିଆ ସିନେମାର ଦୃଶ୍ୟ ଓ ଶବ୍ଦର ଗୁଣବତ୍ତା ଏବେ ବଲିଉଡ୍ ସହ ସମାନ ହେବାକୁ ବେଶୀ ସମୟ ଲାଗିବ ନାହିଁ।
- **କଳିଙ୍ଗ ଷ୍ଟୁଡିଓର ପୁନରୁଦ୍ଧାର:** ରାଜ୍ୟ ସରକାରଙ୍କ ଦ୍ୱାରା ଐତିହାସିକ କଳିଙ୍ଗ ଷ୍ଟୁଡିଓର ବିଶ୍ୱସ୍ତରୀୟ ଆଧୁନିକୀକରଣ ଓଲିଓଡ୍ ପାଇଁ ଏକ ବରଦାନ ସଦୃଶ। ଏଠାରେ ଅତ୍ୟାଧୁନିକ ସୁଟିଂ ଓ ପୋଷ୍ଟ ପ୍ରଡକ୍ସନ୍ ବ୍ୟବସ୍ଥା ଉପଲବ୍ଧ ହେବା ଏକାନ୍ତ ଆବଶ୍ୟକ।

**ପ୍ରଦର୍ଶନ କ୍ଷେତ୍ରରେ ପରିବର୍ତ୍ତନ: ସିନେମା ହଲର ସଙ୍କଟ ଓ ସମାଧାନ:**

ସୁନ୍ଦର ସିନେମାଟିଏ ତିଆରି କଲେ ହେବ ନାହିଁ, ତାହାକୁ ଦର୍ଶକଙ୍କ ପାଖରେ ପହଞ୍ଚାଇବା ପାଇଁ ଉପଯୁକ୍ତ ପ୍ରଦର୍ଶନ ବ୍ୟବସ୍ଥା ବା ସିନେମା ହଲର ଆବଶ୍ୟକତା ରହିଛି। ଓଡ଼ିଶାରେ ସିଙ୍ଗଲ୍ ସ୍କ୍ରିନ୍ ହଲ୍‌ଗୁଡ଼ିକ ବନ୍ଦ ହେଇଯିବା ଫଳରେ ଓଡ଼ିଆ ସିନେମା ବହୁତ କ୍ଷତି ସହିଥିଲା। କିନ୍ତୁ ବର୍ତ୍ତମାନ ଏହି ଚିତ୍ର ବଦଳିବାକୁ ଯାଉଛି।

- **ମଲ୍ଟିପ୍ଲେକ୍ସର ସମ୍ପ୍ରସାରଣ:** ପିଭିଆର, ଆଇନକ୍ସ ଓ ସିନେପୋଲିସ୍ ଭଳି ବଡ଼ ବଡ଼ ଜାତୀୟ ବ୍ରାଣ୍ଡଗୁଡ଼ିକ ଏବେ ଭୁବନେଶ୍ୱର, କଟକ ସମେତ ରାଉରକେଲା ଓ ସମ୍ବଲପୁର ଭଳି ସହରରେ ନିଜର ଶାଖା ବିସ୍ତାର କରିଛନ୍ତି। ଏହାଦ୍ୱାରା ଓଡ଼ିଆ ସିନେମାଗୁଡ଼ିକୁ ମଧ୍ୟ ସେହି ସମାନ ପ୍ରକାରର ଉଚ୍ଚମାନର ପରଦା ଓ ସାଉଣ୍ଡ ସିଷ୍ଟମ୍‌ରେ ଦେଖିବାକୁ ସୁଯୋଗ ମିଳୁଛି, ଯାହା ଦର୍ଶକଙ୍କୁ ହଲ୍‌ମୁହାଁ କରୁଛି।
- **ଛୋଟ ସହରରେ ସିନେମା ହଲର ଆବଶ୍ୟକତା:** ବଲିଉଡ୍ କିମ୍ବା ସାଉଥ୍ ଫିଲ୍ମ ଭଳି ବ୍ୟାପକ ବ୍ୟବସାୟ କରିବାକୁ ହେଲେ ଓଡ଼ିଶାର ଗ୍ରାମାଞ୍ଚଳ ଓ ଛୋଟ ସହରରେ ସିନେମା ହଲ୍‌ର ପୁନରୁଦ୍ଧାର ଜରୁରୀ। ସରକାର ଓ ବେସରକାରୀ ସଂସ୍ଥା ମିଳିତ ଭାବେ କମ୍ ଖର୍ଚ୍ଚରେ 'ମିନିପ୍ଲେକ୍ସ' ଖୋଲିବା ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି।
- **ସର୍ବଭାରତୀୟ ସ୍ତରରେ ରିଲିଜ୍:** ସାଉଥ୍ ଫିଲ୍ମର ରଣନୀତିକୁ ଆପଣାଇ ଏବେ ଅନେକ ଓଡ଼ିଆ ଚଳଚ୍ଚିତ୍ର ଓଡ଼ିଶା ବାହାରେ ଥିବା ପ୍ରମୁଖ ସହର ଯେପରିକି ବାଙ୍ଗାଲୋର, ହାଇଦ୍ରାବାଦ୍, ଦିଲ୍ଲୀ ଓ ମୁମ୍ବାଇରେ ରିଲିଜ୍ କରାଯାଉଛି। ଏହା ପ୍ରବାସୀ ଓଡ଼ିଆଙ୍କୁ ନିଜ ମାଟିର ଚଳଚ୍ଚିତ୍ର ସହ ଯୋଡ଼ିବା ସହ ଫିଲ୍ମର ଆୟକୁ ବୃଦ୍ଧି କରିବ, ଯାହା ଏକାନ୍ତ ଜରୁରୀ।

**ଓଟିଟିର ଭୂମିକା: ଏକ ନୂତନ ଦିଗନ୍ତ**

ସାମ୍ପ୍ରତିକ ସମୟରେ ଡିଜିଟାଲ୍ ପ୍ଲାଟ୍‌ଫର୍ମ ବା ଓଟିଟି ସିନେମାର ବ୍ୟାପ୍ତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ବଲିଉଡ୍ ଓ ସାଉଥ୍ ଫିଲ୍ମ ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ ବିଶ୍ୱବ୍ୟାପୀ ଦର୍ଶକ ପାଇଛନ୍ତି। ବିଭିନ୍ନ ସ୍ଥାନୀୟ ଓ ଜାତୀୟ ଓଟିଟି ପ୍ଲାଟ୍‌ଫର୍ମ ମାଧ୍ୟମରେ ଓଡ଼ିଆ ସିନେମା ବିନା କୌଣସି ହଲ୍ ସଙ୍କଟରେ ବିଶ୍ୱର ଯେକୌଣସି କୋଣରେ ଥିବା ଦର୍ଶକଙ୍କ ପାଖରେ ପହଞ୍ଚିପାରେ। ଏହା ପ୍ରଯୋଜକମାନଙ୍କୁ ଆର୍ଥିକ ସୁରକ୍ଷା ମଧ୍ୟ ପ୍ରଦାନ କରିବ।

**ସରକାରୀ ସହାୟତା ଓ ଭବିଷ୍ୟତ ଆଶା:**

ଓଲିଉଡ୍‌କୁ ଜାତୀୟସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ମଧ୍ୟ ଜରୁରୀ। ଓଡ଼ିଶା ସରକାରଙ୍କ ନୂତନ ଚଳଚ୍ଚିତ୍ର ନୀତି, ଚଳଚ୍ଚିତ୍ର ନିର୍ମାଣ ପାଇଁ ରିହାତି ପ୍ରଦାନ, ଟିକେଟ୍ ମୂଲ୍ୟ କମ୍ ରଖିବା ପାଇଁ ଉଦ୍ୟମ ଏବଂ ନିୟମିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଆଦି ବ୍ୟବସ୍ଥା ଓଡ଼ିଆ ସିନେମାର ମେରୁଦଣ୍ଡକୁ ସୁଦୃଢ଼ କରିବ ବୋଲି ଆଶା। ଏଣିକି ଓଡ଼ିଆ ସିନେମା ଆଉ କେବଳ ଏକ ଆଞ୍ଚଳିକ ଗଣ୍ଡି ଭିତରେ ସୀମିତ ହୋଇରହିବାକୁ ଚାହେଁ ନାହିଁ। ପ୍ରଯୋଜନା କ୍ଷେତ୍ରରେ ମୌଳିକ କାହାଣୀ ଓ ଅତ୍ୟାଧୁନିକ ଜ୍ଞାନକୌଶଳର ମିଶ୍ରଣ ଏବଂ ପ୍ରଦର୍ଶନ କ୍ଷେତ୍ରରେ ଡିଜିଟାଲ୍ ଓ ମଲ୍ଟିପ୍ଲେକ୍ସର ସଠିକ୍ ଉପଯୋଗ ଓଲିଉଡ୍‌କୁ ଏକ ନୂଆ ପରିଚୟ ଦେଇପାରେ। ଯଦି ଏହି ଧାରା ଜାରି ରହେ, ତେବେ ସେହି ଦିନ ଆଉ ବେଶି ଦୂର ନୁହେଁ ଯେତେବେଳେ ଗୋଟିଏ ଓଡ଼ିଆ ଚଳଚ୍ଚିତ୍ର ମଧ୍ୟ ବଲିଉଡ୍ କିମ୍ବା ଦକ୍ଷିଣ ଭାରତୀୟ ସିନେମା ଭଳି ସମଗ୍ର ଦେଶର ବକ୍ସ ଅଫିସ୍‌ରେ ନିଜର ସ୍ଥାନ ନିରୂପଣ କରିବ।(ସମାପ୍ତ)

ବନ୍ଦେ ଉତ୍କଳ ଜନନୀ!

(ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ, ରାଜନୀତିଜ୍ଞ ତଥା ସ୍ତମ୍ଭକାର)

## ଆମ ସମାଜରେ ନାରୀର ସ୍ଥିତି ଓ ସମ୍ମାନ

ଜଗନ୍ନାଥ ବେହେରା

ନାରୀଟିଏ ସବୁଠି ହଇରାଣ ହେବାକୁ ପଡ଼େ। ଜନ୍ମରୁ ବାପା ଘରେ କଟକଣା। ବିବାହ ପରେ ମଧ୍ୟ ସେହି କଟକଣା। ବିବାହ ପୂର୍ବରୁ ବାପା ନାମରେ ବିବାହ ପରେ ସ୍ୱାମୀ ନାମରେ ନାମକରଣ। ଏଠି ସେଠି ସବୁଠି ସ୍ୱାଧୀନ ଉପରେ ଅଙ୍କୁଶ। ବାସ୍ତବରେ ନାରୀଙ୍କୁ ଏ ତଥାକଥିତ ଭଦ୍ର ସମାଜ ଅତୀତରୁ ଘରଜଗୁଆ କରି ରଖି ଦେଇଛି। ସତୀ ଦାହ ପ୍ରଥା ନାମରେ ଏକ କଳଙ୍କିତ ପ୍ରଥା ପରମ୍ପରା ଓ ସଂସ୍କାର ଦ୍ୱାରା ନାରୀଙ୍କୁ ଜଳନ୍ତା ନିଆଁରେ ଦାହ କରିବାକୁ ବାଧ କରୁଥିଲା ଆମ ସମାଜର ଭଦ୍ରମୁଖା ପଣ୍ଡିତସମାଜ। ପୁରୁଷକୁ ଦ୍ୱିତୀୟ ବିବାହ ପ୍ରଥାକୁ ସୀକୃତି ଦେଇଥିବା ବେଳେ ନାରୀ ପାଇଁ ମନା। ଗର୍ଭବତୀ ନାରୀକୁ ନଦୀ ଡେଇଁବା ମନା କହି ଘରର ଚାରିକାନ୍ଥ ମଧ୍ୟରେ ବନ୍ଦୀ କରି ଦେଇଥିଲେ। ଲକ୍ଷ୍ମଣ ତିନି ଗାର ଟାଣି ମାତା ସୀତାଙ୍କୁ ବନ୍ଦୀ କରିବାର ପ୍ରୟାସ ଆଜି ବି ଏ ସମାଜରେ ଚାଲିଛି। ଓଢ଼ଣା ପ୍ରଥା ନାଁ ରେ ଆଜିଯାଏଁ ବିଭିନ୍ନ ଧର୍ମରେ ନାରୀଙ୍କୁ ପ୍ରବଳ ଖରା ସତ୍ତ୍ୱେ କପଡ଼ା ତଳେ ରହିବାକୁ ବାଧ କରାଯାଉଛି।

ପାଞ୍ଚପତି ସଙ୍ଗରେ ବିବାହ କରାଇ ଦ୍ରୌପଦୀଙ୍କ ମନ ଆଉ ଇଚ୍ଛା ଶକ୍ତିକୁ ମନରେ କବର ଦେବାକୁ ବାଧ କଲେ ମହାଭାରତର ମହାପଣ୍ଡିତମାନେ। ନାରୀଙ୍କୁ ଖେଳନା କରି ତାଙ୍କ ବିରୁଦ୍ଧରେ ଶାସ୍ତ୍ର ପୁରାଣ, ଆଇନ ଆଣି ଘର ମଧ୍ୟରେ ରଖିବାର ପ୍ରୟାସ ଆଜି ମଧ୍ୟ ଚାଲିଛି। ନାରୀର ଚାଲିରେ ଦୋଷ ଖୋଜା ଯାଉଛି। ହସିଲେ କୁହାଯାଉଛି ହସୁରି। କଥା କହିଲେ ଗପୁରି ଆଖ୍ୟା ଦିଆଯାଉଛି। ଉପରମୁହାଁ ପଦବାଚ୍ୟରେ ନାମିତ



କରାଯାଉଛି। ନଖରେ ଦୋଷ, ଆଖିରେ ଦୋଷ। ମୁଣ୍ଡ ବୁଟିରେ ମଧ୍ୟ ଦୋଷ। କୁଞ୍ଚୁକୁଞ୍ଚିଆ ଆଉ ସିଧା ବୁଟି ମଧ୍ୟରେ ଭାଗ୍ୟ ଭଗବାନଙ୍କୁ ଆଣି ଭବିଷ୍ୟତ ଗଣନା କରିବାରେ ସିଦ୍ଧହସ୍ତ ଏହି ଭଦ୍ରସମାଜର ମଣିଷ। ଆହାର ଓ ନିଦ୍ରାକୁ କମାଇ ଦିଆ ଯାଇଛି। କାରଣ ମୋଟା ହୋଇଯିବ। ଅଳସୁଆ ହୋଇଯିବ। କେବଳ ଦୋଷ, ଦୁର୍ବଳତା ଖୋଜିବାରେ ବ୍ୟସ୍ତ ଏ ପୁରୁଷ ସମାଜ।

ବିଚିତ୍ର ମାନସିକତାରେ ଭରା ଏ ସମାଜ। ଅଶୌଚ ନାମରେ ନିର୍ଯାତନା। ପୂଜାପର୍ବର କବାଟ ବନ୍ଦ କରି ଦିଆଯାଉଛି। ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ଆବଦ୍ଧ କରାଯାଉଛି। ବାକ୍ ସ୍ୱାଧୀନତା ହରଣ କରାଯାଇଛି। ଘରର ଯାବତୀୟ କାର୍ଯ୍ୟ ତାଙ୍କ ଦ୍ୱାରା କରାଯାଉଛି। ଖଳାରେ ଗୋଛାଏ ବଳଦକୁ ବାନ୍ଧି ବେଙ୍ଗଳା କରି ଧାନ ମଞ୍ଚିଲା ପରି ଘରର ଏକ ନୀତିନିୟମ ଖୁଣ୍ଟରେ ବାନ୍ଧି ଚବିଶି ଘଣ୍ଟା ନାରୀଙ୍କ ହାତରେ କାମ କରାଇ ଦେଉଛନ୍ତି। ଘର ଲିପାପୋଛା, ବାସନମଜା, ଲୁଗାସଫା, ପରିବା କଟା, ବିଛଣା ବିଛା, ଅଳନ୍ଧୁ ଝଡ଼ା, ଝାଡୁ ମରା, ରୋଷେଇ, ବଢ଼ାବଢ଼ି, ଗୋଡ଼ ଘଷାଘଷି କାମରେ ନିୟୋଜିତ କରିଛନ୍ତି। ଲୁଣ କମିଲେ ଗାଳି ଅଧିକ ହେଲେ ଗାଳି।

ଏ ସମାଜ ନାରୀକୁ ଯୌତୁକ ନାଁ ରେ ଜୁଇରେ ଶୋଇବାକୁ ବାଧ କରିଛି। କାଳୀ-ଗୋରୀ, ଡେଙ୍ଗୀ-ଗେଡ଼ି ଆଦି ଭେଦରେ ନାରୀକୁ ଉପହାସ କରିଛି। ଶାରୀରିକ ଆଉ ମାନସିକ ସ୍ତରରେ ନିର୍ଯାତନା ଦେଇଛି। ଆବଶ୍ୟକ ସ୍ଥଳେ ତାଙ୍କର ବାପା, ମା', ଭାଇ, ଭଉଣୀ ନାଁରେ ବିଭିନ୍ନ ଖରାପ ଶବ୍ଦ ପ୍ରୟୋଗ କରିଛି। ପ୍ରତ୍ୟେକ କଥାରେ ଆଡ଼ ଆକଟ କରିଛି। ସକାଳୁ ଉଠିବାଠାରୁ ଶୋଇବା ଯାଏଁ ବିଭିନ୍ନ ଆଦେଶ ଉପଦେଶ ଦେଇ ଚାଲିଛି। ବାପାର ଆଦେଶ, ପୁଅର ଦାବି, ଝିଅର ଅଳି ସାଙ୍ଗକୁ ଶାଶୂଶଶୁରଙ୍କ କଟୁ ମନ୍ତବ୍ୟର ଶିକାର ହୋଇଛି ନାରୀ।

ଅପରପକ୍ଷରେ ନାରୀକୁ ଅର୍ଦ୍ଧାଙ୍ଗିନୀ କହିଦେଇ ଏ ପୁରୁଷ ସମାଜ ସବୁ ଦୋଷ ଓ ପାପ ଧୋଇ ଦେଇଛି। ମନୁସ୍ମୃତିରେ କୁହାଯାଇଛି - ସେହି ହିରଣ୍ୟଗର୍ଭ ନିଜ ଦେହକୁ ଦୁଇ ଖଣ୍ଡ କରି ଗୋଟିଏ ନାରୀ ଅନ୍ୟଟି ପୁରୁଷ ରୂପରେ ଗଢ଼ିଲେ। ନାରୀ ପୁରୁଷକୁ ସମାନ ଅଧିକାର ଦେଲେ। ଦେବୀଦେବତାର ସ୍ଥାନ ଦେଲେ। ଆକାଶ ପୃଥିବୀ କରି ରଖିଲେ। କିନ୍ତୁ ଆଜି କେବଳ କଥାରେ କଥାରେ ନାରୀଙ୍କୁ ଲକ୍ଷ୍ମୀ, ସରସ୍ୱତୀ, ଜଗଦମ୍ବା ସମ୍ବୋଧନ କରାଯାଉଛି। ବାସ୍ତବ ଚିତ୍ର ଅଲଗା। ସାହିତ୍ୟିକମାନେ ତ ନାରୀର ଚାଲିକୁ ରାଜହଂସୀ, ବୋଲିକୁ କୋଇଲି, ଆଖିକୁ ମୀନନୟନା, ଚାହାଣୀକୁ ହରିଣୀ, ଶରୀରକୁ ଓଲଟା କଦଳୀ ଗଛ ସହିତ ତୁଳନା କରିଛନ୍ତି। ସାହିତ୍ୟରେ ଏ ସମାଜ କେବଳ ନାରୀର ମାନ ଓ ସମ୍ମାନ ବଢ଼ାଇଛି। ଝିଅକୁ କନ୍ୟାରତ୍ନ ବୋଲି ଆମେ କହୁ। ନାରୀକୁ ଉଚ୍ଚ ଆସନ ଦେଉ। କିନ୍ତୁ କାମ ବେଳେ ସବୁ ପାଣିରେ ଗାର। ନାରୀଙ୍କୁ ଘର ଜଗୁଆ କରି ରଖିଦେଉ।

ସର୍ବୋପରି ସେ ମାଆ। ଏବେ ପୁରୁଷମାନେ ନିଜେ ନିଜକୁ ପ୍ରଶ୍ନ କରନ୍ତୁ - ମୋ ମାଆର ସମ୍ମାନ କ'ଣ ଏହା? ରୋଗରେ ପଡ଼ି ମୋତେ କ୍ଷୀର ପିଆଇଛି। ଗୋଟିଏ ସନ୍ତାନକୁ ଗର୍ଭରେ ଧରି ଅନ୍ୟ ସନ୍ତାନର ଦୈନନ୍ଦିନ କାର୍ଯ୍ୟ କରିଛି। ରାନ୍ଧି ବାଢ଼ି ସମସ୍ତଙ୍କୁ ଖୁଆଇଛି। କେବେ ପ୍ରତିକାର କିମ୍ବା ପ୍ରତିବାଦ କରିନାହିଁ କି ନିଜ ଦୁଃଖ କାହାକୁ କହିନାହିଁ। ସର୍ବଂସହା ଧରଣୀ ପରି ସବୁ ସହି ନେଇଛି। ସମ୍ଭବତଃ ନାରୀ ଓ ପୁରୁଷ ପ୍ରତ୍ୟେକ ସ୍ଥାନରେ ପ୍ରତ୍ୟେକ କାର୍ଯ୍ୟରେ ସମପରିମାଣରେ ଅଂଶଗ୍ରହଣ କଲେ ସମାଜର ପ୍ରଗତି ସମ୍ଭବ। ଆଜି ସେ କେବଳ ମୋ ମାଆ ନୁହଁ, ବରଂ ଆମ ସମସ୍ତଙ୍କର ମାଆ।

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

## ଆଫ୍ରିକାରେ ପୂଜନୀୟ ପ୍ରାର୍ଥନା କୀଟ

ଓଜସ୍ୱିନୀ

### ବିଚିତ୍ର ବିଶ୍ୱାସ

କୀଟପତଙ୍ଗ ଶ୍ରେଣୀ ଅନ୍ତର୍ଗତ ଏମିତି ଏକ ପ୍ରଜାତିର କୀଟ ଅଛି, ଯାହାକୁ 'ପ୍ରାର୍ଥନା କୀଟ' ବା 'ପ୍ରେୟିଙ୍ଗ୍ ମୋଣ୍ଟିସ୍' ବୋଲି କୁହାଯାଏ। କାରଣ ଏହାର ଶାରୀରିକ ଗଠନ ପ୍ରାର୍ଥନା ମୁଦ୍ରା ଭଳି ହୋଇଥାଏ। ଉଭୟ ଭାରତୀୟ ଏବଂ ବିଦେଶୀୟ ସଂସ୍କୃତିରେ ଏହି କୀଟ ପୂଜାସ୍ପଦ। କିନ୍ତୁ ଆଫ୍ରିକାର ଏକ ଜନଜାତି ଏହାକୁ ଦେବତୁଲ୍ୟ ମନେକରି ବିଶେଷ ପୂଜାର୍ଚ୍ଚନା କରିଥା'ନ୍ତି।

ସବୁଜ ରଙ୍ଗ ବିଶିଷ୍ଟ 'ପ୍ରାର୍ଥନା କୀଟ'ର ଆଗ ଦୁଇଟି ଗୋଡ଼ ଯୋଡ଼ହସ୍ତ ମୁଦ୍ରା ଭଳି ରହିଥାଏ। ଜୀବବିଜ୍ଞାନୀଙ୍କ ମତରେ 'ପ୍ରେୟିଙ୍ଗ୍ ମୋଣ୍ଟିସ୍' ଏକ ଦକ୍ଷ ଶିକାରୀ କୀଟ ଏବଂ ସେ ଶିକାରକୁ ଶୀଘ୍ର ଧରିବା ପାଇଁ ତାହାର ଆଗ ଗୋଡ଼ ଦୁଇଟିକୁ ସବୁବେଳେ ପ୍ରସ୍ତୁତ କରି ରଖିଥାଏ। ତେଣୁ ମୁଖ୍ୟତଃ ଏହି କୀଟ ଶସ୍ୟକ୍ଷେତ, ଧାନଗଦା ଓ ଜଙ୍ଗଲିଆ ବୁଦାରେ ଦେଖାଯାଏ। ଶସ୍ୟରେ ଲାଗୁଥିବା ପୋକକୁ ମାରି ଖାଉଥିବାରୁ ଏହି କୀଟ 'ପ୍ରାକୃତିକ କୀଟନାଶକ' ଭାବେ ପରିଚିତ। ଖାଦ୍ୟ ଭଣ୍ଡାରର ସୁରକ୍ଷା କରୁଥିବାରୁ ଭାରତର କେତେକ ଗ୍ରାମୀଣ ଅଞ୍ଚଳରେ ସ୍ଥାନରେ ଏହାକୁ 'ଭଣ୍ଡାରୀ ପୋକ' ମଧ୍ୟ କୁହାଯାଏ।

ପରମ୍ପରା ଓ ସଂସ୍କୃତି ଦୃଷ୍ଟିରୁ ଦକ୍ଷିଣ ଆଫ୍ରିକାର ମୂଳ ନିବାସୀ 'ସାନ୍' ଓ 'ଖୋଇ' ନାମକ ସମ୍ପ୍ରଦାୟ 'ପ୍ରାର୍ଥନା କୀଟ'କୁ ପୂର୍ବଜମାନଙ୍କର ଦୂତ, ଈଶ୍ୱରୀୟ ସ୍ୱରୂପ ଏବଂ ଏକ ପବିତ୍ର ଜୀବସତ୍ତା ଭାବେ ପୂଜାର୍ଚ୍ଚନା କରନ୍ତି। ପ୍ରାର୍ଥନା ମୁଦ୍ରା ଭଳି ଶାରୀରିକ ଗଠନ ଯୋଗୁଁ ଆଫ୍ରିକାର ସ୍ଥାନୀୟ ଭାଷାରେ ଏହାକୁ 'ହୋଟିଟୋଣ୍ଟସ୍‌ଗୋଟ୍' ବୋଲି କୁହାଯାଏ, ଯାହାର ଅର୍ଥ ହେଉଛି 'ବୁଶ୍‌ମେନ୍‌ର ଭଗବାନ' ବା 'ଆଧ୍ୟାତ୍ମିକ ମାର୍ଗଦର୍ଶକ'। କାରଣ ସାନ୍ ବା ବୁଶ୍‌ମେନ୍ ସମୁଦାୟ ଏହି କୀଟକୁ ସର୍ବୋଚ୍ଚ ଈଶ୍ୱର 'କାଗେନ୍'ର ସାକ୍ଷାତ ସ୍ୱରୂପ ବୋଲି ମାନ୍ୟତା ଦେଇଥା'ନ୍ତି। ଏହି କୀଟ ପୃଥିବୀକୁ ଶବ୍ଦ ଓ ଅଗ୍ନି ନେଇ ଆସିଛି ବୋଲି ସେମାନଙ୍କର ବିଶ୍ୱାସ ରହିଛି। ତେଣୁ ଏହି କୀଟକୁ ଦେଖିବା ମାତ୍ରେ ସମସ୍ତେ ଆଣ୍ଠୁମାଡ଼ି ବସି ଭକ୍ତି ସହକାରେ ପ୍ରଣାମ କରିବା ସହିତ ସ୍ଥାନୀୟ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରିଥା'ନ୍ତି। ଆଉ କେତେକ ସ୍ଥଳରେ ପାରମ୍ପରିକ ବାଦ୍ୟ ସହିତ ନାଚଗୀତର ଆୟୋଜନ ମଧ୍ୟ ହୋଇଥାଏ। ଯଦି ଏହି କୀଟ କାହାର ଶରୀର ଉପରେ ବସେ, ତେବେ ତାଙ୍କୁ ସାକ୍ଷାତ ଈଶ୍ୱରଙ୍କ ଆଶୀର୍ବାଦ ମିଳିଲା ବୋଲି କୁହାଯାଏ। ଆଉ କେତେକ ଜନସମୁଦାୟଙ୍କ ମତରେ ଏହି କୀଟ ସୌଭାଗ୍ୟର ପ୍ରତୀକ ଏବଂ ପୂର୍ବପୁରୁଷଙ୍କ ଆତ୍ମାର ପ୍ରତିନିଧିତ୍ୱ କରିଥାଏ। ତେଣୁ ଦେବଦୂତ ବା ଦୈବୀ ସନ୍ଦେଶବାହକ ଭାବେ ଏହି କୀଟ ଘରକୁ ଆସିଲେ ପୂର୍ବଜଙ୍କ କୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

'ପ୍ରାର୍ଥନା କୀଟ'କୁ ନେଇ ଅନେକ ଲୋକକଥା ଓ ପୌରାଣିକ ଆଖ୍ୟାୟିକା ମଧ୍ୟ ପ୍ରଚଳିତ। କେତେକ ସ୍ଥାନରେ ଏହି କୀଟକୁ ପ୍ରଚଣ୍ଡ ଦୈବୀଶକ୍ତିର ଅଧିକାରୀ ବୋଲି ବିବେଚନା କରାଯାଏ। ତେଣୁ ଉଭୟ ଭୟ ଓ ସମ୍ମାନ ଦୃଷ୍ଟିରୁ ଲୋକମାନେ ଏହାଠାରୁ ଦୂରେଇ ରହିଥା'ନ୍ତି ଏବଂ ନିର୍ଦ୍ଦିଷ୍ଟ ଦୂରତା ରଖି ପ୍ରଣାମ କରନ୍ତି। ବୌଦ୍ଧ ଧର୍ମରେ ଏହି କୀଟକୁ ଧୈର୍ଯ୍ୟ ଓ ଦୃଢ଼ତାର ପ୍ରତୀକ ଭାବେ ମାନ୍ୟତା ମିଳିଛି।

କେବଳ ଯେ ଆଧ୍ୟାତ୍ମିକ, ପାରମ୍ପରିକ ଓ ସାଂସ୍କୃତିକ କ୍ଷେତ୍ରରେ 'ପ୍ରାର୍ଥନା କୀଟ'ର ମହତ୍ତ୍ୱ ରହିଛି, ତା' ନୁହେଁ, ବରଂ ସାମାଜିକ ଓ ଭାବନାତ୍ମକ ଦୃଷ୍ଟିରୁ ଏହି କୀଟର ପ୍ରାଧାନ୍ୟ ରହିଛି। ଏହି କୀଟର ଶାରୀରିକ ଗଠନ ଏବଂ ଶିକାର କରିବା ପାଇଁ ଏକାଗ୍ରତା ଓ ଧୈର୍ଯ୍ୟ ଯୋଗୁଁ ବିଶ୍ୱର ଅନେକ ଦେଶରେ ଏହାକୁ ଈଶ୍ୱର ଉପଲବ୍ଧିର ମାର୍ଗ ଅନୁସରଣକାରୀ ବୋଲି ମାନ୍ୟତା ଦିଆଯାଇଛି। କାରଣ ପ୍ରାର୍ଥନା, ଏକାଗ୍ରତା ଓ ଧୈର୍ଯ୍ୟ ହେଉଛି ଈଶ୍ୱର ଉପଲବ୍ଧିର ଶ୍ରେଷ୍ଠ ସାଧନ। ଏତଦ୍‌ବ୍ୟତୀତ 'ପ୍ରାର୍ଥନା କୀଟ'କୁ ଶାନ୍ତିର ପ୍ରତୀକ ବୋଲି କେତେକ ଅଞ୍ଚଳରେ ମାନ୍ୟତା ରହିଛି। ଫ୍ରାନ୍ସର ଗୋଟିଏ ଲୋକକଥା ଅନୁସାରେ 'ପ୍ରାର୍ଥନା କୀଟ'ମାନେ ଅଦ୍ଭୁତ ଅନ୍ତର୍ଜ୍ଞାନ ଓ ଭବିଷ୍ୟ ଜ୍ଞାନର ଅଧିକାରୀ। ତେଣୁ ଘରର ରାସ୍ତା ଭୁଲିଯାଇଥିବା ଶିଶୁମାନେ 'ପ୍ରାର୍ଥନା କୀଟ'କୁ ସ୍ମରଣ କଲେ ଘରର ରାସ୍ତା ମିଳିଯାଇଥାଏ ବୋଲି କୁହାଯାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ନୂଆପଡ଼ା ବ୍ଲକ୍: ବିନା ଜନତାରେ ଜନଶୁଣାଣି

# ଦୁର୍ନୀତି ଘୋଡ଼ାଇବାକୁ ଜନତାଙ୍କୁ ଦୂରେଇ ରଖୁଛନ୍ତି ବିଡିଓ

**ନୂଆପଡ଼ା, ୧୪।୫(ସମିସ)**

ସରକାରୀ ବ୍ୟବସ୍ଥାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱଚ୍ଛତା ଆଣିବାକୁ ସାମାଜିକ ସମୀକ୍ଷା ବ୍ୟବସ୍ଥା କରାଯାଇଛି। ହେଲେ ନୂଆପଡ଼ା ଜିଲ୍ଲା ସଦର ବ୍ଲକରେ ଏହାର ଖୋଲାଖୋଲି ଉଲଂଘନ ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି। ଆଜି ଏମ୍‌ଜିଏନ୍‌ଆରଇଜିଏସ ଯୋଜନାରେ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ହେଲେ ବିନା ସାଧାରଣ ଜନତାଙ୍କ ଉପସ୍ଥିତିରେ ଶୁଣାଣି ହୋଇଥିବାନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ ପ୍ରତିବର୍ଷ ପ୍ରତି ଛଅ ମାସରେ ଥରେ ବ୍ଲକସ୍ତରରେ ଜନ ଶୁଣାଣି କାର୍ଯ୍ୟକ୍ରମ ହୋଇଥାଏ। ଏଥିରେ ବିଭିନ୍ନ ପର୍ଯ୍ୟାୟରେ ବ୍ଲକର ସମସ୍ତ ପଞ୍ଚାୟତରେ ଗ୍ରାମସଭା ହୋଇଥାଏ। ସେଠାରେ ଶ୍ରମିକମାନଙ୍କ ରୋଜଗାର କଥା ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥାଏ। ଜିଲ୍ଲାର ସାମାଜିକ ସମୀକ୍ଷା ବିଭାଗ ମଧ୍ୟ ଉପସ୍ଥିତ ରହି ସମସ୍ୟା ଗୁଡ଼ିକ ଉପରେ ଦୃଷ୍ଟି ରଖିଥାନ୍ତି। ପରବର୍ତ୍ତୀ ସମୟରେ ଏହାକୁ ନେଇ ବ୍ଲକସ୍ତରରେ ଜନଶୁଣାଣି ହୋଇଥାଏ। ଏଥିରେ ବ୍ଲକଯାକର ସମସ୍ତ ପଞ୍ଚାୟତର ଜନପ୍ରତିନିଧି, ଜିଲ୍ଲାପରିଷଦ, ଶ୍ରମିକମାନେ ଉପସ୍ଥିତ ରହିଥାଆନ୍ତି। ଯେଉଁ ସବୁ ଅଭିଯୋଗ ପଞ୍ଚାୟତସ୍ତରରେ ସମାଧାନ



ହୋଇନଥାଏ ତାକୁ ବ୍ଲକସ୍ତରୀୟ ଶିବିରରେ ଆଲୋଚନା ହୋଇଥାଏ। ଏଥି ସକାଶେ ଜିଲ୍ଲାପାଳ ତଥା ଏମ୍‌ଜିଏନ୍‌ଆରଇଜିଏସ ପ୍ରୋଗ୍ରାମ ଅଧିକାରୀଙ୍କ ତରଫରୁ ପତ୍ର ମାଧ୍ୟମରେ ସମସ୍ତ ବିଡିଓ, ବିଦ୍ୟୁତ୍ ବିଭାଗକୁ ଜଣାଇ ଦିଆଯାଇଥାଏ। ଏହି ଅନୁସାରେ ନିକଟରେ ପତ୍ରାଙ୍କ ସଂଖ୍ୟା ୧୯୪୩/୮-୫-୨୬ରେ ସମସ୍ତ ବିଭାଗକୁ ଜଣାଇ ଦିଆଯାଇଛି। ତଥାପି ବିଭାଗୀୟ ଅବହେଳା ଯୋଗୁଁ କେବଳ ବ୍ଲକର ଉନ୍ନୟନ ବିଭାଗ, ଜଳ ବିଭାଜିକା ବିଭାଗକୁ ଛାଡିଦେଲେ ଜଣେ ବି ସାଧାରଣ ଜନତା କାର୍ଯ୍ୟକ୍ରମରେ ନଥିବା ବ୍ଲକ ମୁଖ୍ୟଙ୍କ ଉଦାସୀନତାକୁ ପଦାରେ ପକାଇ ଦେଇଛି। ଏପରିକି ବନବିଭାଗ, ଉଦ୍ୟାନ, କୃଷି ବିଭାଗର ଜଣେ ହେଲେ ଉତ୍ତରଦାୟୀ ଅଧିକାରୀ କି କର୍ମଚାରୀ ଉପସ୍ଥିତ ନ ଥିଲେ। ବିନା ଜନତାରେ ଜନ ଶୁଣାଣିବୋଲି ଚର୍ଚ୍ଚାର ବିଷୟ ହୋଇଛି। ଉଲ୍ଲେଖ ଯୋଗ୍ୟ ଯେ ନୂଆପଡ଼ା ବିଡିଓଙ୍କ ରୋହିତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିଆରଡିଏ ପିଡି ଲମ୍ବୋଦର ଧରୁଆ, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ କୁମା ରନିର୍ମଳକର, ଜିଲ୍ଲାପରିଷଦ ସଭ୍ୟ ଭାନୁମାଝୀ, ଭରତଲାଲ ରାଉତ ପ୍ରମୁଖ ମନଚାସୀନ ଥିଲେ। ଅନ୍ୟପକ୍ଷେ ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ମିଳନ ପତି ପରିଚାଳନା କରୁଥିଲେ। ଏନେଇ ପିଡି ଅସନ୍ତୋଷ ପ୍ରକାଶ କରିଥିଲେ। ଆଜିର ଶୁଣାଣି କାର୍ଯ୍ୟକ୍ରମରେ ହାତଗଣତି ପଞ୍ଚାୟତର ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଲୋକଙ୍କୁ ପାଉଣା

**ଶୁଣାଣି କାର୍ଯ୍ୟକ୍ରମକୁ ବିଦ୍ୟୁତ୍ ବିଭାଗର ବେଖାତିର**

ନମିଳିବା, ସୂଚନା ଫଳକ ନ ଲାଗିବା, ଶ୍ରମିକଙ୍କୁ ଜବକାର୍ଡ ନମିଳିବା, ବିନା ବିଲରେ ପେମେଣ୍ଟ ହେବା ଭଳି ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଜନଶୁଣାଣି ଭଳି କାର୍ଯ୍ୟକ୍ରମକୁ ଏକ ଚାରି କାନ୍ଥ ଭିତରେ ସୀମିତ ରଖିବାର ଉଦ୍ଦେଶ୍ୟ କ'ଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଉପରେ ଜିଲ୍ଲାପାଳ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହେଉଛି।

### ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା

## ଚମକିଲେ ବିକାଶ ଆବାସିକ ବିଦ୍ୟାଳୟ ଛାତ୍ରୀଛାତ୍ର

**ଭବାନୀପାଟଣା, ୧୪।୫(ସମିସ):** ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଭୂତପୂର୍ବ ସଫଳତା ହାସଲ କରି ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି। ବିଜ୍ଞାନ ବିଭାଗରେ ମୋଟ୍ ୧୬୦ ଜଣ ଛାତ୍ରୀ ଛାତ୍ରପରୀକ୍ଷା ଦେଇଥିବାବେଳେ

**ବାଣିଜ୍ୟରେ ମୟଙ୍କ, ବିଜ୍ଞାନରେ ଶିଳା ଜିଲ୍ଲା ଟପ୍ପର**

ପାସ୍ ହାର ଶତ ପ୍ରତିଶତ ରହିଛି। ୯୫%ରୁ ଉର୍ଦ୍ଧ୍ୱ ୨ ଜଣ, ୯୦%ରୁ ଉର୍ଦ୍ଧ୍ୱ ୮ ଜଣ ୮୦% ରୁ ଉର୍ଦ୍ଧ୍ୱ ୪୧ ଜଣ ଥିବାବେଳେ ୯୯ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ବିଭାଗରେ ସର୍ବୋଚ୍ଚ ହାର ୯୫.୬% ନମ୍ବର ରଖି ଶିଳା ନୟନ କୁମାର ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ମୋଟ୍ ୩୫ ଜଣ ପରୀକ୍ଷା ଦେଇଥିବାବେଳେ ପାସ୍ ହାର ଶତ ପ୍ରତିଶତ ରହିଛି। ମୟଙ୍କ ଅଗ୍ରୱାଲ ସର୍ବୋଚ୍ଚ ୯୭% ପ୍ରତିଶତ ନମ୍ବର ରଖି ଜିଲ୍ଲାରେ ଶ୍ରେଷ୍ଠ ସ୍ଥାନରେ ରହିଛନ୍ତି। ୪ ଜଣ ଛାତ୍ର ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୯ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଛାତ୍ର





ମାନଙ୍କର ଏହି ସଫଳତାରେ ଲକ୍ଷ୍ମୀ ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ର ଚେୟାରମ୍ୟାନ ଡି ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି ଶ୍ୟାମ, ନିର୍ଦ୍ଦେଶକ ଡି ରାମ କୁମାର, ମୁଖ୍ୟ ଶିକ୍ଷା ଅଧିକାରୀ ଡି ବିଜୟା, ଡି ପଦ୍ମିନୀ, ପ୍ରିନସପାଲ୍ କମ୍ ମୁଖ୍ୟ ପ୍ରଶାସକ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଉପାଧ୍ୟକ୍ଷ ପ୍ରସନ୍ନଜିତ ଦତ୍ତ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ପିଏମ୍‌ଶ୍ରୀ ବିଦ୍ୟାଳୟର କୃତିତ

**ଭବାନୀପାଟଣା, ୧୪।୫(ସମିସ):** ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣାରେ ସିବିଏସଇ ଦ୍ୱାଦଶ





ଶ୍ରେଣୀ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ଅର୍ଜନ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ବିଜ୍ଞାନ ଓ ବାଣିଜ୍ୟ ଉଭୟ ଶାଖାରେ ବିଦ୍ୟାଳୟ ୧୦୦% ଫଳାଫଳ ହାସଲ କରିଛି। ବିଜ୍ଞାନ ଶାଖାରେ ନିଖିଲ ନେଗି ୯୩.୪% ଅଙ୍କ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବାଣିଜ୍ୟ ଶାଖାରେ ଋଷିକେଶ ବେହେରା ୯୦.୪% ଅଙ୍କ ପାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପରୀକ୍ଷାରେ ସମୁଦାୟ ୫୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେଥିରୁ ବିଜ୍ଞାନ ଶାଖାରୁ ୩୨ ଜଣ ଏବଂ ବାଣିଜ୍ୟ ଶାଖାରୁ ୨୫ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଭୀମସେନ ପଣ୍ଡା ଏହି ଉଲ୍ଲେଖନୀୟ ସଫଳତା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଏ-ୱାନ୍ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



**ଧର୍ମଗଡ଼, ୧୪।୫ (ସମିସ):** ଚଳିତ ମାଟ୍ରିକ ପରୀକ୍ଷାରେ ଧର୍ମଗଡ଼ ଉପଖଣ୍ଡରେ ଏ-ୱାନ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ୮୧ ଜଣ ଛାତ୍ରଛାତ୍ରୀଙ୍କୁ କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମ ସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଧର୍ମଗଡ଼ ହୋଟେଲ ରୟାଲପ୍ୟାଲେସରେ ଆୟୋଜିତ ଉପଖଣ୍ଡସ୍ତରୀୟ ସମ୍ବର୍ଦ୍ଧନା ସମାରୋହରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଉପଖଣ୍ଡ ପୁଲିସ ଅଧିକାରୀ ଭର୍ଷିତା ଅଡେପୁ, ସିଟିଜେନ୍ ଫୋରମର ସଦସ୍ୟ ଆଇନଜିବୀ ତୁଷାର ରଞ୍ଜନ ପଟ୍ଟଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରି ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥଲେ। ଧର୍ମଗଡ଼ ବ୍ଲକ ଶିକ୍ଷାଅଧିକାରୀ ପଙ୍କଜିନୀ ମାଝୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିରଞ୍ଜନ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧର୍ମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ମାଟ୍ରିକ୍ ପରୀକ୍ଷାରେ ଧର୍ମଗଡ଼ ଉପଖଣ୍ଡର ୬ଟି ବ୍ଲକର ୧୫୫ଟି ସ୍କୁଲର ୯୯୨୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୯୭୧୫ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଉପଖଣ୍ଡରେ ଶତକଡା ପାସ୍ ହାର ୯୭.୮୪% ଥିବା ବେଳେ ୫୮ଟି ବିଦ୍ୟାଳୟରୁ ଶତ ପ୍ରତିଶତ ପାସ୍ କରିଛନ୍ତି। ୮୧ ଜଣ ଛାତ୍ର ଛାତ୍ରୀ ଏ-ୱାନ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ

**ଜୁନାଗଡ଼, ୧୪।୫(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ତଳଜାରିଙ୍ଗ ପଞ୍ଚାୟତରେ ଏକ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଲିଃ ଉଦଘାଟିତ ହୋଇଛି। ପୂର୍ବରୁ ତଳଜାରିଙ୍ଗ ପଞ୍ଚାୟତର ସମସ୍ତ ଗ୍ରାମବାସୀ କେବଳ ନନ୍ଦୋଲ ସୋସାଇଟି ଉପରେ ନିର୍ଭର କରୁଥିଲେ। ଚାଷୀ ଓ ସାଧାରଣ ଲୋକଙ୍କୁ ପ୍ରାୟ ୧୦ କିଲୋମିଟର ଚାଲି ଯାଇ ଘଣ୍ଟାଘଣ୍ଟା ଧରି ଲାଇନରେ ଛିଡ଼ା ହେବାକୁ ପଡୁଥିଲା। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ତଳଜାରିଙ୍ଗ ପଞ୍ଚାୟତର ସରପଞ୍ଚ କେ. ସୁନୀଲ କୁମାର ଏବଂ ଘଣ୍ଟବାହାଲି ସମିତି ସଭ୍ୟ ଓ ସଭ୍ୟାଙ୍କ ମିଳିତ ଉଦ୍ୟମ ଓ ନିରନ୍ତର ପରିଶ୍ରମ ଫଳରେ ଆଜି ଘଣ୍ଟବାହାଲି ପ୍ରାଥମିକ କୃଷି ସମବାୟ ସମିତି ଲିଃ ପ୍ରତିଷ୍ଠା ସମ୍ଭବ ହୋଇପାରିଛି। ଉଦ୍‌ଘାଟନୀ ଉତ୍ସବରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଏବଂ ବିବିସି ବ୍ୟାଙ୍କର ସଭାପତି ଗିରିଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ସୋସାଇଟିକୁ ଲୋକାର୍ପଣ କରିଛନ୍ତି। ନୂତନ ସମିତି କାର୍ଯ୍ୟକ୍ଷମ ହେବାପରେ ତଳଜାରିଙ୍ଗ ପଞ୍ଚାୟତର ଚାଷୀ ଓ ଜନସାଧାରଣ ଏବେ ନିଜ ପଞ୍ଚାୟତ ଭିତରେ ହିଁ ସହଜରେ ସେବା ପାଇପାରିବେ।



## ଚିରନ୍ତନ ବାଡ଼ି ବଗିଚା ସଚେତନତା କାର୍ଯ୍ୟକ୍ରମ

**ନୂଆପଡ଼ା/କୋମନା, ୧୪।୫(ସମିସ):** କୋମନା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଇକ୍ରିସେଟ୍ ଦ୍ୱାରା ଚିରନ୍ତନ ବାଡ଼ି ବଗିଚା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀଉନ୍ନୟନ ଅଧିକାରୀ ପବିତ୍ର କୁମାର ସାମଲ ଯୋଗଦାନ କରିଥିଲେ। ବ୍ଲକ କୃଷି ଅଧିକାରୀ ପ୍ରଶାନ୍ତ ବାଗ, ଉଦ୍ୟାନ କୃଷି ଅଧିକାରୀ ଆରାଧନା ଶବର, ଇକ୍ରିସେଟ୍ ବୈଜ୍ଞାନିକ ଡ. କବିତା କସାଲ ଓ ଓଡ଼ିଶା ମରୁଡ଼ି ପ୍ରତିକାର ଯୋଜନା ପ୍ରମୁଖ ରାମ ବିକାଶ ବର୍ମା ତଥା ମିଶନଶକ୍ତିର ୫ଟି ପଞ୍ଚାୟତର ସମସ୍ତ ସିଆରପି ଓ ଏମ୍‌ବିକେମାନେ ଉପସ୍ଥିତ ଥିଲେ। କୋମନା ବ୍ଲକର ୫ଟି ପଞ୍ଚାୟତର ୧୭ଟି ଗ୍ରାମରେ କିପରି ଘରବାଡ଼ି ପଛପଟ ଜାଗାରେ ଚିରନ୍ତନ ବାଡ଼ି ବଗିଚା କରାଯାଇ ପାରିବ, କେମିତି ପୁଷ୍ଟିକର ପନିପରିବା ପାଇ ପାରିବେ ତାହାଉପରେ ଆଲୋଚନା କରାଯାଇଥିଲା। ସୁପରିଚାଳନା କରିବା ପାଇଁ ମିଶନ ଶକ୍ତିର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଜଳନ୍ଧର ତାଣ୍ଡି ଓ ଇକ୍ରିସେଟର ହରକ ରାମ ସାହୁ ସହଯୋଗ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଜୁନାଗଡ଼, ୧୪।୫(ସମିସ):** ଦୀର୍ଘ ବର୍ଷ ଧରି ଶାରୀରିକ ଶିକ୍ଷା ବିଭାଗରେ ସେବା କରିଥିବା ଖାରିଆର ସ୍ୱୟଂଶାସିତ ମହାବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଡଃ ସରୋଜ କୁମାର ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ନୁଆପଡ଼ା ନ୍ୟାସନାଲ କଲେଜର ଅଧ୍ୟକ୍ଷ ହିତେଶ୍ କୁମାର ସାହୁ ଯୋଗଦେଇ ଶିକ୍ଷକ ଡାଃ ସରୋଜ କୁମାର ପଣ୍ଡାଙ୍କ କର୍ତ୍ତବ୍ୟନିଷ୍ଠା, ଛାତ୍ରମାନଙ୍କ ପ୍ରତି ଥିବା ଆନ୍ତରିକତା ଓ କ୍ରୀଡା କ୍ଷେତ୍ରେ ତାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ବଲ୍ଲଭ ପାଣିଗ୍ରାହୀ କୌଣସି ଜରୁରୀ ପାର୍ଯ୍ୟ ପାଇଁ ଉପସ୍ଥିତ ରହି ନ ପାରି ଆଭାସୀ ମାଧ୍ୟମରେ ଶ୍ରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଭାରେ କଳାହାଣ୍ଡି ଓ ନୂଆପଡ଼ାର ଶାରୀରିକ ଶିକ୍ଷକମାନେ ଉପସ୍ଥିତ ଥିଲେ। ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ଶ୍ରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସମସ୍ତେ ତାଙ୍କର ସୁସ୍ଥ, ନିରାମୟ ଓ ଆନନ୍ଦମୟ ଅବସର ଜୀବନ କାମନା କରିଥିଲେ। ସଭାକୁ ସଞ୍ଚାଳନ କରିଥିଲେ ଜୁନାଗଡ଼ ପ୍ରିୟ ଦର୍ଶିନି ଇନ୍ଦିରା ମହାବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ପ୍ରିୟବ୍ରତ ବାଣୁଆ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କଲେଜ ର ଶାରୀରିକ ଶିକ୍ଷକ ସମିର ସାହୁ। କଳାହାଣ୍ଡି ନୂଆପଡ଼ାର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଉପସ୍ଥିତ ରହିଥିଲେ। ଶାରୀରିକ ଶିକ୍ଷକ ଦୁର୍ଗା ସିଂହ, ଅଭୟ ବାଗ, ପ୍ରକାଶ ସାହୁ ଓ କଲେଜର କର୍ମଚାରୀ ସହଯୋଗ କରିଥିଲେ।

## ଘଣ୍ଟିଗୁଡ଼ାରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ



**ସିନାପାଲି, ୧୪।୫(ସମିସ):** ସିନାପାଲି ବ୍ଲକ ଅଧୀନ ଘଣ୍ଟିଗୁଡ଼ା ପଞ୍ଚାୟତ ସରପଞ୍ଚ ଖୁଟୁରାମ ସୁନାନୀଙ୍କ ଉଦ୍ୟମରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ବିଜୁ ଏକ୍ସପ୍ରେସ ଫୋର୍ ୱେ ରାସ୍ତା କଡ଼ରେ ଏକ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଛି। ରାସ୍ତାରେ ଯାତାୟତ କରୁଥିବା ଲୋକମାନଙ୍କ ପାଇଁ ଏହା ବିଶେଷ ଭାବରେ ସହାୟକ ହେବ। ଏହି ଅବସରରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପାନୀୟଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କ ସମେତ ସିନାପାଲି ବିଡିଓ କାର୍ମି ଓରାମ, ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝୀ, ପାନୀୟଜଳ ଯୋଗାଣ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରହଲ୍ଲାଦ ସାହୁ, ସମିତି ସଭ୍ୟା ଲଳିତା ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ରାସ୍ତା ଉପରେ କୌଣସି ସ୍ଥାନରେ ଏଭଳି ମାଗଣା ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନଥିବା ବେଳେ ଏହା ଦେୟମୁକ୍ତ ଥିବା ସହ ୨୪ ଘଣ୍ଟା ପାଇଁ ଲୋକଙ୍କୁ ସେବା ପ୍ରଦାନ କରାଯାଇ ପାରିବ। ଏଥିରେ ଦୁଇ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ଟ୍ୟାଙ୍କରୁ ସଦାସର୍ବଦା ବିଶୁଦ୍ଧ ପାନୀୟଜଳ ଯୋଗାଇବା ବ୍ୟବସ୍ଥା ରହିଥିବା ଜଣାପଡ଼ିଛି। ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ର ଆୟ ବୃଦ୍ଧି ସକାଶେ ଏଠାରେ ନିର୍ମାଣ କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସ ମଧ୍ୟ ଶୁଭ ଉଦଘାଟନ କରାଯାଇଥିଲା। ପରିଚାଳନାରେ ବିଭାଗୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଫାଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**କୋକସରା, ୧୪।୫(ସମିସ):** କୋକସରା ଥାନା ଟେମେରା ପଞ୍ଚାୟତ ସିଲିଗୁଡ଼ା ପରଦେଶୀ ପାଣିଗ୍ରାହୀଙ୍କ ପୁଅ ଘନଶ୍ୟାମ ପାଣିଗ୍ରାହୀ (୨୦) ଆଜି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ଘରେ ଥିବାବେଳେ ବେକରେ ଫାଶି ଲଗାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଖବରପାଇ କୋକସରା ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଗୁରୁବାର ସକାଳେ କୋକସରା ମେଡିକାଲରେ ଶବ ବ୍ୟବଚ୍ଛେଦ ହେବାପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ କୋକସରା ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରଖିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ୭୨୦ ଅସହାୟଙ୍କୁ ଛତା ଓ ଚପଲ ବଣ୍ଟନ

**ଗୋଲାମୁଣ୍ଡା, ୧୪।୫(ସମିସ):** ଗୋଲାମୁଣ୍ଡା ବ୍ଲକ ଅଧୀନ କୁହୁରା ପଞ୍ଚାୟତରେ 'ବିନ୍ଦୁମିନା ସେବା ଫାଉଣ୍ଡେସନ' ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳର ଅସହାୟ, ଗରିବ ବୃଦ୍ଧ ବୃଦ୍ଧା, ଦିବ୍ୟାଙ୍ଗ ଏବଂ ବିଧବା ମହିଳାମାନଙ୍କ ସମେତ ମୋଟ୍ ୭୨୦ ଜଣ ହିତାଧିକାରୀଙ୍କୁ ଛତା ଓ ଚପଲ ବଣ୍ଟନ କରାଯାଇଛି। ଏହି ସେବା କାର୍ଯ୍ୟକ୍ରମରେ ବିନ୍ଦୁମିନା ସେବା ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦେଇ ଏହି ସାମଗ୍ରୀ ଗୁଡ଼ିକ ବଣ୍ଟନ କରିଥିଲେ। ଆଗାମୀ ଦିନରେ ଗୋଲାମୁଣ୍ଡା ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଏହି ସେବାକାର୍ଯ୍ୟ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ମହାନନ୍ଦ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କୁହୁରା ସମିତି ସଭ୍ୟା ତଥା ଫାଉଣ୍ଡେସନର ଅଧ୍ୟକ୍ଷଙ୍କ ଧର୍ମପତ୍ନୀ ମୀନା ମହାନନ୍ଦ ଓ ପୁଅ ରୋଶନ ମହାନନ୍ଦ ଏବଂ ଝିଅ ରୋଶନୀ ମହାନନ୍ଦ, ପିଙ୍କି ତାଣ୍ଡି, ଜୟନ୍ତ ସିଂ, ମଣ୍ଟୁ ସାହୁ, ମନୋଜ ଅଗ୍ରୱାଲ, ବିଶିକେଶନ ଜୋତିଶ, ଇନ୍ଦ୍ର ସାହୁ, କାଳିଆ ସାହୁ, ଦୁଷ୍ମନ୍ତ ସେନାପତି, ବସନ୍ତ ଚଲାନ, ଗଜୀନ୍ଦ୍ର ବିହାରୀ, ଉପେନ୍ଦ୍ର ସିପକା ପ୍ରମୁଖ ସହଯୋଗ କରିଥିଲେ।

### ୨୦ରୁ କଳାହାଣ୍ଡିରେ ଖୋଲିବ ରବିଧାନ ମଣ୍ଡି

# ଗୋଦାମ ନାହିଁ; ସ୍ଥାନ ଅଭାବରୁ ସଙ୍କଟରେ ଚାଷୀ

**ଭବାନୀପାଟଣା, ୧୪।୫(ସମିସ)**

କଳାହାଣ୍ଡି ଜିଲ୍ଲାରେ ଯେତିକି ପରିମାଣର ଧାନ ଉତ୍ପାଦନ ହେଉଛି ତାହା ମହଜୁଦ ରଖିବା ପାଇଁ ମିଲ୍ ଗୁଡ଼ିକରେ ସ୍ଥାନ ନାହିଁ। ଗତ ଖରିଫ ଋତୁରେ ଏହି ସମସ୍ୟା ଉତ୍କଟ ହେବାରୁ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗର ମିଳିତ ଉଦ୍ୟମରେ ସ୍ୱତନ୍ତ୍ର ଗୋଦାମ ବ୍ୟବସ୍ଥା ହୋଇଥିଲା। ବର୍ତ୍ତମାନ ଜିଲ୍ଲାରେ ରବିଧାନ କିଣା ଓ ଚାଉଳ ସଂଗ୍ରହ ପ୍ରକ୍ରିୟାରେ ବ୍ୟାଘାତ ଘଟିବାର ଜଳଜଳ ଦେଖାଯାଉଛି। ଧାନ ପାଇଁ ମିଲ୍‌ରେ ଏବଂ ଚାଉଳ ରଖିବାକୁ ଏଫ୍‌ସିଆଇ ଗୋଦାମରେ ସ୍ଥାନ ନାହିଁ। ଏହା ଚଳିତବର୍ଷର ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଚଳିତବର୍ଷ ରବି ଧାନ ସଂଗ୍ରହ ଆସନ୍ତା ୨୦ତାରିଖରୁ ଆରମ୍ଭ ହେବ। ପ୍ରଥମ ଦଫାରେ ୧୯, ୬୧, ୫୫୦ ଲକ୍ଷ କ୍ୱିଣ୍ଟାଲର ଟାର୍ଗେଟ ରହିଛି। ରବି ଧାନ କିଣା ପାଇଁ ଜିଲ୍ଲାରେ ୧୬୨ଟି ମଣ୍ଡି ଖୋଲିବ। ପଞ୍ଜୀକୃତ ଚାଷୀ ସଂଖ୍ୟା ୫୬୬୩୯ ଥିବାବେଳେ ଧାନ ସଂଗ୍ରହ ଦିଗରେ ୯୭ମିଲର୍ସ ଅଂଶଗ୍ରହଣ କରିବେ ବୋଲି ଯୋଗାଣ ବିଭାଗ ସ୍ପଷ୍ଟ କରିଛି। ଜିଲ୍ଲାରେ ଖରିଫ ଓ ରବିରେ ପ୍ରାୟ ୯୫ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ହେଉଛି। କିନ୍ତୁ ଚାଉଳ ରଖିବା ପାଇଁ ମାତ୍ର ସରକାରୀ ବ୍ୟବସ୍ଥାରେ ୩ ଲକ୍ଷ ୮୦ ହଜାର କ୍ୱିଣ୍ଟାଲ ଗୋଦାମ କେନ୍ଦ୍ର ଓ ରାଜ୍ୟର ରହିଛି। ଏଥିମଧ୍ୟରୁ ଏଫ୍‌ସିଆଇ ପାଖରେ ୧ ଲକ୍ଷ କୁଇଣ୍ଟାଲ ୩୦ ହଜାର କୁଇଣ୍ଟାଲ, କେସିଙ୍ଗା ଏସଡବ୍ଲୁସି ପାଖରେ ୧ ଲକ୍ଷ ୫୦ ହଜାର କୁଇଣ୍ଟାଲ, ଜୁନାଗଡ଼ ସିଡବ୍ଲୁସିରେ ୬୦ ହଜାର କୁଇଣ୍ଟାଲ ଜୁନାଗଡ଼ ଚାଉଳ ରଖିବାର ବ୍ୟବସ୍ଥା ରହିଛି। ଏମିତି ସମୁଦାୟ ହିସାବ କଲେ ମୋଟ୍ ୨୯୯୦୦୩ କୁଇଣ୍ଟାଲ ପାଇଁ ସ୍ଥାନ ଥିବା ସମୟରେ ପ୍ରଶାସନ ନିଜ ଚେଷ୍ଟାରେ ୮୧୦୭୦ କୁଇଣ୍ଟାଲ ଲାଗି



ଗୋଦାମ ବ୍ୟବସ୍ଥା କରିଛି। ତେବେ ସମସ୍ତ ଗୋଦାମର କାପାସିଟି ୩୮୦୦୭୩ କୁଇଣ୍ଟାଲ ହୋଇଥିବାବେଳେ ଏବେ ୩୬୩୪୭୭ କୁଇଣ୍ଟାଲ ଚାଉଳ ଭରପୁର ରହିଛି। ପରିସ୍ଥିତି ଏଭଳି ଭାବେ ନେଇଛି ଯେ ମୁଠାଏ ଧାନ ରଖିବାନେଇ ମିଲର୍ସ ପ୍ରମାଦ ଗଣୁଛନ୍ତି। ଯେତିକି ଧାନ ଉତ୍ପାଦନ ହେଉଛି ସେଥିରୁ ବର୍ଷକୁ ୧୮ ଲକ୍ଷ କୁଇଣ୍ଟାଲ ପିଡିଏସରେ ଚାଉଳ ଉଠୁଥିବାବେଳେ ବହୁ କମ୍ ଚାଉଳ ଅନ୍ୟ ରାଜ୍ୟକୁ ରପ୍ତାନୀ ହେଉଛି। କାରଣ ଅନ୍ୟ ରାଜ୍ୟରେ ବି ଚାଉଳ ପ୍ରଚୁର ଗଚ୍ଛିତ ଥିବାରୁ ଏହି ଜିଲ୍ଲାରୁ ଚାଉଳ ଅନ୍ୟ ରାଜ୍ୟକୁ ଯାଉନାହିଁ। ଫଳରେ ବର୍ଷ ତମାମ ଗୋଦାମ ଫୁଲ୍ ରହିଛି। ଖାଲି ପିଡିଏସ୍ ଭରସାରେ ଚାଉଳ ସଂଗ୍ରହ ବ୍ୟବସ୍ଥା ଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ପିଡିଏସ୍ ଚାଉଳ ଅଚଳ ଅବସ୍ଥା ସୃଷ୍ଟି କରୁଛି। ଜିଲ୍ଲାର ୩୦୮ ପଞ୍ଚାୟତ ଗୋଦାମରେ ମଧ୍ୟ ଚାଉଳ ଭରି ହୋଇରହିଛି। ପ୍ରତି ଖାଉଟିଙ୍କୁ ଅତିରିକ୍ତ ୫କେଜି ଚାଉଳ ଅଧିକ ଦିଆଯିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇନାହିଁ। ରାଜ୍ୟସରକାର ବିଧି ବ୍ୟବସ୍ଥା ଭିତରେ ଉଦ୍‌ଘାଟନ କରିବାପରେ ଚାଉଳ ବଣ୍ଟନ ଆରମ୍ଭହେବ। ପିଡିଏସ୍ ଚାଉଳ ବଣ୍ଟାହେଲେ ପରିସ୍ଥିତି ସାମାନ୍ୟ ହାଲକା ହୋଇପାରେ ବୋଲି ଅନୁମାନ କରାଯାଉଛି। ରବିଧାନ କିଣା ମେ' ୨୦ ରେ ଆରମ୍ଭ ହେବାକୁ ଯାଉଛି। କିନ୍ତୁ ମିଲ୍‌ମାନଙ୍କରେ ଖରିଫର ଧାନ ଭର୍ତ୍ତି ଥିବାରୁ ରବିରେ ଧାନକିଣା ନେଇ ଅନିଶ୍ଚିତତା ଲାଗି ରହିବ। ସେପଟେ ପିଡିଏସ୍ ଚାଉଳ ଉଠିଲା ପରେ ଏଫ୍‌ସିଆଇ ଏବର୍ଷ ଖରିଫ ଓ ରବି ମିଶି ପ୍ରାୟ ୫୮ ଲକ୍ଷ କୁଇଣ୍ଟାଲ ସଂଗ୍ରହ କରିପାରେ। ଅନ୍ୟରାଜ୍ୟରେ ଧାନ ଫ୍ରିସେଲ ଓ ଚାଉଳ ବାହାର ମାର୍କେଟରେ ବିକ୍ରି କରିବାର ବ୍ୟବସ୍ଥା ଥିଲେ ବି ଓଡ଼ିଶାରେ ଏହି ବ୍ୟବସ୍ଥା ଲାଗୁ ନ ଥିବାରୁ ଚାଉଳ ସଂଗ୍ରହ ଓ ଧାନ କିଣାରେ ଅବ୍ୟବସ୍ଥା ଦେଖାଦେଇଛି। ଏଠି ଏତେ ଧାନ ଉତ୍ପାଦନ ହେଲେ ମଧ୍ୟ ଏଠିକାର ମାର୍କେଟରେ କଳାହାଣ୍ଡି ଧାନର ଚାଉଳ ମିଳୁ ନାହିଁ। ମାର୍କେଟରେ ବିକ୍ରି ହେଉଥିବା ଚାଉଳ ସବୁ ଆନ୍ଧ୍ର, ରାୟପୁରରୁ ଆସୁଛି। ଏଣୁ ସରକାର ଏଥିପ୍ରତି ଠୋସ୍ ପଦକ୍ଷେପ ନେଇ ନୀତିରେ ପରିବର୍ତ୍ତନ ନ କଲେ କଳାହାଣ୍ଡିବାସୀ ବାହାର ରାଜ୍ୟର ଚାଉଳ ଉପରେ ହିଁ ନିର୍ଭର କରିବାକୁ ବାଧ୍ୟହେବେ। ସେହିପରି ଚାଷୀକୁଳ ମନରେ ଆଉ ଆଗକୁ ଧାନ ବିକ୍ରି କରିବାର ସ୍ପୃହା ରହିବନି। ସରକାର ଏବେ ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବା ସତ୍ତ୍ୱେ କଳାହାଣ୍ଡି ଚାଷୀଙ୍କୁ ଫରକ୍ ପଡ଼ିବନି। ପ୍ରଶାସନ ଗୋଦାମରୁ ଚାଉଳ କିପରି ଯଥାଶୀଘ୍ର ଲିଫ୍ଟ ହୋଇପାରିବ ସେନେଇ ତୁରନ୍ତ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ।

# ଗରମ ପାଣି ପଡି ୩ ବର୍ଷର ଶିଶୁକନ୍ୟା ଗୁରୁତର

**ଦେବଗଡ଼, ୧୪।୫(ସମିସ):** ଆଜି ପୂର୍ବାହ୍ନରେ ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ହରିଡାବାହାଲ ଗ୍ରାମର ଜଣେ ମହିଳା ଘରେ ରୋଷେଇ କରୁଥିବା ବେଳେ ଚଉଲିରେ ବସିଥିବା ଗରମ ପାଣିରେ ପୋଡି ଜଣେ ୩ ବର୍ଷୀୟା ଶିଶୁ କନ୍ୟା ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଆଜି ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ହରିଡାବାହାଲ ଗ୍ରାମର ପ୍ରଶାନ୍ତ କିସାନଙ୍କ ସ୍ତ୍ରୀ ଭାତ ରାନ୍ଧିବା ପାଇଁ ଚୂଲିରେ ଡେକଚି ବସାଇ ପାଣି ଗରମ କରୁଥିଲେ। ଏହି ସମୟରେ ଘର ବାରଣ୍ଡାରେ ଅନ୍ୟ ଜଣେ ଶିଶୁ ସହିତ ଖେଳୁଥିବା ତାଙ୍କର ୩ ବର୍ଷର ଶିଶୁକନ୍ୟା ପ୍ରିୟାଂଶି କିସାନ ହଠାତ ଧାଇଁଆସି ଚୂଲିରେ ବସିଥିବା ଡେକଚିରେ ପିଟି ହୋଇଥିଲେ। ଫଳରେ ଗରମ ପାଣି ଡେକଚିଟି ଚୁଲିରୁ ତଳକୁ ଓଲଟି ପଡ଼ିଥିଲା। ଗରମ ପାଣିରେ ପ୍ରିୟାଂଶିଙ୍କ ଶରୀରର ବିଭିନ୍ନ ଅଂଶ ପୋଡି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ପ୍ରିୟାଂଶି ଏବେ ମଧ୍ୟ ସେଠାରେ ଚିକିତ୍ସାଧିନ ଥିବା ଜଣାପଡ଼ିଛି।

# ନିଟ ପରୀକ୍ଷା ବାତିଲ୍ ପ୍ରତିବାଦରେ ଯୁବ ଓ ଛାତ୍ର ବିଜେଡିର ବିକ୍ଷୋଭ





**ଝାରସୁଗୁଡ଼ା, ୧୪।୫(ସମିସ):** ନିଟ୍ ପ୍ରଶ୍ନପତ୍ର ଲିକ୍ ଏବଂ ପରୀକ୍ଷା ବାତିଲ୍‌କୁ ନେଇ ସାରା ଦେଶରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଗୁରୁବାର ଅପରାହ୍ନରେ ଝାରସୁଗୁଡ଼ା ଜିଲ୍ଲା ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ବିକ୍ଷୋଭ ଓ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। କେନ୍ଦ୍ରର ବିଜେପି ସରକାରଙ୍କ ବିରୁଦ୍ଧରେ ଦଳୀୟ କର୍ମକର୍ତ୍ତାମାନେ ବର୍ଷିବା ସହିତ ଝାରସୁଗୁଡା ସହର ପୁରୁଣା ବସଷ୍ଟାଣ୍ଡ ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି କାର୍ଯ୍ୟକର୍ତ୍ତାମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଫଳତାକୁ ଦାୟୀ କରି ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ। ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଇଥିବା ବେଳେ ସେମାନଙ୍କୁ ମାନସିକ ଆଘାତ ଦେଇଥିବା ନେଇ ବିଜେଡି ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ପୂର୍ବତନ ଜିଲ୍ଲା ସଭାପତି ରବି ସିଂ, ପୌରାଧ୍ୟକ୍ଷା ରାନି ହାତୀ ଏବଂ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ଅଶୋକ ଦାସ, ତୁଳସୀ ଦାସ, ମଦନ ହାତୀ, ଆଲୋକ ତ୍ରିପାଠୀ, ପବନ ଶର୍ମାଙ୍କ ସମେତ ଜିଲ୍ଲା ବିଜେଡି ଛାତ୍ର ସଭାପତି ଶିବାଶିଷ ପଟ୍ଟନାୟକ, କାହ୍ନା ପୋଢ଼, ସମ୍ବିତ ମିଶ୍ର, ପୁରୁଷୋତ୍ତମ ନାଏକ ଓ ମଣ୍ଟୁ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏପରି କାର୍ଯ୍ୟ ଦ୍ୱାରା ବିଜେପି ସରକାର ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଦେଶର ଯୁବ ବର୍ଗଙ୍କ ଠାରୁ ନିଜର ଆସ୍ଥା ବିଶ୍ୱାସ ହରାଇ ସାରିଛନ୍ତି ବୋଲି ପ୍ରତିବାଦ ସଭାରେ ମତ ପ୍ରକାଶ ପାଇଛି।

## ଗୋଲାମୁଣ୍ଡାରେ ଅଚଳ ଷ୍ଟ୍ରିଟ୍ ଲାଇଟ୍

# ଅନ୍ଧାରରେ ସଦର ମହକୁମା

**ଧର୍ମଗଡ଼, ୧୪।୫ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ସଦର ମହକୁମାରେ ଦୀର୍ଘ ଦିନ ହେବ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ଅଚଳହୋଇ ପଡ଼ିରହିଛି। ଯାହାଫଳରେ ସନ୍ଧ୍ୟା ହେଲେ



ସମ୍ପୂର୍ଣ୍ଣ ଅଞ୍ଚଳ ଅନ୍ଧାରରେ ବୁଡି ରହୁଥିବା ବେଳେ ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ଆଲୋକ ନଥିବାରୁ ସ୍ଥାନୀୟ ବାସିନ୍ଦା ଏବଂ ବାହାରୁ ଆସୁଥିବା ଲୋକେ ଯାତାୟାତ କରିବାରେ ଭୟ କରୁଛନ୍ତି।ସୂଚନା ଅନୁଯାୟୀ, ଗୋଲାମୁଣ୍ଡା ସଦର ମହକୁମାର ମୁଖ୍ୟ ରାସ୍ତା ତଥା ବିଭିନ୍ନ ଗଳି କନ୍ଦିରେ ଲାଗିଥିବା ଏହି ଲାଇଟ୍ ଗୁଡ଼ିକ ମରାମତି ଅଭାବରୁ ଖରାପ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ କହିବା କଥା, ଅନ୍ଧାରର ସୁଯୋଗ ନେଇ ଅଞ୍ଚଳରେ ଚୋରି ଓ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାର ଆଶଙ୍କା ରହିଛି। ବିଶେଷ କରି ମହିଳା ଓ ବୃଦ୍ଧବୃଦ୍ଧାମାନେ ରାତିରେ ବାହାରକୁ ବାହାରିବାକୁ ନିରାପଦ ମଣୁନାହାନ୍ତି।ଏହି ସମସ୍ୟା ସମ୍ପର୍କରେ ପୂର୍ବରୁ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ କରାଯାଇ ନାହିଁ। ଯଥାଶୀଘ୍ର ଏହି ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକୁ ମରାମତି କରିବା ସହ ନୂତନ ଲାଇଟ୍ ଲଗାଇବା ପାଇଁ ଅଞ୍ଚଳବାସୀ ବ୍ଲକ ପ୍ରଶାସନ ଓ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଦାବି କରିଛନ୍ତି। ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନହୁଏ, ତେବେ ଜନଅସନ୍ତୋଷ ତୀବ୍ର ହେବାର ସମ୍ଭାବନା ରହିଛି।

## ବିଧାୟକଙ୍କ ବିରୋଧରେ ମୁହଁ ଖୋଲିଲା ବ୍ରଜରାଜନଗର ବିଜେପି

# ଝାରସୁଗୁଡା ଜିଲ୍ଲା ବିଜେପିରେ ଗୋଷ୍ଠୀ କନ୍ଦଳ ତୀବ୍ର

**ଝାରସୁଗୁଡା, ୧୪।୫(ସମିସ)**

ଝାରସୁଗୁଡା ଜିଲ୍ଲା ଭାରତୀୟ ଜନତା ପାର୍ଟିରେ ଗୋଷ୍ଠୀ କନ୍ଦଳ ବୃଦ୍ଧି ପାଇବାରେ ଲାଗିଛି।ସାଧାରଣତଃ ଶାସକ ଓ ବିରୋଧୀ ଦଳର ବିଧାୟକଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ହେଉଥିବା ବେଳେ ଝାରସୁଗୁଡା ଜିଲ୍ଲାରେ ଦିନକୁ ଦିନ ବିଜେପିର ଦୁଇ ବିଧାୟକଙ୍କ ମଧ୍ୟରେ ଥିବା ଗୋଷ୍ଠୀ କନ୍ଦଳ ବୃଦ୍ଧି ପାଉଛି। ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଚାଲୁଥିବା ବେଳେ ଝାରସୁଗୁଡା ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମାଲୋଚନା ଏବଂ ଏହାକୁ ନେଇ ଝାରସୁଗୁଡା ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡାଙ୍କ ଉପସ୍ଥିତିରେ ବିଜେପି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆଜି ସାମ୍ବାଦିକ ସମ୍ମିଳନୀ ପରେ ଝାରସୁଗୁଡା ବିଜେପିର ଗୋଷ୍ଠୀ କନ୍ଦଳ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଛି।

ରାଜସ୍ୱମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ତଥା ସଭାସମିତିରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ବାରମ୍ବାର କଟୁ କଥା କହି ଆକ୍ଷେପ ଏବଂ ସମାଲୋଚନା କରୁଥିବା ନେଇ ବ୍ରଜରାଜନଗର ମଣ୍ଡଳ ବିଜେପି ପକ୍ଷରୁ ଆଜି ବେଲପାହାଡ ସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଝାରସୁଗୁଡା ତଥା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ସମସ୍ତ ସ୍ଥାନକୁ ଯାଇ ଲୋକଙ୍କ ସୁଖଦୁଃଖ ବୁଝୁଛନ୍ତି। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ସେ ଝାରସୁଗୁଡା ତଥା ବ୍ରଜରାଜନଗର ଗସ୍ତରେ କିଛି ଦିନ ହେଲା ଆସିପାରୁ ନାହାନ୍ତି। ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ବିଭିନ୍ନ ସମିତିରେ କଟୁ କଥା କହିବା ସହ ସମାଲୋଚନା କରିବା ଗ୍ରହଣୀୟ ନୁହେଁ। ତେଣୁ ବିଧାୟକ ଏହିପରି ନକରି ଦଳର ନୀତି ଆଦର୍ଶରେ ଚାଲନ୍ତୁ ଏବଂ ରାଜସ୍ୱମନ୍ତ୍ରୀଙ୍କୁ ସମାଲୋଚନା ତଥା ନିନ୍ଦା କରିବାରୁ କ୍ଷାନ୍ତ ରୁହନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା

**ରାଜସ୍ୱମନ୍ତ୍ରୀଙ୍କୁ ସମାଲୋଚନା ଓ ନିନ୍ଦା କରିବାରୁ କ୍ଷାନ୍ତ ରୁହନ୍ତୁ ବିଧାୟକ: ଜିଲ୍ଲା ସଭାପତି**




ସଭାପତି ରଘୁ ନନ୍ଦନ ପଣ୍ଡା କହିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି ରଘୁ ନନ୍ଦନ ପଣ୍ଡାଙ୍କ ସହ ସଞ୍ଜୟ ସିଂ, ତପନକାନ୍ତ ଜେନା, କୈଳାଶ ନାଏକ, ରାଜକୁମାର ଅଗ୍ରୱାଲ, ମୋନାଲିସା ମୋଦକ, ଅମରେନ୍ଦ୍ର ରାଏ ଓ ତପନ ସ୍ୱାଇଁ ମଞ୍ଚାସିନ ରହିଥିବା ବେଳେ ଚକନନ୍ଦ ସା, ଦୀପକ ଭଇଁଶାଲ, କ୍ଷୀତିଭୂଷଣ ପ୍ରଧାନ, ରାଜେଶ ବହିଦାର, ମୋହନ ସାହୁ, ତ୍ରିଲୋଚନ ପ୍ରଧାନ, ସୁଶାନ୍ତ ଚଇନୀ, ଆଲୋକ ସାହୁ, ନିରାକାର ବଢ଼େଇ, ରମେଶ ସାହୁ ପ୍ରମୁଖ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ସୂଚନାନୁଯାୟୀ, ଗତ ମଙ୍ଗଳବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ 'ମେଧାବୀ ସମ୍ବର୍ଦ୍ଧନା' ସମାରୋହରେ ରାଜସ୍ୱ ମନ୍ତ୍ରୀ ଭୁବନେଶ୍ୱରରୁ ଆଭାସି ମାଧ୍ୟମରେ ଯୋଗଦେଇଥିଲେ। ସେ କିଛିକ୍ଷଣ ପାଇଁ ଆଭାସିରେ ରହି ନିଜ ବକ୍ତବ୍ୟ ଦେଇ ଓହରି ଯାଇଥିଲେ। ଏହାକୁ ନେଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମଞ୍ଚ ଉପରେ କଡ଼ା ସମାଲୋଚନା କରିଥିଲେ। ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ଆୟୋଜିତ ଏହି ସରକାରୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁରେଶ ପୂଜାରୀ ଅନୁପସ୍ଥିତ ରହିବାକୁ ନେଇ ସିଧାସଳଖ ସମାଲୋଚନା କରି 'ପ୍ରାଇଭେଟ୍ କମ୍ପାନୀ କାର୍ଯ୍ୟକ୍ରମକୁ ଆସିବା ପାଇଁ ସମୟ ମିଳୁଛି, ହେଲେ ଜିଲ୍ଲା ମେଧା ସମ୍ମାନକୁ ଆସୁନାହାନ୍ତି କାହିଁକି?' ଶାରୀରିକ ଅସୁସ୍ଥତାକୁ ଆଳ କରି ସରକାରୀ କାର୍ଯ୍ୟକ୍ରମ ଏଡ଼ାଇ ଯାଉଥିବା ବେଳେ ବେସରକାରୀ ଶିଳ୍ପ ସଂସ୍ଥାର କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ଉପସ୍ଥିତିକୁ ସେ ଛାତ୍ରଛାତ୍ରୀଙ୍କ ପ୍ରତି ଅପମାନ ବୋଲି ଅଭିହିତ କରିଥିଲେ। ଏହାର ପ୍ରାୟ ସପ୍ତାହେ ପୂର୍ବେ ମଧ୍ୟ ଏକ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ କଡା ସମାଲୋଚନା କରିଥିଲେ। ଏହି ପ୍ରସଙ୍ଗରେରେ ଗୁରୁବାର ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଝାରସୁଗୁଡା ବିଧାୟକଙ୍କୁ ବିରୋଧ ପ୍ରସଙ୍ଗ ଏବେ ଝାରସୁଗୁଡା ଜିଲ୍ଲା ବିଜେପିର ଗୋଷ୍ଠୀ କନ୍ଦଳକୁ ସ୍ପଷ୍ଟ କରିଛି। ଏହା ଜିଲ୍ଲାରେ ବେଶ ଚର୍ଚ୍ଚାର ବିଷୟ ହୋଇଛି। ଗୋଟିଏ ଦଳର ଦୁଇ ଶୀର୍ଷ ନେତା ଓ କର୍ମୀଙ୍କ ମଧ୍ୟରେ ଏହି କନ୍ଦଳ ଯେ କେବଳ ଜିଲ୍ଲାରେ ସୀମିତ ହୋଇ ରହିନାହିଁ ବରଂ ଏବେ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଆନ୍ତଃକନ୍ଦଳ ଆଗାମୀ ଦିନରେ ଦଳ ପାଇଁ ଅଡୁଆ ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଏହା ସହିତ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି ଉପସ୍ଥିତ ରହି ନିଜ ଦଳର ବିଧାୟକଙ୍କ ଉପରେ ଅଭିଯୋଗ ସମସ୍ତଙ୍କୁ ଚକିତ କରିବା ସହିତ ବିଜେପି ଦଳର କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଓଡ଼ିଶା ମେଟାଲିକ୍ସ କମ୍ପାନୀ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

# ଦ୍ୱିତୀୟ ଦିନରେ ତହସିଲଦାରଙ୍କୁ ୮ ଦଫା ଦାବିପତ୍ର

**ଝାରସୁଗୁଡ଼ା, ୧୪।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ମରାକୁଟା ପଞ୍ଚାୟତ ସ୍ଥିତ ଓଡ଼ିଶା ମେଟାଲିକ୍ସ କାରଖାନା ସମ୍ମୁଖରେ ଜମେରା, ମରାକୁଟା, ଏଚ୍ କଣ୍ଟାପାଲି ଗ୍ରାମ ପଞ୍ଚାୟତର ହଜାର ହଜାର ଗ୍ରାମବାସୀଙ୍କ



ସହିତ ପୁରୁଣା କର୍ମଚାରୀଙ୍କ ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି ଓ ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଝାରସୁଗୁଡ଼ା ତହସିଲଦାର ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହାସହ ଆନ୍ଦୋଳନକାରୀମାନେ ୯ ଦଫା ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଓଡ଼ିଶା ମେଟାଲିକ କମ୍ପାନୀ ବିନା ଅନୁମତିରେ ଇବ ନଦୀରୁ ବେଆଇନ ଜଳ ଉଠାଣ କରୁଥିବା ବେଳେ ୧୦ ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମି ନିଜ ଅକ୍ତିଆରରେ ରଖି ବ୍ୟବହାର କରୁଛି। ଏହା ସହିତ ଓଡ଼ିଶା ମେଟାଲିକ କମ୍ପାନୀ ସ୍ଥାନୀୟ ଅଞ୍ଚଳର ଉନ୍ନତି ପାଇଁ ଯେଉଁ ଖର୍ଚ୍ଚ କରିବା କଥା, ତାହା ମଧ୍ୟ ନ କରି ଓଲଟା ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ସୃଷ୍ଟି କରୁଛି। ପୁରୁଣା କର୍ମଚାରୀମାନଙ୍କୁ ନିଯୁକ୍ତି ନ ଦେଇ ରାଜ୍ୟ ବାହାରର ଯୁବକମାନଙ୍କୁ ଆଣି ନିଯୁକ୍ତି ପ୍ରଦାନ କରୁଛି। ଏହି ସବୁ ବିରୋଧରେ ସ୍ଥାନୀୟ ଅଞ୍ଚଳବାସୀ ଏବଂ ପୁରୁଣା କର୍ମଚାରୀ ସଂଘ ଜିଲ୍ଲା ପ୍ରଶାସନକୁ ଯେତେ ଅଭିଯୋଗ କଲେ ମଧ୍ୟ ସାମାଧାନ ହେଉନି। ସମାଧାନ ଦାବିରେ ଜମେରା, ମରାକୁଟା, ଏଚ୍ କଣ୍ଟାପାଲି ଗ୍ରାମ ପଞ୍ଚାୟତ ସହିତ ବ୍ରଜରାଜନଗର ପୌର ପରିଷଦର ହଜାର ହଜାର ଲୋକ କମ୍ପାନୀ ସମ୍ମୁଖରେ ଧାରଣା ଜାରି ରଖିଛନ୍ତି। ଯେତେବେଳେ ପର୍ଯ୍ୟନ୍ତ ସ୍ଥାୟୀ ସମାଧାନର ବାଟ ଜିଲ୍ଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ବାହାର ନ କରିବେ ସେତେବେଳ ପର୍ଯ୍ୟନ୍ତ ଧାରଣା ଜାରୀ ରହିବ ବୋଲି ଉପସ୍ଥିତ ସାଧାରଣ ଜନତା, ଜନ ପ୍ରତିନିଧିମାନେ ମତ ପ୍ରକାଶ କରିଛନ୍ତି। ଗୁରୁବାର ଝାରସୁଗୁଡା ତହସିଲଦାର ସଦକର କୁମ୍ଭାର ଧାରଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନକାରୀ ଗ୍ରାମବାସୀ ୯ ଦଫା ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଦାବି ଗୁଡିକ ମଧ୍ୟରେ ଏମଏସପି କମ୍ପାନୀରୁ ଛଟେଇ ହୋଇଥିବା ପୁରୁଣା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ଓଡ଼ିଶା ମେଟାଲିକ୍ସ କମ୍ପାନୀ ବେଆଇନ ଭାବେ ଗ୍ରାମ୍ୟ ଜଙ୍ଗଲ ଓ ଗୋଚର ଜମିକୁବି ଦଖଲ ମୁକ୍ତ କରିବା, ମରାକୁଟା ପଞ୍ଚାୟତ ର ଜମିହରା ପରିବାରର ଜଣଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ପ୍ରଦୂଷଣ ନିୟନ୍ତ୍ରଣ କରିବା, ଇବ ନଦୀରୁ ବେଆଇନ ଭାବେ ଉଠାଯାଉଥିବା ପାଣିକୁ ବନ୍ଦ କରାଯିବା, କମ୍ପାନୀରେ ଠିକା କମ୍ପାନୀରେ କାର୍ଯ୍ୟରତ ଥିବା ମରାକୁଟା ତଥା ଆଖପାଖ ଅଞ୍ଚଳର ଯୁବକ ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ସହ ଅନ୍ୟାନ୍ୟ ଦାବି ରହିଛି। ତେବେ ତହସିଲଦାର ଆନ୍ଦୋଳନକାରୀଙ୍କ ସମସ୍ତ ଦାବିକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିବା ନେଇ ତହସିଲଦାର ସଦକର କୁମ୍ଭାର ସୂଚନା ଦେଇଛନ୍ତି।

# ଯୁବ ଯାଦବ ଓ ମହିଳା ସଂଘ କର୍ମକର୍ତ୍ତା ଚୟନ

**କୋକସରା, ୧୪।୫(ସମିସ) :** କୋକସରା ବ୍ଲକ ଡୁଡୁକାଠେଙ୍ଗା ଆଞ୍ଚଳିକ ଯାଦବ ସମାଜ ପକ୍ଷରୁ ମୁଗୁନାପଦର ସ୍ଥିତ ବାଲେଶ୍ୱର ମହାଦେବ ଶିବ ମନ୍ଦିର ପ୍ରାଙ୍ଗଣରେ ଯୁବ ଯାଦବ ଓ ମହିଳା ସଂଗଠନର କର୍ମକର୍ତ୍ତା ଚୟନ କରାଯାଇଛି। ଡୁଡୁକାଠେଙ୍ଗା ଆଞ୍ଚଳିକ ଯାଦବ ସମାଜର ସଭାପତି ଗୁଣଧର କଟାଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ବ୍ଲକ ଯାଦବ ସମିତିର ସଭାପତି ଦ୍ୱାରିକାନାଥ ବାଗ, ବ୍ଲକ ଯୁବ ଯାଦବ ସଭାପତି ଯୋଗେନ୍ଦ୍ର ହଂସ, ବ୍ଲକ ଯାଦବ ସମିତି ସଭାନେତ୍ରୀ ହରିପ୍ରିୟା ନାଗ, ଆମପାଣି ଜୋନ୍ କର୍ମଚାରୀ ସଂଘ ସଭାପତି ମାରଗୁଣିଆ ନାଗ ପ୍ରମୁଖ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡୁଡୁକାଠେଙ୍ଗା ଆଞ୍ଚଳିକ ଯାଦବ ସମିତିର ସମ୍ପାଦକ ବଂଶୀଧର ନାଗ, ସହସମ୍ପାଦକ ମଧୁସୂଦନ କଟା, କୋଷାଧ୍ୟକ୍ଷ ଭିବେ ଭରାଶଗଡ଼ିଆ, ଦିଗାମ୍ବର ନାଗ, ପରମାନନ୍ଦ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଞ୍ଚଳିକ ଯୁବ ଯାଦବ ଓ ମହିଳା ସଂଗଠନର କର୍ମକର୍ତ୍ତା ଚୟନ କରାଯାଇଛି। ଆଞ୍ଚଳିକ ଯୁବ ଯାଦବ ସଭାପତି ଭାବେ ହିତେଶ କାଣ୍ଡ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣ କଟା, ସମ୍ପାଦକ ମଧୁସୂଦନ ରୋଧି, ମହିଳା ସଂଘର ସଭାନେତ୍ରୀ ମରୁଆ ନାଗ, ସମ୍ପାଦିକା ରୀତା କଟା, କାର୍ଯ୍ୟକରୀ ସଭାନେତ୍ରୀ ଅମିନା ଗୋପାଳ ପ୍ରମୁଖ ମନୋନୀତ ହୋଇଥିଲେ। ଉପଦେଷ୍ଟା କମିଟିରେ ହେମରାଜ ନାଗ, ବାସୁଦେବ ରୋଥି, କାର୍ତ୍ତିକ ବାଗ, ସୁରେନ୍ଦ୍ର କଟା, ଜଗଦୀଶ କେତକୀ, ତୁଲାରାମ ଯୁଏଡ, ଡମ୍ବୁରୁଧର ଡୁଡୁକିଆ, ରୁକଚନ ନାଗ, ପନାମ ବାଗ, କବିରାଜ ନାଗ, ଚୈତନ୍ୟ କେତକୀ, ଭୁବନେଶ୍ୱର କଟା ପ୍ରମୁଖ ରହିଛନ୍ତି।

## ପୌର ନିର୍ବାହୀ ଅଧିକାରୀଙ୍କ ଲେପ୍ରୋସୀ କଲୋନୀ ପରିଦର୍ଶନ

# 'ସହଯୋଗ ଅଭିଯାନ' କାର୍ଯ୍ୟକ୍ରମର ସମୀକ୍ଷା

**ଝାରସୁଗୁଡ଼ା, ୧୪।୫(ସମିସ)**

ଆଜି ଝାରସୁଗୁଡ଼ା ପୌରନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଲେପ୍ରୋସୀ କଲୋନୀ ପରିଦର୍ଶନ କରି ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା 'ସହଯୋଗ' ଅଭିଯାନ ଅଧୀନରେ ଚାଲିଥିବା କାର୍ଯ୍ୟକ୍ରମର ତଦାରଖ କରିଥିଲେ। ସେ କଲୋନୀବାସୀଙ୍କ ସୁଖଦୁଃଖ ବୁଝିବା ସହ ସେମାନଙ୍କୁ ସରକାରୀ ଯୋଜନାର ସୁଫଳ ବାବଦରେ ସଚେତନ କରାଇବା ସହ ନିଜର ବିଭିନ୍ନ ଦସ୍ତାବିଜ ଗୁଡ଼ିକୁ ପୌରପାଳିକା ନିକଟରେ ଜମା କରିବା ପାଇଁ କହିଥିଲେ। ଏଥିସହ ପୌରପାଳିକା କର୍ମଚାରୀଙ୍କୁ ନିର୍ଦ୍ଧାରିତ ସମୟରେ ସଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଲେପ୍ରୋସୀ କଲୋନୀରେ ଏକ ମିନି ପାର୍କ ଓ କମ୍ୟୁନିଟି ଶୌଚାଳୟ ନିର୍ମାଣ ପାଇଁ ଜାଗା ନିର୍ଦ୍ଧାରଣ କରାଯାଇଛିଥିବା ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଝାରସୁଗୁଡ଼ା ପୌରପାଳିକାରେ ୨୦୨୫ ନଭେମ୍ବର ମାସରୁ ଆରମ୍ଭ ହୋଇଥିବା 'ସହଯୋଗ' ଅଭିଯାନ ସର୍ଭେ କାର୍ଯ୍ୟରେ ୩୯ ଜଣ ସ୍ୱଚ୍ଛ ସାଥୀ ନିୟୋଜିତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ସମୁଦାୟ ୬, ୪୪୬ ପରିବାରର ସର୍ଭେ ସମ୍ପୂର୍ଣ୍ଣ ହୋଇଛି। ସେଥିମଧ୍ୟରୁ ବିଭିନ୍ନ ଯୋଜନା ପାଇଁ ୬୫୬ ଜଣ ଆବେଦନ କରିଥିବା ବେଳେ ୧୮୫ ଜଣଙ୍କୁ ଯୋଜନା ସହ ସଂଯୋଗ କରାଯାଇଛି। ଲେପ୍ରୋସୀ କଲୋନୀର ମୋଟ ୯୮ଟି



ପରିବାର ମଧ୍ୟରୁ ୮୮ ଜଣ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇସାରିଥିବା ବେଳେ ୩୬ ଜଣଙ୍କୁ ଆବାସ ଯୋଜନାର ସୁବିଧା ପ୍ରଦାନ କରାଯାଇଛି। ଏହି ପରିଦର୍ଶନ ଅବସରରେ ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି, 'ସହଯୋଗ' ମାଧ୍ୟମରେ କେହି ଯେପରି ସରକାରୀ ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସ୍ୱଚ୍ଛ ସାଥୀମାନେ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି। ଲେପ୍ରୋସୀ କଲୋନୀର ପ୍ରତିଟି ବ୍ୟକ୍ତିଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାର ଦେବା ଆମର ପ୍ରାଥମିକତା। ତେବେ ପ୍ରଶାସନ ପକ୍ଷରୁ ମିଳିଥିବା ସହାୟତାକୁ ନେଇ ରଥୁ ଭୋଇ (୭୫) କହିଛନ୍ତି, ଏହି ବୟସରେ ପକ୍କା ଘର ଖଣ୍ଡେ ପାଇବି ବୋଲି ଆଶା କରିନଥିଲି। ମାସିକ ୧୨୦୦ ଟଙ୍କା ପେନସନ ମୋର ଔଷଧ ଖର୍ଚ୍ଚ ପାଇଁ ବହୁତ ସାହାଯ୍ୟ କରୁଛି। ଅଶ୍ୱିନୀ ନାଏକ (୮୩) କହିଛନ୍ତି, ମୋତେ ମାସକୁ ୩୫୦୦ ଟଙ୍କା ପେନସନ ମିଳୁଛି। ପୂର୍ବରୁ ସରକାରୀ ଅଫିସକୁ ଦୌଡ଼ିବା ଆମ ପାଇଁ କଷ୍ଟକର ଥିଲା, କିନ୍ତୁ ଏବେ ପୌର ପାଳିକାର କର୍ମଚାରୀ ଆସି ସବୁ କାମ ସହଜ କରିଦେଲେ। ଶାମ୍ବରୀ ତନ୍ତି (୮୦) କହିଛନ୍ତି, ୩୫୦୦ ଟଙ୍କା ପେନସନ ପାଇବା ପରେ ମୁଁ ଏବେ କାହା ଉପରେ ବୋଝ ହୋଇ ରହିବି ନାହିଁ। ଏହି ବୟସରେ ସରକାର ଆମକୁ ଯେଉଁ ସମ୍ମାନ ଦେଲେ, ସେଥିପାଇଁ ମୁଁ କୃତଜ୍ଞ।

**ମିନି ପାର୍କ, କମ୍ୟୁନିଟି ଶୌଚାଳୟ ପାଇଁ ଜାଗାନିର୍ଦ୍ଧାରଣ**

**'ସହଯୋଗ' ଅଭିଯାନ ଯୋଗୁଁ ୯୮ ପରିବାରକୁ ମିଳିପାରିଛି ସରକାରୀ ଯୋଜନାର ସୁବିଧା**

ତାପିସା ମାଝୀ ନିଜର ଅନୁଭୂତି ବଖାଣି କହିଛନ୍ତି, ଆମ କଲୋନୀକୁ ଅଧିକାରୀମାନେ ନିଜେ ଆସି ସବୁ ଯୋଜନା ବିଷୟରେ ବୁଝାଉଛନ୍ତି। ୩୫୦୦ ଟଙ୍କା ପେନସନ ସହ ମୋତେ ପିଏମଏୱାଇ ଘର ମଧ୍ୟ ମିଳିଛି।

# ଦୀପକଙ୍କୁ ଜାତୀୟ ଯୁବ ନେତୃତ୍ୱ ପୁରସ୍କାର

**ଭବାନୀପାଟଣା, ୧୪।୫ (ସମିସ):** ଜାତୀୟ ଯୁବ ନେତୃତ୍ୱ ସମ୍ମିଳନୀରେ କଳାହାଣ୍ଡିର ଦେଉଣ୍ଡି ଗ୍ରାମର ଦୀପକ ବେହେରା ଜାତୀୟ ଯୁବ ନେତୃତ୍ୱ ପୁରସ୍କାରରେ ସମ୍ମାନିତ ହୋଇ କଳାହାଣ୍ଡିକୁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। କଳାହାଣ୍ଡିର ବିଭିନ୍ନ ଯୁବ ନେତୃତ୍ୱ ବିକାଶ ଓ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରି ଅନେକବାର ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସେ ଯୋଗଦାନ କରିଛନ୍ତି। ଜାତୀୟ ସଂହତି ଶିବିର, ଯୁବ ଦୁଃସାହସିକ ଶିବିର, ବିଶ୍ୱବିଦ୍ୟାଳୟ ସ୍ତରୀୟ ଯୁବ ନେତୃତ୍ୱ ଓ ପରେଡ୍ ଶିବିର, ପୁରୀ ରଥଯାତ୍ରାରେ ସେବା ପ୍ରଦାନ ଏବଂ ଶ୍ରୀଲଙ୍କା ଗସ୍ତ କରି ନିଜ ଯୁବ ପ୍ରତିଭାର ପରିଚୟ ପ୍ରଦାନ କରିଥିଲେ। ତାଙ୍କର ସାମଗ୍ରିକ ଯୋଗଦାନ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ଯୁବ ମନ୍ତ୍ରଣାଳୟ ତାଙ୍କୁ ଏହି ସମ୍ମାନରେ ସମ୍ମାନୀତ କରିଛନ୍ତି। ସେ ଶ୍ରୀଲଙ୍କାର ହାଇ କମିଶନର ମିସ୍ ମାହିସିନି କଲୋନେଙ୍କ ଠାରୁ ଏହି ପୁରସ୍କାର ଦିଲ୍ଲୀରେ ଗ୍ରହଣ କରିଥିଲେ।




# ସୂଚନା ଓ ଲୋକ ସମ୍ପର୍କ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକଙ୍କ କଳାହାଣ୍ଡି ଗସ୍ତ

**ଧର୍ମଗଡ଼, ୧୪।୫(ସମିସ):** ମଙ୍ଗଳବାର ଦିନ ସୂଚନା ଓ ଲୋକ ସମ୍ପର୍କ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସିଛନ୍ତି।ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଦିଆଯାଇଛି।ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିନେଶ କୁମାର କହଁର ଓ କର୍ମଚାରୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ପରେ ଶ୍ରୀ ପ୍ରଧାନ ଧର୍ମଗଡ଼ ଉପଖଣ୍ଡ ସ୍ତରୀୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ଗସ୍ତ କରିଥିଲେ। ସେଠାରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ସିଂ ଓ ସହକର୍ମୀ ଅଭିମନ୍ୟୁ ସିଂ ଭବ୍ୟ ସ୍ୱାଗତ ଜଣାଇ ଥିଲେ। ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟର ପାଠାଗାର ଦେଖିବା ସମେତ ବିଭିନ୍ନ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ। ଶେଷରେ ଅବସର ପ୍ରାପ୍ତ ପୂର୍ବତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କୁ ବିଦାୟକାଳୀନ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସମ୍ମାନ ଦେଲା ଏ-୧ ଗ୍ରେଡ୍

ବୌଦ୍ଧ,୧୪।୫ (ସମିସ)



ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଜିଲ୍ଲାର ୧୨ ଜଣ ଛାତ୍ରଛାତ୍ରୀ ଏ -୧ ଗ୍ରେଡ୍ ପାଇଛନ୍ତି। ୧୩ଟି ବିଦ୍ୟାଳୟର ଶତ ପ୍ରତିଶତ ପାସ୍ ହାର ରହିଛି। ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ପ୍ରଶାସନ ଦ୍ୱାରା ଏହି ଛାତ୍ରଛାତ୍ରୀ ଓ ସ୍କୁଲକୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କ ଆବାହାକତ୍ୱରେ ଆୟୋଜିତ ସଭାରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସଭାପତିତ୍ୱ କରିଥିଲେ। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରୀକା ଦଉ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଭାସ୍କର ଲେଙ୍କା, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା ଓ କଣ୍ଟାମାଳ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଗା ଚରଣ ପ୍ରଧାନ, ବୌଦ୍ଧ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏ -୧ ଗ୍ରେଡ଼ ପାଇଥିବା ବୌଦ୍ଧ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ପ୍ରିତମ ମେହେର, ମନମୁଣ୍ଡା ହାଇସ୍କୁଲର ଶ୍ରୀୟା ସାହୁ ଓ ଚନ୍ଦନ ମହଲା, ହରଭଙ୍ଗା ନୋଡାଲ ହାଇସ୍କୁଲର ଜ୍ଞାନରଞ୍ଜନ ନାୟକ, ସରସରା ପିଏମ ଶ୍ରୀ ବାବା ବୈଦ୍ୟନାଥ ହାଇସ୍କୁଲର ଗଙ୍ଗାଧର କର୍ଣ୍ଣ, କୁସଙ୍ଗ ହାଇସ୍କୁଲର ଅନୁଜ ସାହୁ, ଜହ୍ନାପଙ୍କ ନୋଡାଲ ହାଇସ୍କୁଲର ପ୍ରଭାତୀ ରଣା, ତିଳେଶ୍ୱର ଲାଲବାହାଦୁର ବିଦ୍ୟାପୀଠର ସଂଜ୍ଞାସିନୀ ସାହୁ, ସଂଗ୍ରାମପୁର ପଞ୍ଚାୟତ ହାଇସ୍କୁଲର ନିହାର ରଞ୍ଜନ ନାୟକ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ପାଣ୍ଡ୍ରିପଡା ଗବେଷଣା କେନ୍ଦ୍ରର ଆଦର୍ଶ ନାଏକ ଓ ଆନନ୍ଦ ପ୍ରଧାନ, କଙ୍କଜକଟା ହାଇସ୍କୁଲର ଶ୍ରୀତମ ବିଶ୍ୱାଳଙ୍କୁ ସେମାନଙ୍କ ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଜିଲ୍ଲାର ଶତ ପ୍ରତିଶତ ପାସହାର ଥିବା ବିଦ୍ୟାଳୟ ବଢ଼ିଗାଁ ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଦିକଟା ଦଧିବାବନ ହାଇସ୍କୁଲ, ତଳଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବଡ଼ବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସଂକୁଲେଇ ପଞ୍ଚାୟତ ହାଇସ୍କୁଲ, ମାଉଳସିଙ୍ଗା ଜାନକୀ ଭିକାରି ଉଚ୍ଚ ବିଦ୍ୟାଳୟ, ଚାରିଛକ ପଞ୍ଚାୟତ ହାଇସ୍କୁଲ, ପୁରୁଣାକଟକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିଳାସପୁର ଜନତା ହାଇସ୍କୁଲ, ନୂଆପାଲି ଆଦିବାସୀ ହାଇସ୍କୁଲ, ମନମୁଣ୍ଡା ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ପାଣ୍ଡ୍ରିପଡା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ୭୦ ଜଣ ସାଧନକର୍ମୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନବ କିଶୋର ଦୀପ ଓ ସନ୍ତୋଷ କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତଥା ସିଆରସିସି ସହଯୋଗ କରିଥିଲେ।

## ଛାତ୍ର ସୁଦାମ କହଁରଙ୍କୁ ଶୁଭେଚ୍ଛା ଜଣାଇଲେ ଏସ୍‌ଡିସି ଅଧ୍ୟକ୍ଷ

ବୌଦ୍ଧ,୧୪।୫(ମିଏସ): କଣ୍ଟାମାଳ ଓଡିଶା ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଛାତ୍ର ସୁଦାମ କହଁର ଚଳିତ ବର୍ଷ ଦ୍ୱାଦଶ ପରୀକ୍ଷାରେ ୮୯.୪ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ଘଣ୍ଟାପଡା ପଞ୍ଚାୟତ ତମ୍ବାସିନା ଗ୍ରାମର ଗୋପୀନାଥ କହଁର ଓ ପଦ କହଁରଙ୍କ ସୁପୁତ୍ର। ଜଣେ ଡାକ୍ତର ହେବା ପାଇଁ ସେ ସ୍ୱପ୍ନ ରଖିଛନ୍ତି। ଗୁରୁବାର ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡମ୍ବରୁଧର କହଁର ସୁଦାମଙ୍କ ଘରକୁ ଯାଇ ଶୁଭେଚ୍ଛା ଜଣାଇଛନ୍ତି।



# ନବୋଦୟ ଜିଲ୍ଲା ଟପ୍ପର ସମ୍ବର୍ଦ୍ଧିତ



କଣ୍ଟାମାଳ,୧୪।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ କୁଲୁତାଯୋର ପଞ୍ଚାୟତ ଟପର୍ଣା ଗ୍ରାମର ଶିକ୍ଷକ ରାଜୀବ ମହାନନ୍ଦ ଏବଂ ଗୀତାଞ୍ଜଳିଙ୍କ ପୁଅ ଅଭିଷେକ ମହାନନ୍ଦ ଜବାହାର ନବୋଦୟ ବିଦ୍ୟାଳୟ ଦଶମ ଶ୍ରେଣୀ ଜିଲ୍ଲା ଟପ୍ପର ହୋଇଛନ୍ତି। ସେ ୬୦୦ରୁ ୫୭୪ (୯୫.୬୬%) ନମ୍ବର ରଖି ସାରା ଜିଲ୍ଲାରେ ନବୋଦୟ ଟପ୍ପର ହୋଇଛନ୍ତି। କଣ୍ଟାମାଳ ଡ. ଆମ୍ବେଦକର ସୋସିଆଲ୍ ଟ୍ରଷ୍ଟ ତାଙ୍କୁ ଏଥିଲାଗି ସମ୍ବର୍ଦ୍ଧିତ କରିଛି। ସଭାପତି ସୁନିଲ ହରିପାଲ, ସାଧାରଣ ସମ୍ପାଦକ ଲୁଭଧର ସୁନା, ମୁଖ୍ୟ ଉପଦେଷ୍ଟା ରାଜେନ୍ଦ୍ର ବାଘ, କୋଷାଧ୍ୟକ୍ଷ ଚମରୁ ବାଘ, ସଦସ୍ୟ ରାମଚନ୍ଦ୍ର ନାଗ, ଶ୍ରୀରାମ ବାଘ ଏବଂ ମଦନ କୁମ୍ଭାର, ବିଭୁଶଙ୍କର ରାଜହଂସ, ମୋନୀତ ଭୋଇନା, ସୁଶାନ୍ତ ଛତ୍ରିଆ, ସମ୍ପଦ ବାଘ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# ରାଧାନଗର କ୍ଲଷ୍ଟର ଛାତ୍ରଛାତ୍ରୀଙ୍କ କୃତିତ୍ୱ



ବୌଦ୍ଧ, ୧୪।୫(ସମିସ): ଚଳିତ ବର୍ଷ ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷାରେ ରାଧାନାଗର କ୍ଲଷ୍ଟର କେଳକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ତୃପ୍ତିମୟୀ ପ୍ରଧାନ, ସୁଶ୍ରୀ ତୁଳସୀ ମେହେର ଓ ଅଙ୍କିତା ମଲ୍ଲିକ କୃତିତ୍ୱ ଅର୍ଜନ କରିଛନ୍ତି। ସେହିଭଳି ପିପଳକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ମୃତିପ୍ରିୟା ନାଏକ ମଧ୍ୟ କୃତିତ୍ୱ ଅର୍ଜନ କରିଛନ୍ତି। ଅନ୍ୟପକ୍ଷେ ୨୦୨୫-୨୬ ଶିକ୍ଷା ବର୍ଷରେ କେଳକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଜଣ ନବୋଦୟପ୍ରବେଶିକା ପରୀକ୍ଷାରେ, ୩ଜଣ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଓ ୨ଜଣ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ସିଆରସିସି ପ୍ରଶାନ୍ତ ସାହୁ, କେଳକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀଣ ବାରିକ ଓ ପିପଳକଟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ମିଶ୍ର ଶୁଭେଚ୍ଛା ଜଣାଇଛନ୍ତି।



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟାପଡ଼ା ପଞ୍ଚାୟତ ଅଧୀନ ଶ୍ରୀମାଳ ଗ୍ରାମରେ ଗାୟତ୍ରୀ ପରିବାର ପକ୍ଷରୁ ଅନୁଷ୍ଠିତ ଯଜ୍ଞ କାର୍ଯ୍ୟକ୍ରମ।

# ବିଭିନ୍ନ ସ୍ଥାନରେ ଗଞ୍ଜେଇ ଧରପଗଡ଼

ବୌଦ୍ଧ,୧୪।୫(ସମିସ): ବୌଦ୍ଧ ଥାନା ଆମ୍ବଝରୀ ନିକଟରୁ ବୋଲେରୋ ଓ ବାଇକ ସହ ୫୦ କେଜି ଗଞ୍ଜେଇ ଜବତ ହୋଇଛି। ଏହି ମାମଲାରେ ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏମାନେ ହେଲେ ବାଉଁଶୁଣୀ ଗ୍ରାମର ସଂଜୀବ ବେରିହା ଓ ସିଦ୍ଧାନ୍ତ ପ୍ରଧାନ, ଗୁଡୁଳିଆ ପଞ୍ଚାୟତ ତିଳପଙ୍ଗା ଗ୍ରାମର ଭରତ ରଣା ଓ ତେଣ୍ଡା ପଦର ଗ୍ରାମର ନାରାୟଣ ରଣା। ଆଜି ଭୋର ୪ଟାରେ ବୌଦ୍ଧ ଅବକାରୀ ମୋବାଇଲ୍ ସ୍କ୍ୱାଡ, ବୌଦ୍ଧ ଓ ହରଭଙ୍ଗା ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ଏକ ଟିମ୍ ଗଠନ କରି ବୌଦ୍ଧ ଥାନା ଆମ୍ବଝରୀ ଗ୍ରାମ ନିକଟରେ ଚଢଉ କରାଯାଇଥିଲା। ଏକ ବୋଲେରୋ ପିକ୍‌ଅପ୍ (ଓଡି ୩୧ ଏନ ୩୭୨୫)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୫୦ କେଜି ଗଞ୍ଜେଇ ଓ ପାଇଲଟିଂ କରୁଥିବା ଗୋଟିଏ ହିରୋ ସିଡି ଡିଲକ୍ସ ବାଇକ୍ ଜବତ କରା ଯାଇଥିଲା।। ଚଢଉରେ ମୋବାଇଲ୍ ସ୍କ୍ୱାଡ୍ ଇନ୍ସପେକ୍ଟର ସୁଧୀର ମିଶ୍ର, ବୌଦ୍ଧ ଅବକାରୀ ରେଞ୍ଜ ଇନ୍ସପେକ୍ଟର ଦିଲ୍ଲୀପ ଶତପଥୀ, ମୋବାଇଲ୍ ସ୍କ୍ୱାଡ୍ ସବ୍ ଇନ୍ସପେକ୍ଟର ସତ୍ୟ ନାରାୟଣ ପ୍ରଧାନ, ହରଭଙ୍ଗା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅସୀତ ପ୍ରଧାନ, କନେଷ୍ଟବଲ ସତ୍ୟ ନନ୍ଦନ ମୁଖୀ ପ୍ରମୁଖ ସାମିଲ ହୋଇଥିଲେ।

ସେହିଭଳି ବୌଦ୍ଧ ଜିଲ୍ଲା କଣ୍ଟାମାଳ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଏକ କାରରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କଣ୍ଟାମାଳ ଥାନା ପୁଲିସ ଉଦେପୁର ଗ୍ରାମ ନିକଟ ରାସ୍ତାରେ ଚଢ଼ଉ କରି ଏକ ମାରୁତି ସୁଜୁକି ଗାଡ଼ିରୁ ୨ଟି ଜରି ବ୍ୟାଗରୁ ୫୨.୬ କେଜି ଗଞ୍ଜେଇ ଜବତ କରିଛି। ତେବେ ପୁଲିସକୁ ଦେଖି ମାଫିଆ ଗାଡି ଛାଡି ଫେରାର ମାରିଛନ୍ତି। ଏ ସମ୍ପର୍କରେ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।





## ଠିଡିକାଯୋରରେ ରଥଯାତ୍ରା ପାଇଁ ପ୍ରସ୍ତୁତି

ହରଭଙ୍ଗା,୧୪।୫(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସଦର ମହକୁମା ଚାରିଛକସ୍ଥିତ ଠିଡିକାଯୋର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥ ମହୋତ୍ସବ କମିଟି ସଭାପତି ତହସିଲଦାର ତଥା ଦେବୋତ୍ତର ଅଧିକାରୀ ବଳଦେବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅଗ୍ନିଶମ କର୍ମଚାରୀ ଚିତ୍ତରଞ୍ଜନ ମାହାର, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ୱାସ୍ତିକ ପଲେଇ, ଜିତେନ୍ଦ୍ର ମିଶ୍ର, ପୁରୁଣାକଟକ ଫରେଷ୍ଟର ସୁଶାନ୍ତ ସାହୁ, ବାଣୀଭୂଷଣପୁର ସରପଞ୍ଚ ସୌଦାମିନି ମଲ୍ଲିକ, ୱାର୍ଡମେମ୍ବରମାନଙ୍କ ସହ ଡ୍ରାଇଭର ମହାସଂଘ, ଗ୍ରାମ୍ୟ କମିଟିର ସଭ୍ୟସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ରଥଯାତ୍ରା କମିଟି ସମ୍ପାଦକ ବାମଦେବ ଦାଶ ଗତବର୍ଷର ଆୟବ୍ୟୟ ହିସାବ ପ୍ରଦାନ ସହ ଚଳିତବର୍ଷ ପାଇଁ ବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ରଥ ମରାମତି, ପାଣି ସଂଗ୍ରହ, ମୀନା ବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ, ଶାନ୍ତି ଶୃଙ୍ଖଳା, ଗୁଣ୍ଡିଚାମନ୍ଦିର, ମାଉସୀମା ମନ୍ଦିର ପ୍ରସ୍ତୁତି, ସ୍ନାନ ପୂର୍ଣ୍ଣିମା ପାଳନ ଆଦି ବିଷୟ ଆଲୋଚନା ହୋଇଥିଲା। ପ୍ରତ୍ୟେକ କାର୍ଯ୍ୟ ସୂଚାରୁ ରୂପେ କରିବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ, କେଦାରେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ଜନକ ପାତ୍ର, ସୁବାସ ପ୍ରଧାନ, ସିକନ ନାୟକ, ହରିଶଙ୍କର ସାହୁ, ବେଦବର ପ୍ରଧାନ, ଅର୍ଜୁନ କହଁର, ପବିତ୍ର ପ୍ରଧାନ, ସମ୍ବାରୁ ଯାନୀ, ପୂର୍ଣ୍ଣଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପ୍ରତିବାଦରେ ବିଜୁ ଯୁବ ଛାତ୍ର ପକ୍ଷରୁ ପ୍ରତିବାଦ

ବୀରମହାରାଜପୁର,୧୪।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଜୁ ଯୁବ ଛାତ୍ର ଜନତା ପକ୍ଷରୁ ନିଟ୍ ପ୍ରଶ୍ନପତ୍ର ଲିକ୍‌ର ପ୍ରତିବାଦ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଆଜି ଅପରାହ୍ନରେ ରାଜ୍ୟ ବିଜେଡି ସମ୍ପାଦକ ନାରାୟଣ ଲୁହାଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ବାହାରି ଥିଲା। ସମସ୍ତେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପଧାନଙ୍କ ଇସ୍ତଫା ଦାବି କରିଥିଲେ। ଡବଲ ଇଞ୍ଜିନ ସରକାର ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଖେଳ ଖେଳୁଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଆଜି ଏହି ପ୍ରତିବାଦ ସଭାରେ ଜିଲ୍ଲା ବିଜେଡି ଯୁବ ସଭାପତି ଅଶୋକ ନନ୍ଦ, ଛାତ୍ର ସଭାପତି ଅଭିଷେକ ଶର୍ମା, ରାଜ୍ୟ ବିଜେଡି ଛାତ୍ର ସମ୍ପାଦକ ଶାଶ୍ୱତ ମିଶ୍ର, ବ୍ଲକ ବିଜେଡି ସଭାପତି ସୁରୁନାରାୟଣ ମହାକୁର, ଜିଲ୍ଲା ବିଜେଡି ଉପସଭାପତି କିଶୋର ହୋତା, ଶୈଳ ରଞ୍ଜନ ବାଦୀ, ଲକ୍ଷ୍ମୀ ନାରାୟଣ ପୁରୋହିତ, ଆଲୋକ ଦେହୁରୀ, ଭଗବାନ କର୍ଣ୍ଣ, ପ୍ରଦୀପ ମିଶ୍ର, ପର୍ଶୁରାମ ଦେହୁରୀ, କଲ୍ଲୋଳ ମିଶ୍ର, ସଂଜୀବ ଦେହୁରୀ, ମହେନ୍ଦ୍ର ଜଗଦଲା, ରମେଶ ଦେହୁରୀ, ବେଲାର ପାତ୍ର, ନିରୋଦ ପାଣ୍ଡେ, ଧର୍ମେନ୍ଦ୍ର ଥାନାପତି, ମାନସ ବେହେରା, ସୁବ୍ରତ ମହାକୁର, ପ୍ରତାପ ଚାନ୍ଦ, କେଦାର ପଣ୍ଡା, କୃଷ୍ଣ ପଣ୍ଡା, ବଶିଷ୍ଠ ପଣ୍ଡା, ଭାଗୀରଥି ସାହୁ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ମଦ କାରବାରରେ ଜଣେ ଗିରଫ



ଡୁଙ୍ଗୁରିପାଲି,୧୪।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ବଡର୍କଲେ ଗ୍ରାମରେ ପୁଲିସ ଜଣେ ବ୍ୟକ୍ତିକୁ ମଦ କାରବାର ଅଭିଯୋଗରେ ଗିରଫ କରିଛି। ଅଭିଯୁକ୍ତ ହେଲେ ବଡ଼କଲେ ଅଞ୍ଚଳର ହରିଓମ କୁମାର। ତାଙ୍କ ପାଖରୁ ବିଭିନ୍ନ ବ୍ରାଣ୍ଡର ବିପୁଳ ପରିମାଣର ବିଦେଶୀ ମଦ ଓ ଏକ ବାଇକ ଜବତ ହୋଇଛି। ବେଆଇନ ଭାବେ ମଦ ଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ରାମପୁର ପୁଲିସ ଖବର ପାଇ ଚଢ଼ଉ କରିଥିଲା।

# ନୀଳକଣ୍ଠେଶ୍ୱର ବାବାଙ୍କ ଥାଳ ଉଠିଲା

ତରଭା,୧୪।୫(ସମିସ): ତରଭାର ସର୍ବ ପୁରାତନ ଶୈବପୀଠ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ବାବାଙ୍କ ବିବାହ ଉତ୍ସବ ପାଳନ ପାଇଁ ନୀତିକାନ୍ତିରେ ଥାଳଉଠା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଗୁରୁବାର ନୀଳକଣ୍ଠେଶ୍ୱର ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା, ମନ୍ଦିର ପୂଜକ, କନ୍ୟାପକ୍ଷ ଓ ବରପକ୍ଷଙ୍କ ଉପସ୍ଥିତରେ ଆଲୋଚନା ହେବା ପରେ ବାବାଙ୍କ ବିବାହ ଉତ୍ସବ ପାଳନ ପାଇଁ ପ୍ରସ୍ତାବ ନିଆଯାଇଥିଲା। ଉଭୟପକ୍ଷର ପ୍ରସ୍ତାବ କ୍ରମେ ବାବାଙ୍କଠାରେ ନୀତିକାନ୍ତି ସହ ପୂଜା କରାଯାଇଥିଲା। ତରଭା ଗଡ଼ଭିତର ୧୦ ନମ୍ବର ୱାର୍ଡର ବିଘ୍ନରାଜ ନାଏକ ଓ ସାଗରିକା ସାହୁଙ୍କୁ ବର ପିତାମାତା ଦାୟିତ୍ୱ ଦିଆ ଯାଇଛି। ସେହିଭଳି ତରଭା ଏନଏସି ୧୧ ନମ୍ବର ୱାର୍ଡ ଅନ୍ତର୍ଭୁକ୍ତର ପ୍ରଫୁଲ୍ଲ ମିଶ୍ର ଓ ବିଦ୍ୟୁତ୍‌ଲତା ମିଶ୍ରଙ୍କୁ କନ୍ୟାମାତା ପିତା ଦାୟିତ୍ୱ ଦିଆଯାଇଛି। ମନ୍ଦିର ପୂଜକ ଜନାର୍ଦ୍ଦନ ଥାନାପତି ଓ ଟିକେଶ୍ୱର ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ସହ ସଂକଳ୍ପ ବିଧି ଅନୁସାରେ ଥାଳଉଠା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ ସାହୁଙ୍କ ସମେତ ପର୍ଶୁରାମ ସାହୁ, ଲଳିତ ନାଏକ, ଅଶୋକ ସାହୁ, ଶଙ୍କର ପ୍ରସାଦ ସାହୁ, ପ୍ରଦୀପ ମହାଣା, ଉପେନ୍ଦ୍ର ସାହୁ, ଗୁଞ୍ଜୁରୁ ଗୁରୁ, ଶ୍ୟାମସୁନ୍ଦର ସାହୁ, ବିକାଶ ଅଗ୍ରୱାଲ, ପୂର୍ଣ୍ଣ ସାହୁ, ଶିବୁ ଷଡ଼ଙ୍ଗୀ, ଲିଜା ନାଏକ, ଗୀତା, କମଳା ପ୍ରମୁଖ ଉପସ୍ଥିତ ଥିଲେ।



# କ୍ଷତିପୂରଣ ଦାବିରେ ପୁଲିସକୁ ଅଟକ ରଖିଲେ ଗ୍ରାମବାସୀ






ଡୁଙ୍ଗୁରିପାଲି,୧୪।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଧୀନ ଗଧାପାଲି ଗ୍ରାମର ଗୁଣନିଧି ସେଠୀ ଦୁର୍ଘଟଣାର ୨୫ ଦିନ ପରେ ଆଖି ବୁଜିଛନ୍ତି। ଗତ ୧୭ ତାରିଖରେ ଡୁଙ୍ଗୁରିପାଲି ଥାନା ଅଧୀନ ୨୬ ନମ୍ବର ଜାତୀୟ ରାଜପଥ ଫଟାମୁଣ୍ଡା ନିକଟରେ କାର୍ ଧକ୍କାରେ ୩ ଜଣ ଗୁରୁତର ହୋଇଥିଲେ। ଏମାନଙ୍କ ଭିତରେ ଗୁଣନିଧି ଥିଲେ। ଆଜି ତାଙ୍କ ଶବ ଘରକୁ ଆସିବା ପରେ କ୍ଷତିପୂରଣ ଦାବିରେ ଗ୍ରାମବାସୀ ପୁଲିସକୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଶେଷରେ ବୁଝାମଣା ହୋଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ି ଓ ଚାଳକଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପୁଲିସ ପ୍ରତିଶ୍ରୁତି ଦେଇଛି।

## ମହିଳା ସଂରକ୍ଷଣ ଦାବିରେ କଂଗ୍ରେସର ନାରୀ ନ୍ୟାୟ ମଶାଲ ଶୋଭାଯାତ୍ରା



ବୌଦ୍ଧ,୧୪।୫(ସମିସ): ମହିଳା ସଂରକ୍ଷଣ ବିଲ୍‌କୁ ନେଇ ବିଜେପି ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛି। ଏହା ବିରୋଧରେ ବୌଦ୍ଧ ସହରରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ନାରୀ ନ୍ୟାୟ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ଅବଦୁଲ୍ କଲିମ୍ ଖାଁଙ୍କ ନେତୃତ୍ୱରେରେ ବୌଦ୍ଧସ୍ଥିତ ଶ୍ରୀ ରଘୁନାଥ ମନ୍ଦିର ନିକଟରୁ ଦଳୀୟ କର୍ମକର୍ତ୍ତା ଓ ମହିଳାମାନେ ନାରୀ ନ୍ୟାୟ ମଶାଲ ଶୋଭାଯାତ୍ରାରେ ବାହାରି ଥିଲେ। ଶହୀଦ ଛକ, ଥାନା ସାମ୍ନା, ପୁରୁଣା ଡେଲି ମାର୍କେଟ ଛକ, ଭୈରବୀ ଛକ, ଗାନ୍ଧୀ ଛକ ଦେଇ ଏହି ଶୋଭାଯାତ୍ରା ବାଘଗୁଡ଼ା ଛକ ନିକଟରେ ପହଞ୍ଚି ଥିଲା। ଦେଶର ସମସ୍ତ ବିଧାନ ସଭା, ଲୋକସଭା ଓ ରାଜ୍ୟସଭାରେ ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ଲାଗି ଦଳ ଦାବି କରିଛି।

## କୃଷି ଜନଗଣନା ତଥ୍ୟ ମଞ୍ଜୁରୀ ପାଇଁ ସମନ୍ୱୟ କମିଟି ବୈଠକ




ବୌଦ୍ଧ,୧୪।୫(ସମିସ): ବୌଦ୍ଧ ଜିଲ୍ଲାରେ ୨୦୨୨-୨୩ ମସିହା ପାଇଁ ହୋଇଥିବା ୧୧ତମ ପଞ୍ଚବାର୍ଷିକ କୃଷି ଜନଗଣନାର ତୃତୀୟ ପର୍ଯ୍ୟାୟର ବିଶ୍ଳେଷଣାତ୍ମକ ତଥ୍ୟ ମଞ୍ଜୁରୀ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ପ୍ଲାନିଂ ତଥା ପରିସଂଖ୍ୟାନ ଉପ ନିର୍ଦ୍ଦେଶକ ପ୍ରସନ୍ନ କର୍ଣ୍ଣ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଯୋଗେନ୍ଦ୍ର ନାଥ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, କୃଷି ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ପଞ୍ଜାବ କିଙ୍ଗସ-ମୁମ୍ବଇ ଇଣ୍ଡିଆନ୍ସ ମୁକାବିଲା

# ତିଲକ ବର୍ମା, ଶାର୍ଦ୍ଦୁଳ ଠାକୁର ଜିତାଇଲେ

ଧର୍ମଶାଳା,୧୪।୫(ଏଜେନ୍ସି):

ତିଲକ ବର୍ମା ଓ ୱିଲ ଜ୍ୟାକ୍ସଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଆଇପିଏଲ୍‌ର ୫୮ତମ ଲିଗ୍ ମ୍ୟାଚ୍‌ରେ ମୁମ୍ବଇ ଇଣ୍ଡିଆନ୍ସ ୬ ୱିକେଟରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ୫ମ ପରାଜୟ ସହ ଶ୍ରେୟସ ଆୟରଙ୍କ ପଞ୍ଜାବ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଦଳ ଏବେ ୧୨ଟି ମ୍ୟାଚ୍‌ରୁ ୧୩ ପଏଣ୍ଟ ପାଇ

| ଆଜିର ଆଇପିଏଲ୍ ମ୍ୟାଚ୍ |
| --- |
| ଲକ୍ଷ୍ନୌ ବନାମ ଚେନ୍ନଇ |
| ଭେନ୍ୟୁ-ଲକ୍ଷ୍ନୌ |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

ପୂର୍ବପରି ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିବା ମୁମ୍ବଇ ଏଠାରେ ଚତୁର୍ଥ ବିଜୟ ହାସଲ କରି କିଛିଟା ଆତ୍ମ ସମ୍ମାନ ରକ୍ଷା କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ ୨୦୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବଇ ଇଣ୍ଡିଆନ୍ସ ୧୯.୫ ଓଭରରେ ୪ ରନ



କରିଥିଲା। ଦଳ ପକ୍ଷରୁ ୨୫ ବଲ୍‌ରେ ୫୦ରନ୍ ପୂରଣ କରିଥିବା ତିଳକ ବର୍ମା ୩୩ ବଲ୍‌ର ସାମ୍ନା କରି ୬ଟି ଚୌକା ଓ ୬ଟି ଛକା ସହାୟତାରେ ସର୍ବାଧିକ ୭୫ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଶେଷଭାଗରେ ୱିଲ ଜ୍ୟାକ୍ସ ୧୦ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ସହ ଅପରାଜିତ ୨୫ ରନ୍ କରି ଦଳକୁ ବିଜୟୀ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର ରିୟାନ ରିକେଲଟନ୍ ୨୩ବଲ୍‌ରେ ୪୮, ରୋହିତ ଶର୍ମା ୨୬ବଲ୍‌ରେ ୨୫ ଓ ନଂ-୩ ନମନ ଧୀର ୬ବଲ୍‌ରେ ୯ ରନ୍ କରି ଆଉଟ ହୋଇଥିଲେ। ପଞ୍ଜାବ ପକ୍ଷରୁ ଆଜମତୁଲ୍ଲା ଓମରଜାଇ ୨ଟି, ମାର୍କୋ ଜାନ୍‌ସେନ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି।

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଇନିଂସରେ ପ୍ରଥମ ୩ଜଣ ବ୍ୟାଟର ଯଥା ପ୍ରଭସିମରନ ସିଂହ ୫୭, ପ୍ରିୟାଂଶ ଆର୍ଯ୍ୟ ୨୨ ଓ କୁପର କନୋଲୀ ୨୧ରନ୍ କରିଥିଲା। ୧୨ ଓଭର ଖେଳରେ ପଞ୍ଜାବ ଏକଦା ୧ ୱିକେଟରେ ୧୦୭ ରନ୍ କରିଥିଲାବେଳେ ଦଳ ୧୬ ରନ୍‌ରେ ୫ ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ଶେଷ ଭାଗରେ ଆଜମତୁଲ୍ଲା ଓମରଜାଇଙ୍କ ୧୭ ବଲ୍‌ରେ ୩୮, ଜାଭିୟର ବାର୍ଟଲେଟ ୭ ବଲ୍‌ରୁ ୧୮ ଓ ବିଷ୍ଣୁ ବିନୋଦ ୮ ବଲ୍‌ରୁ ୧୫ ରନ୍ କରିବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିଥିଲା। ମୁମ୍ବଇ ଇଣ୍ଡିଆନ୍ସ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ୩୯ ରନ୍‌ରେ ସର୍ବାଧିକ ୪ଟି ଓ ଦୀପକ ଚହର ୩୬ରନ୍‌ରେ ୨ଟି ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ମୁମ୍ବଇ ଇଣ୍ଡିଆନ୍ସ ପକ୍ଷରୁ ନିୟମିତ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ ସୂର୍ଯ୍ୟକୁମାର ଯାଦବଙ୍କ ଅନୁପସ୍ଥିତିରେ ଯଶପ୍ରୀତ୍ ବୁମ୍‌ରା ଦଳର ନେତୃତ୍ୱ ନେଇଥିଲେ।

**ଆଇପିଏଲ୍ ପଏଣ୍ଟ ଟେବୁଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
| --- | --- | --- | --- | --- | --- | --- |
| ଆର୍‌ସିବି | ୧୨ | ୮ | ୪ | ୦ | ୧୬ | +୧.୦୫୩ |
| ଗୁଜରାଟ | ୧୨ | ୮ | ୪ | ୦ | ୧୬ | +୦.୫୫୧ |
| ହାଇଦରାବାଦ | ୧୨ | ୭ | ୫ | ୦ | ୧୪ | +୦.୩୩୧ |
| ପଞ୍ଜାବ | ୧୨ | ୬ | ୫ | ୧ | ୧୩ | +୦.୩୫୫ |
| ଚେନ୍ନଇ | ୧୧ | ୬ | ୫ | ୦ | ୧୨ | +୦.୧୮୫ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| ଦିଲ୍ଲୀ | ୧୨ | ୫ | ୭ | ୦ | ୧୦ | -୦.୯୯୩ |
| କୋଲକାତା | ୧୧ | ୪ | ୬ | ୧ | ୯ | -୦.୧୯୮ |
| ମୁମ୍ବଇ (ଏ) | ୧୨ | ୪ | ୮ | ୦ | ୮ | -୦.୫୦୪ |
| ଲକ୍ଷ୍ନୌ (ଏ) | ୧୧ | ୩ | ୮ | ୦ | ୬ | -୦.୯୦୭ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

■ ସିଏସ୍‌କେକୁ ଆଉ ଏକ ଧକ୍କା

## ଓଭରଟନ ଆଉଟ, ଫରେଷ୍ଟର ଇନ୍

ନୂଆଦିଲ୍ଲୀ,୧୪।୫(ଏଜେନ୍ସି): ୫ଥରର ଆଇପିଏଲ୍ ଚାମ୍ପିଅନ ଚେନ୍ନଇ ସୁପର କିଙ୍ଗ୍‌ସକୁ ଚଳିତ ଟୁର୍ଣ୍ଣାମେଣ୍ଟରେ ଆଉ ଏକ ଶକ୍ତ ଧକ୍କା ଲାଗିଛି। ସିଏସ୍‌କେର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଇଂଲଣ୍ଡ ଅଲରାଉଣ୍ଡର ଜାମି ଓଭରଟନ୍ ଆହତ ହୋଇ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ୨୫ ବର୍ଷୀୟ ଅଲରାଉଣ୍ଡର ଡିଆନ ଫରେଷ୍ଟରଙ୍କୁ ସାମିଲ କରିଛି। ଫରେଷ୍ଟରଙ୍କ ମାତ୍ର ୫ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଅଭିଜ୍ଞତା ରହିଛି ଓ ସିଏସ୍‌କେ ତାଙ୍କୁ ୭୫ ଲକ୍ଷ ଟଙ୍କାର ବେସ୍ ପ୍ରାଇସ୍‌ରେ ଦଳରେ ସାମିଲ କରିଛି। ଚଳିତ ଆଇପିଏଲ୍‌ରେ ୧୪ଟି ୱିକେଟ ନେଇଥିବା ଓଭରଟନଙ୍କ ଜଙ୍ଘ ମାଂସପେଶୀରେ ଗଭୀର ଆଘାତ ଲାଗିଛି। ଅଧିକ ଚିକିତ୍ସା ଲାଗି ସେ ଇଂଲଣ୍ଡ ଫେରିଯାଇଛନ୍ତି। ଗତକାଲି ଆହତ ଫାଷ୍ଟ ବୋଲର ରାମକ୍ରିଷ୍ଣା ଘୋଷଙ୍କ ସ୍ଥାନରେ କର୍ଣ୍ଣାଟକ ଅଲରାଉଣ୍ଡର ମ୍ୟାକ୍‌ନେଲ ନୋରୋନାଙ୍କୁ ସାମିଲ କରିବା ଘୋଷଣା କରିବା ପରେ ଓଭରଟନ୍‌ଙ୍କ ଆହତ ସମସ୍ୟାର ରିପୋର୍ଟ ପଦାକୁ ଆସିଥିଲା।

## ବିରାଟ ବୟାନ: ଦିନେ ମୁଁ ଖେଳିବା ଛାଡ଼ିଦେବି...

ରାୟପୁର, ୧୪।୫ (ଏଜେନ୍ସି): ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ତାରକା ବିରାଟ କୋହଲି ଆଇପିଏଲ୍‌ରେ ୯ମ ଶତକ ହାସଲ କରିଛନ୍ତି। ଗତକାଲି ଏଠାରେ କୋଲକାତା ବିପକ୍ଷରେ ଅନୁଷ୍ଠିତ ମ୍ୟାଚରେ କୋହଲି ୧୦୫ ରନର ଅପରାଜିତ ପାଳି ଖେଳି ଆରସିବିକୁ ୬ ୱିକେଟରେ ବିଜୟୀ କରାଇଥିଲେ। ମ୍ୟାଚ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କୋହଲି ଅବସରକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି। କୋହଲି କହିଛନ୍ତି ଯେ କ୍ରମାଗତ ୨ଟି ମ୍ୟାଚରେ 'ଶୂନ'ରେ ଆଉଟ ହେବା ମୋତେ ଚିନ୍ତାରେ ପକାଇଥିଲା। ମୋ ଖେଳରେ କୌଣସି ତ୍ରୁଟି ନ ଥିଲା, କିନ୍ତୁ ଏହା ମୋତେ କଷ୍ଟ ଦେଇଥିଲା। ଏହା ସତ୍ତ୍ୱେ ମୁଁ ବ୍ୟାଟିଂ କରିବାକୁ ଭଲପାଏ। ଏଥିପ୍ରତି ମୋର ଗଭୀର ଆଗ୍ରହ ରହିଛି। ଏହି ସ୍ତରରେ ଆଜି ମଧ୍ୟ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ବିପକ୍ଷରେ ପ୍ରତିଯୋଗିତା କରିବା ମୋ ପାଇଁ ଏକ ବଡ଼ ସମ୍ମାନ। ମୁଁ ପଡ଼ିଆରେ ମୋର ସର୍ବସ୍ୱ ଦେବି। କାରଣ ଦିନେ ନା ଦିନେ ଏହା ଶେଷ ହୋଇଯିବ ବୋଲି କୋହଲି କହିଥିଲେ। କୋହଲି ଏହି ବୟାନରେ ସେ ନିକଟ ଭବିଷ୍ୟତରେ ସମସ୍ତ ଫର୍ମାଟରୁ ଅବସର ନେବାକୁ ସଙ୍କେତ ଦେଇଥିବା ଚର୍ଚ୍ଚା ହେଉଛି।

## ନାହିଦ ଏପ୍ରିଲ ମାସର ଶ୍ରେଷ୍ଠ କ୍ରିକେଟର୍



ଦୁବାଇ, ୧୪।୫ (ଏଜେନ୍ସି): ବାଂଲାଦେଶ ଦ୍ରୁତ ବୋଲର ନାହିଦ ରାଣା ଏପ୍ରିଲ ମାସ ଲାଗି ଆଇସିସିର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ବିବେଚିତ ହୋଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ ଲାଗି ନାହିଦଙ୍କୁ ଏହି ଆଇସିସି ଟ୍ରଫି ମିଳିଛି। ତିନି ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ରାଣା ୮ଟି ୱିକେଟ୍ ନେଇଥିଲେ। ଫଳରେ ବାଂଲାଦେଶ ୨-୧ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଐତିହାସିକ ସିରିଜ ବିଜୟୀ ହୋଇଥିଲା। ୨୩ ବର୍ଷୀୟ ରାଣାଙ୍କ ତାଙ୍କ କ୍ୟାରିୟରରେ ପ୍ରଥମଥର ଲାଗି 'ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ' ଟ୍ରଫି ଜିତିଛନ୍ତି।

## କୋହଲିଙ୍କ ସମକକ୍ଷ ହେଲେ ରୋହିତ୍

ଧର୍ମଶାଳା, ୧୪।୫ (ଏଜେନ୍ସି): ଆଇପିଏଲ୍ ଇତିହାସରେ ସର୍ବାଧିକ ମ୍ୟାଚ୍ ଖେଳିବାରେ ବିରାଟ କୋହଲିଙ୍କ ସହ ସମକକ୍ଷ ହୋଇଛନ୍ତି ରୋହିତ ଶର୍ମା। ଗୁରୁବାର ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍ ଖେଳି ମୁମ୍ବଇ ଇଣ୍ଡିଆନ୍ସର ରୋହିତ ଶର୍ମା ଏହି କୀର୍ତ୍ତିମାନ କରିଛନ୍ତି। ଆଇପିଏଲ୍‌ରେ ରୋହିତଙ୍କ ଏହା ୨୭୯ତମ ମ୍ୟାଚ୍ ଥିଲା। ଦିନକ ତଳେ ଆରସିବି ତାରକା କୋହଲି କୋଲକାତା ବିପକ୍ଷ ମ୍ୟାଚ୍ ସହ ଆଇପିଏଲ୍‌ରେ ତାଙ୍କର ୨୭୯ତମ ମ୍ୟାଚ୍ ଖେଳିଥିଲେ। ଫଳରେ ଏବେ କୋହଲି ଓ ରୋହିତ ଏହି ତାଲିକାରେ ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ଏହି ତାଲିକାରେ ମହେନ୍ଦ୍ର ସିଂ ଧୋନି (୨୭୮ ମ୍ୟାଚ୍), ଜାଡେଜା (୨୬୫), ଦୀନେଶ କାର୍ତ୍ତିକ (୨୫୭) ଏହି ତାଲିକାରେ ପଛକୁ ପଛ ରହିଛନ୍ତି।

## କ୍ୱାର୍ଟରରେ ସିନ୍ଧୁ, ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ

ବ୍ୟାଙ୍କକ, ୧୪।୫ (ଏଜେନ୍ସି): ପାଞ୍ଚ ଲକ୍ଷ ଡଲାର (୪.୭୮ କୋଟି ଟଙ୍କା) ପୁରସ୍କାର ରାଶିବିଶିଷ୍ଟ ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳିଙ୍କ ବିଜୟ ଅଭିଯାନ ଜାରି ରହିଛି। ପିଭି ସିନ୍ଧୁ, ଲକ୍ଷ୍ୟ ସେନ ଓ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ-ଚିରାଗ ସେଟ୍ଟୀ ଯୋଡ଼ି ପ୍ରମୁଖ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଦୁଇଥରର ଅଲିମ୍ପିକ୍ସ ବିଜୟିନୀ ସିନ୍ଧୁ ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ରେ ୨୧-୧୩, ୨୧-୧୫ ସିଧାସଳଖ ଗେମରେ ଡେନମାର୍କର ଆମେଲି ଶୁଲଜଙ୍କୁ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସିନ୍ଧୁ ବିଶ୍ୱର ୩ ନମ୍ବର ଖେଳାଳି ଜାପାନର ଆକାନେ ୟାମାଗୁଚିଙ୍କୁ ଭେଟିବେ। ସେହିଭଳି ପୁରୁଷ ବିଭାଗରେ ଲକ୍ଷ୍ୟ ୨୧-୧୨, ୨୧-୧୩ ସିଧାସଳଖ ଗେମରେ ଚାଇନାର ଝୁ ଜୁଆନଙ୍କୁ ହରାଇଛନ୍ତି। ଅପରପକ୍ଷରେ ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ମାଲେସିଆର ବ୍ରାଏନା ଜେରେମୀଙ୍କୁ ପରାସ୍ତ କରିଥିଲେ।


ଥାଇଲାଣ୍ଡ ଓପନ

ଟି-୨୦ରେ ୧୦ଟି ଶତକ ଓ ୧୪,୦୦୦ ରନ୍ ପୂରଣ

## କୋହଲି ପ୍ରଥମ ଭାରତୀୟ




ରାୟପୁର,୧୪।୫(ଏଜେନ୍ସି): ଏଠାରେ ବୁଧବାର ଅନୁଷ୍ଠିତ କେକେଆର୍ ବିପକ୍ଷ ଆଇପିଏଲ୍ ଲିଗ୍ ମ୍ୟାଚ୍‌ରେ ଆର୍‌ସିବର ତାରକା ଖେଳାଳି ବିରାଟ କୋହଲି ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ସେ ଅପରାଜିତ ୧୦୫ ରନ୍ କରିବା ଫଳରେ ଆର୍‌ସିବି ୬ ୱିକେଟରେ ବିଜୟୀ ହୋଇଥିଲା। କୋହଲିଙ୍କର ଏହା ୨୭୯ତମ ମ୍ୟାଚ୍ ଥିଲା ଓ ସେ ଏହି ମ୍ୟାଚ୍‌ରେ ତାଙ୍କ ଟି-୨୦ କ୍ୟାରିୟରର ୧୦ମ ଶତକ ଓ ୧୪,୦୦୦ ରନ୍ ପୂରଣ ହୋଇଥିଲା। ଟି-୨୦ରେ ୧୦ଟି ଶତକ ହାସଲ କରିବାରେ ସେ ପ୍ରଥମ ଭାରତୀୟ ତଥା ବିଶ୍ୱର ଚତୁର୍ଥ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ ୨୨ଟି, ପାକିସ୍ତାନର ବାବର ଆଜମ ୧୩ଟି ଓ ଅଷ୍ଟ୍ରେଲିଆର ଡେଭିଡ ୱାର୍ଣ୍ଣର ୧୦ଟି ଶତକ ହାସଲ କରିଛନ୍ତି। କୋହଲି ଯେଉଁ ୧୦ଟି ଶତକ ହାସଲ କରିଛନ୍ତି ତାହା ମଧ୍ୟରୁ ଆଇପିଏଲ୍‌ରେ ରହିଛି ୯ଟି। ଆଇପିଏଲ୍‌ରେ ଏହା ମଧ୍ୟ ଜଣେ ଖେଳାଳିଙ୍କ ଲାଗି ସର୍ବାଧିକ। ତାଙ୍କ ପରେ ଜୋସ୍ ବଟଲର ୭ଟି ଶତକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଏହି ମ୍ୟାଚ୍‌ରେ କୋହଲି ୪୦୯ତମ ଇନିଂସରେ ୧୪,୦୦୦ ଟି-୨୦ ରନ୍ ପୂରଣ କରିଛନ୍ତି। ଏଭଳି ସଫଳତା ପାଇବାରେ ସେ ଦ୍ରୁତତମ। ତାଙ୍କ ପୂର୍ବରୁ ଗେଲ ୪୨୩ଟି ଇନିଂସରେ ୧୪,୦୦୦ ରନ୍ ପୂରଣ କରିଥିଲେ। ସେ ମଧ୍ୟ ଏହି ଫର୍ମାଟରେ ୧୪,୦୦୦ ରନ୍ ପୂରଣ କରିବାରେ ପ୍ରଥମ ଭାରତୀୟ ହୋଇଛନ୍ତି।

ଆଇପିଏଲ୍ ଇତିହାସରେ କ୍ରମାଗତ ଶୂନ୍'ରେ ଆଉଟ ହେବା ପରେ ଶତକ ହାସଲ କରିବାରେ କୋହଲି ମଧ୍ୟ ପ୍ରଥମ ଖେଳାଳି ହୋଇଛନ୍ତି। ବିଶ୍ୱରେ ଖେଳାଯାଇଥିବା ସମସ୍ତ ପ୍ରକାର ଟି-୨୦ରେ ୫ଜଣ ଖେଳାଳି ଏହି ସଫଳତା ପାଇଛନ୍ତି। ସେମାନେ ହେଲେ ୨୦୧୧ରେ ଡେଭିଡ ୱାର୍ଣ୍ଣର, ୨୦୨୨ରେ ରିଲି ରୁଷୋ, ୨୦୨୪ରେ ରୋହିତ ଶର୍ମା, ୨୦୨୪ରେ ସଞ୍ଜୁ ସାମସନ ଓ ୨୦୨୫ରେ ହାସନ ନୱାଜ୍ ଏହି ସଫଳତା ପାଇଛନ୍ତି।

## ଶ୍ରୀଜେଶଙ୍କ ସ୍ଥାନରେ ସୋୟେଜ୍


ଭାରତୀୟ କନିଷ୍ଠ ହକି ଦଳର କୋଚ୍

ନୂଆଦିଲ୍ଲୀ,୧୪।୫(ଏଜେନ୍ସି): ଅଭିଜ୍ଞତା କିମ୍ବା ସଫଳତା ଭାରତୀୟ ହକି ଦଳ ସହ କାମକରିବା ଯୋଗ୍ୟତାର ମାପକାଠି ନୁହେଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଭାରତୀୟ ଦଳର ପୂର୍ବତନ ଅଧିନାୟକ ତଥା ଗୋଲରକ୍ଷକ ପିଆର୍ ଶ୍ରୀଜେଶ। ଅଲିମ୍ପିକ୍ ପଦକ ବିଜେତା ତଥା ଭାରତକୁ ଦୀର୍ଘଦିନ ପ୍ରତିନିଧିତ୍ୱ କରିଥିବା ଶ୍ରୀଜେଶ ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିବା ପରେ ତାଙ୍କୁ ଭାରତୀୟ କନିଷ୍ଠ ଦଳର ହେଡ୍ କୋଚ୍ ନିଯୁକ୍ତ କରାଯାଇଥିଲା। ସେ ମଧ୍ୟ ତାଙ୍କ ଅଭିଜ୍ଞତାକୁ କାମରେ ଲଗାଇ ଭାରତରେ ଖେଳାଯାଇଥିବା କନିଷ୍ଠ ହକି ବିଶ୍ୱକପ୍‌ରେ ଭାରତକୁ କାଂସ୍ୟ ପଦକ ଜିତାଇଥିଲେ। ୧୭ ମାସ ଦାୟିତ୍ୱରେ ରହିବା ପରେ ଏହାର ପୁରସ୍କାର ବିଳମ୍ବରେ ହେଉ ମଧ୍ୟ ଏବେ ମିଳିଛି। ତାଙ୍କ କାର୍ଯ୍ୟକାଳର ରାଜିନାମା ଶେଷ ହେବା ପରେ ହକି ଇଣ୍ଡିଆ ଆଉ ନବୀକରଣ କରିନାହିଁ। ଏହାକୁ ନେଇ ଶ୍ରୀଜେଶ କ୍ଷୋଭ ପ୍ରକାଶ କରିବା ପରେ ଆଜି ହକି ଇଣ୍ଡିଆ ପକ୍ଷରୁ ଫ୍ରାନ୍ସର ଫ୍ରେଡରିକ୍ ସୋୟେଜ୍‌ଙ୍କୁ ଭାରତୀୟ କନିଷ୍ଠ ହକି ଦଳର ହେଡ୍ କୋଚ୍ ନିଯୁକ୍ତ ହୋଇଛନ୍ତି। ହକି ଇଣ୍ଡିଆର କହିବା ଅନୁଯାୟୀ ଫରାସୀ ବ୍ୟକ୍ତି ସୋୟେଜଙ୍କର ୩୦ ବର୍ଷ ଧରି ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ରହିଛି। ସେ ୧୫ବର୍ଷ ଖେଳିଥିଲାବେଳେ ଫ୍ରାନ୍ସ ଓ ସ୍ପେନ୍ ଜାତୀୟ ସିନିଅର ଦଳର ହେଡ୍ କୋଚ୍ ଭାବେ କାମ କରିଛନ୍ତି। କନିଷ୍ଠ ବିଶ୍ୱକପ୍‌ରେ ଫ୍ରାନ୍ସକୁ ୨୦୧୩ରେ ରୌପ୍ୟ ପଦକ ଜିତାଇଥିଲାବେଳେ ଗତବର୍ଷ ୧୮ ବର୍ଷରୁ କମ୍ ଦଳ୍ଲୁ ୟୁରୋପୀୟ ଚାମ୍ପିଅନସିପ୍‌ରେ ମଧ୍ୟ ଫ୍ରାନ୍ସକୁ କାଂସ୍ୟ ପଦକ ବିଜୟୀ କରାଇଥିଲେ। ଏଭଳି ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ତଥା କୋଚ୍‌ଙ୍କୁ ପାଇ ହକି ଇଣ୍ଡିଆ ଭାରତର କନିଷ୍ଠ ଦଳକୁ ଏକ ବିରାଟ ଉପହାର।

## କ୍ରମାଗତ ମ୍ୟାଚ୍ ଜିତିବାରେ ଜୋକୋଭିଚ୍‌ଙ୍କୁ ଟପିଲେ ସିନ୍ନର

ରୋମ, ୧୪।୫ (ଏଜେନ୍ସି): ଏଟିପି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ମ୍ୟାଚ୍ ଜିତିବାରେ ଇଟାଲୀର ଜାନିକ ସିନ୍ନର ବିଶ୍ୱରେକର୍ଡ କରିଛନ୍ତି। ଏଠାରେ ଚାଲିଥିବା ଇଟାଲିଆନ ଓପନ୍‌ର କ୍ୱାର୍ଟର ଫାଇନାଲ ମୁକାବିଲାରେ ଘରୋଇ ଖେଳାଳି ସିନ୍ନର ୬-୨, ୬-୪ ସିଧାସଳଖ ସେଟରେ ୧୨ତମ ସିଡ୍ ଆନ୍ଦ୍ରେ ରୁବଲେଭଙ୍କୁ ପରାସ୍ତ କରିଥିଲେ। ଏଟିପି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟରେ ସିନ୍ନରଙ୍କ ଏହା କ୍ରମାଗତ ୩୨ତମ ବିଜୟ ଥିଲା। ଗତବର୍ଷ ପ୍ୟାରିସ ମାଷ୍ଟର୍ସ ଦ୍ୱିତୀୟ ରାଉଣ୍ଡରୁ ସିନ୍ନରଙ୍କ ଏହି ବିଜୟ ଅଭିଯାନ ଜାରି ରହିଛି। ଏହାରି ମଧ୍ୟରେ ସେ କ୍ରମାଗତ ୫ଟି ମାଷ୍ଟର୍ସ-୧୦୦୦ ଟାଇଟଲ୍ ଜିତି ବିଶ୍ୱରେକର୍ଡ ମଧ୍ୟ କରିଛନ୍ତି। ସିନ୍ନର ସର୍ବିଆର କିମ୍ବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚଙ୍କୁ ପଛରେ ପକାଇଦେଇଛନ୍ତି।

## ନିଖତ ନିରାଶ | ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନରେ ବିଫଳ

ପଟିଆଲା, ୧୪।୫ (ଏଜେନ୍ସି): ଦୁଇଥରର ଅଲିମ୍ପିକ ଚାମ୍ପିଅନ ତଥା ଭାରତର ତାରକା ମହିଳା ବକ୍ସର ନିଖତ ଜରୀନ୍‌ଙ୍କୁ ବଡ଼ ଝଟକା ଲାଗିଛି। ଆଗାମୀ ଦୁଇଟି ମେଗା ଇଭେଣ୍ଟ ଏସୀୟ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିବାରେ ନିଖତ୍ ବିଫଳ ହୋଇଛନ୍ତି। ଏଠାରେ ଚାଲିଥିବା ମହିଳା ୫୧ କିଗ୍ରା ଟ୍ରାଏଲ୍ସର ସେମିଫାଇନାଲରେ ଜରୀନ ୧-୪ରେ ସାକ୍ଷୀ ଚୌଧୁରୀଙ୍କଠାରୁ ହାରି ବିଦାୟ ନେଇଛନ୍ତି। ଏହି ପରାଜୟ ସହ ଜରୀନଙ୍କ ଆଗାମୀ ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ ଆଶା ମଉଳି ଯାଇଛି। ଭିୱାନୀ ବକ୍ସର ସାକ୍ଷୀ ଗତବର୍ଷ ଜୁଲାଇରେ ଅଷ୍ଟାନରେ ଅନୁଷ୍ଠିତ ୱାର୍ଲ୍ଡ ବକ୍ସିଂ କପ୍‌ରେ ୫୪ କିଗ୍ରା ବର୍ଗରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସାକ୍ଷୀ ଏବେ ଫାଇନାଲରେ ମୀନାକ୍ଷୀ ହୁଡାଙ୍କୁ ଭେଟିବେ। ଅନ୍ୟ ଏକ ସେମିଫାଇନାଲରେ ମୀନାକ୍ଷି ୨୦୨୩ ବିଶ୍ୱ ଚାମ୍ପିଅନ ନୀତୁ ଘଙ୍ଘାସଙ୍କୁ ପରାସ୍ତ କରିଥିଲେ। ଫାଇନାଲରେ ସାକ୍ଷୀ ଓ ମୀନାକ୍ଷିଙ୍କ ମଧ୍ୟରୁ ଯିଏ ବିଜୟୀ ହେବ ସେ ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମହିଳା ବକ୍ସିଂର ୫୧ କିଗ୍ରା ବିଭାଗରେ ଭାରତରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବ।


### ଏକାଦଶାହ ଉପଲକ୍ଷେ



୰କେଶବ ଚରଣ ଦଳାଇ
ଚକ୍ରଧରପୁର, ପାରାଦ୍ୱୀପଗଡ଼, ଜଗତସିଂହପୁର
ଆବିର୍ଭାବ : ୨୧.୦୪.୧୯୬୧
ତିରୋଧାନ : ୦୫.୦୫.୨୦୨୬

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

-: ଶୋକସନ୍ତପ୍ତ :-
ପତ୍ନୀ–ଉର୍ମିଳା, ପୁତ୍ର–ଅବିନାଶ, ପୁତ୍ରବଧୂ–ପୂଜାରାଣୀ, କନ୍ୟା–ସୌଦାମିନୀ, ଜ୍ୱାଇଁ–ଚନ୍ଦ୍ରକାନ୍ତ, ନାତି–ଆରୁଷ, ଶୁଭମ, ଓମ୍ ଏବଂ ବନ୍ଧୁ ଓ ପରିବାରବର୍ଗ


## ଭିଣ୍ଟେଜ୍ କ୍ଲବ୍‌ରେ କ୍ରିକେଟ-ଫୁଟ୍‌ବଲ ସୁଯୋଗ

ଭୁବନେଶ୍ୱର,୧୪।୫(ସମିସ): କ୍ୟୁ ସ୍ପୋର୍ଟ୍ସ ଆୟୋଜନରେ ରାଜ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା



ସାଲିଆ ସାହିର ଭିଣ୍ଟେଜ୍ କ୍ଲବ୍‌ରେ କ୍ରିକେଟ ଓ ଫୁଟବଲ ଖେଳିବା ସୁଯୋଗ ସୃଷ୍ଟି ହୋଇଛି। ଫଳରେ ଏହି ଦୁଇ ଲୋକପ୍ରିୟ ଖେଳର ମଜା ଏହି କ୍ଲବ୍ ପରିସରରେ ଏବେ ନେଇ ହେବ। ମିନି ଟର୍ଫ ସ୍ପୋର୍ଟ୍ସ ଫାସିଲିଟି ଅଫ୍ ଭିଣ୍ଟେଜ୍ କ୍ଲବ୍‌କୁ ଆଜି ଏକାମ୍ର ବିଧାୟକ ବାବୁ ସିଂ ଆନୁଷ୍ଠାନିକ ଉଦ୍‌ଘାଟନ କରିବା ପରେ ଏହା ଭିଣ୍ଟେଜ୍ ସ୍ପୋର୍ଟ୍ସ ଆରେନାରେ ପରିବର୍ତ୍ତିତ ହୋଇଛି। ଉଦୀୟମାନ ଖେଳାଳିଙ୍କ ଲାଗି ଏହା ଏକ ବଡ଼ ସୁଯୋଗ ଓ ସେମାନେ ଏହାର ସୁଯୋଗ ନେବା ଉଚିତ ବୋଲି ଅତିଥିମାନେ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମିତରଞ୍ଜନ ନାୟକ, ସତ୍ୟଦୀପ ଦାସ ଓ ବିଜେପି ଯୁବ ଉପସଭାପତି ଅସିତ ଚୌଧୁରୀଙ୍କ ସହ କ୍ଲବ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସଂଯୋଜକ ଗୋବିନ୍ଦ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀଲଙ୍କାରେ 'ଏ' ଟିମ୍‌ର ତ୍ରିରାଷ୍ଟ୍ରୀୟ ଦିନିକିଆ ସିରିଜ୍

# ତିଲକ ଅଧିନାୟକ, ସୂର୍ଯ୍ୟବଂଶୀ ସାମିଲ

ମୁମ୍ବଇ,୧୪।୫(ଏଜେନ୍ସି):

ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ 'ଏ' ଟିମ୍ ଦିନିକିଆ ସିରିଜ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଛି। ଭାରତ-ଏ' ଦଳରେ ସୂର୍ଯ୍ୟବଂଶୀଙ୍କ ଏହା ପ୍ରଥମ ପ୍ରବେଶ। ଯୁଥ୍ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଦଳର ସଦସ୍ୟ ସୂର୍ଯ୍ୟବଂଶୀ ଫାଇନାଲରେ ୮୦ବଲ୍‌ରୁ ୧୭୫ରନ୍ କରି ଇଂଲଣ୍ଡକୁ ହରାଇଦେଇଥିଲେ। ଜୁନ୍ ୯ରୁ ୨୧ଯାଏ ଭାରତ-ଏ', ଶ୍ରୀଲଙ୍କା-ଏ' ଓ ଆଫଗାନିସ୍ତାନ-ଏ'କୁ ନେଇ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ତିଳକ ବର୍ମାଙ୍କୁ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ତାଙ୍କ ଡେପୁଟି ଥିବା ରିୟାନ ପରାଗ, ଫାଷ୍ଟ ବୋଲର ଅଂଶୁ କାମ୍ବୋଜ ଏବଂ ତିଳକ



କେବଳ ୩ଜଣ ଖେଳାଳି ଭାରତ ସିନିଅର ଦଳ ପକ୍ଷରୁ ଖେଳିବାର ଅଭିଜ୍ଞତା ରହିଛି। ଆଇପିଏଲ୍‌ରେ ବିସ୍ଫୋରକ ଓପନିଂ ଯୋଡି ପଞ୍ଜାବର ପ୍ରଭସିମରନ ସିଂ ଓ ପ୍ରିୟାଂଶ ଆର୍ଯ୍ୟଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଭାରତ-ଏ' ତାହାର ପ୍ରଥମ ମ୍ୟାଚ୍ ଶ୍ରୀଲଙ୍କା-ଏ' ସହ ଜୁନ୍ ୯ରେ ଖେଳିବ। ଜୁନ୍ ୨୧ରେ ଫାଇନାଲ ମୁକାବିଲା ପରେ ଶ୍ରୀଲଙ୍କା-ଏ' ସହ ଭାରତ-ଏ' ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ଟେଷ୍ଟ ସିରିଜ୍ ଲାଗି ପରେ ଭାରତୀୟ ଦଳ ଘୋଷଣା କରାଯିବ।

**ଘୋଷିତ ଦଳ:** ତିଳକ ବର୍ମା (ଅଧିନାୟକ), ପ୍ରିୟାଂଶ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ରିୟାନ ପରାଗ (ଉପଅଧିନାୟକ), ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ, ହର୍ଷ ଦୁବେ, ସୂର୍ଯ୍ୟାଂଶ ଶେଦ୍‌ଜେ, ପ୍ରଭସିମରନ ସିଂହ ଓ କୁମାର କୁଶାଗ୍ର (ଉଭୟ ୱିକେଟରକ୍ଷକ), ବିପରାଜ ନିଗମ, ଯଶ ଠାକୁର, ଯୁଦ୍ଧବୀର ସିଂହ, ଅଂଶୁଲ କାମ୍ବୋଜ ଓ ଅର୍ଶାଦ୍ ଖାନ୍।

**ଖେଳସୂଚୀ:** ୯।୬- ଭାରତ-ଏ ବନାମ ଶ୍ରୀଲଙ୍କା-ଏ, ୧୧।୬- ଭାରତ-ଏ ବନାମ ଶ୍ରୀଲଙ୍କା-ଏ, ୧୩।୬- ଆଫଗାନିସ୍ତାନ-ଏ ବନାମ ଶ୍ରୀଲଙ୍କା-ଏ, ୧୫।୬-ଭାରତ-ଏ ବନାମ ଶ୍ରୀଲଙ୍କା-ଏ, ୧୭।୬- ଭାରତ-ଏ ବନାମ ଆଫଗାନିସ୍ତାନ-ଏ, ୧୯।୬- ଆଫଗାନିସ୍ତାନ-ଏ ବନାମ ଶ୍ରୀଲଙ୍କା-ଏ, ୨୧।୬- ଫାଇନାଲ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS